R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୪୯
ତିଥି: ଚତୁର୍ଦ୍ଦଶୀ
୨୩ ନଭେମ୍ବର ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 49
23 November 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ସ୍ଥାପନ ହେବ ସ୍ୱୟଂକ୍ରିୟ ବେଳାଭୂମି ନିରୀକ୍ଷଣ ବ୍ୟବସ୍ଥା

- ଉପଲବ୍ଧ ହେବ ସାମୁଦ୍ରିକ ଝଡ଼ର ପୂର୍ବାନୁମାନ
- ନିର୍ମାଣ ହେବ ବହୁତଳବିଶିଷ୍ଟ ରାଜସ୍ୱ ଭବନ
- ଖର୍ଚ୍ଚ ହେବ ପ୍ରାୟ ୩୪୮ କୋଟି ଟଙ୍କା

ଭୁବନେଶ୍ୱର,୨୨।୧୧(ସବୁ୍ୟ): ଓଡ଼ିଶାର ସମୁଦ୍ର ଉପକୂଳରେ ସ୍ଥାପନ ହେବ "ଭିଡ଼ିଓ କ୍ୟାମେରା-ଆଧାରିତ ସ୍ୱୟଂଚାଳିତ ବେଳାଭୂମି ନିରୀକ୍ଷଣ ବ୍ୟବସ୍ଥା' । ଏହା ସହିତ ଜାତୀୟ ମହାସାଗର ସୂଚନା କେନ୍ଦ୍ରର ଏକ ଆଞ୍ଚଳିକ କେନ୍ଦ୍ର ମଧ୍ୟ ଓଡ଼ିଶାରେ ପ୍ରତିଷ୍ଠା ହେବ । ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।

ଏହି ବ୍ୟବସ୍ଥା ପାଣିପାଗ ସମ୍ବଳିତ ସଠିକ୍ ତଥ୍ୟ ପ୍ରଦାନ କରିବା ସହିତ ସାମୁଦ୍ରିକ ବିପର୍ଯ୍ୟୟର ପୂର୍ବାନୁମାନ ଏବଂ ପୂର୍ବସଂକେତ ପ୍ରଦାନ କରିବ । ସାମୁଦ୍ରିକ ଗବେଷଣା କ୍ଷେତ୍ର ପାଇଁ ମଧ୍ୟ ଏହା ଖୁବ୍ ସହାୟକ ହେବ । ଏଥି ନିମନ୍ତେ ଖୁବ୍‌ଶୀଘ୍ର ଭାରତ



ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଅଧୀନସ୍ଥ (ଇନକୋଇସ୍) ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର ହେବାକୁ ଯାଉଛି ।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱରରେ ଏକ ବହୁତଳ ବିଶିଷ୍ଟ ରାଜସ୍ୱ ଭବନ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ନିର୍ମିତ ଏହି ଭବନର ୯ ମହଲା ତଳେ ୨ଟି ବେସମେଣ୍ଟ ଓ ଗୋଟିଏ ଗ୍ରାଉଣ୍ଡଫ୍ଲୋର ରହିବ । ଏଥିପାଇଁ ସମୁଦାୟ ୩୪୭.୮୬ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଭବନରେ ଗୋଟିଏ ସ୍ଥାନରେ ରାଜସ୍ୱ ବିଭାଗର ସମସ୍ତ ପ୍ରଶାସନିକ ବ୍ୟବସ୍ଥା ରହିବା ଦ୍ୱାରା ଏହା ମାଧ୍ୟମରେ ରାଜସ୍ୱ ବ୍ୟବସ୍ଥାର ସୁପରିଚାଳନା ଏବଂ ରାଜସ୍ୱ ଆଦାୟ ପ୍ରକ୍ରିୟା ସହଜ ଓ ସୁବ୍ୟବସ୍ଥିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି ।

ଦିଲ୍ଲୀରେ ପହଞ୍ଚିଲେ ନେପାଳ ପ୍ରଧାନମନ୍ତ୍ରୀ

ଆଜି ମୋଦୀଙ୍କ ସହ ଦ୍ୱିପାକ୍ଷିକ କଥାବାର୍ତ୍ତା



ନୂଆଦିଲ୍ଲୀ,୨୨।୧୧: ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ରବିବାର ସନ୍ଧ୍ୟାରେ ନିଜର ପ୍ରଥମ ଆଧିକାରିକ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ବିଦେଶ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣକ୍ରମେ ବାଲେନ ଶାହ ଭାରତ ଆସିଛନ୍ତି। ମାର୍ଚ୍ଚ ମାସରେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ନେପାଳ ପ୍ରଧାନମନ୍ତ୍ରୀଙ୍କର ପ୍ରଥମ ସରକାରୀ ଦ୍ୱିପାକ୍ଷିକ ବିଦେଶ ଗସ୍ତ। ସେ ସେପ୍ଟେମ୍ବରରେ ଜାତିସଂଘ ସାଧାରଣ ପରିଷଦରେ ଯୋଗଦେବା ପାଇଁ ଆମେରିକା ଯାଇଥିଲେ।ବାଲେନ ଶାହ ଭାରତରେ ପହଞ୍ଚିବା ପରେ କେନ୍ଦ୍ର ମନ୍ତ୍ରୀ ଜିତିନ୍ ପ୍ରସାଦ ତାଙ୍କୁ ଜୋରଦାର୍ ସ୍ୱାଗତ କରିଥିଲେ। ଶାହଙ୍କ ଏହି ଗସ୍ତରେ ଶକ୍ତି, ବାଣିଜ୍ୟ, ଅର୍ଥନୈତିକ ସହଯୋଗ, ସୀମାପାର ଯୋଗାଯୋଗ ଓ ଭିତ୍ତିଭୂମି ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ

ଆଲୋଚନାର (୯ ପୃଷ୍ଠାରେ)

ଟ୍ରେଲର ଧକ୍କାରେ କାର୍ ଦୁଇଫାଳ: ୭ ମୃତ

କଚ୍ଛ,୨୨।୧୧: ଖୁସିର ଯାତ୍ରା ପାଲଟିଗଲା ଜୀବନର ଶେଷ ଯାତ୍ରା। ଗୁଜରାଟର କଚ୍ଛ ଜିଲ୍ଲାରେ ରାନ୍ନୁ ବୁଲିବାକୁ ଯାଇଥିବା ଦୁଇଟି ପରିବାରର ୭ ସଦସ୍ୟଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶନିବାର ରାତିରେ ଭୟଙ୍କର ସଡ଼କ ଦୁର୍ଘଟଣାରେ ଭାରତୀୟ ସେନାରେ କାର୍ଯ୍ୟରତ ଦୁଇଜଣ ସେନା କର୍ମଚାରୀ, ସେମାନଙ୍କ ପତ୍ନୀ ଓ ସେମାନଙ୍କର ୩ ଜଣ ସନ୍ତାନଙ୍କର କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଉତ୍ତରଖଣ୍ଡର ଗଢ଼ୱାଲ ଅଞ୍ଚଳର ଏହି ଦୁଇ ପରିବାର ଏକ କାରରେ ରାନ୍ ବୁଲିବାକୁ ଯାଇ ଫେରୁଥିବାବେଳେ ଭୁଜ୍ -ଖାଭଡା ହାଇୱେରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେଲର ସହିତ ଜୋରଦାର୍ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରଦାର୍ ହୋଇଥିଲା ଯେ କାର୍ଟି ଦୁଇ ଫାଳ ହୋଇଯାଇଥିଲା। ଦୁର୍ଘଟଣା ରାତି ୯ଟା ୩୦ରୁ ୧୦ଟା ଭିତରେ ହୋଇଥିଲା। କଚ୍ଛ (ପଶ୍ଚିମ) ପୁଲିସ ଅଧୀକ୍ଷକ ବିକାଶ ସୁନ୍ଦା ରବିବାର କହିଛନ୍ତି ଯେ, ଖାଭଡାରୁ ଭୁଜ ଅଭିମୁଖେ ଯାଉଥିବା ହୁଣ୍ଡାଇ ଆଉରା, ଖାଭଡା ଅଭିମୁଖେ ଯାତ୍ରା କରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରଲର ଟ୍ରକ ସହିତ ଧକ୍କା ହୋଇଥିଲା। ଆହତମାନଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ (୯ ପୃଷ୍ଠାରେ)

ଗଣତିମଣତି ହେବ ରତ୍ନଭଣ୍ଡାର ଅଳଙ୍କାର

ପୁରୀ,୨୨।୧୧,(ସବୁ୍ୟ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବ। ଆସନ୍ତା ୨୬ ଓ ୨୭ ତାରିଖରେ ପୁନର୍ବାର ଏହି ଗଣତିମଣତି ହେବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରବିବାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କର ରତ୍ନଭଣ୍ଡାର ଗଣତିମଣତି କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିଥିଲା। ତେବେ କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ନୀତିକାନ୍ତିର ବ୍ୟସ୍ତତା ଅଧିକ ଥିବାରୁ ସେବକ ଓ କମାଣ୍ଡରଙ୍କ ପରାମର୍ଶକ୍ରମେ ଏହାକୁ ସ୍ଥଗିତ ରଖାଯାଇଥିଲା। ଏଏସ୍‌ପି ଅନୁଯାୟୀ ହେବ ଗଣତି ନଭେମ୍ବର ୨୪ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ଏବଂ ୨୫ ତାରିଖରେ ଗୋଟିଏ ଦିନ ବ୍ୟବଧାନ ପରେ ୨୬ ଓ ୨୭ ତାରିଖରେ ଗଣତି କାର୍ଯ୍ୟ ହେବ। ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍‌ଓପି ଅନୁସାରେ ଏବଂ ଅନୁମୋଦିତ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ



ସମ୍ପାଦନ ହେବ। ଏହି ପ୍ରକ୍ରିୟାରେ ପାଳିଆ ସେବକ ଓ ବିଭିନ୍ନ ସେବକ ନିଯୋଗଙ୍କ ସହଯୋଗ ଲୋଡ଼ାଯାଇଛି। ଗଣତି ସମୟରେ ମଧ୍ୟ ଭକ୍ତମାନେ ପୂର୍ବଭଳି ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଥିସହ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ପ୍ରଭାବିତ ନହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ।

ନିଟ୍ ପିଜି ସିଟ୍ ଆବଣ୍ଟନରେ ହୋଇପାରେ ପରିବର୍ତ୍ତନ

ନୂଆଦିଲ୍ଲୀ,୨୨।୧୧: ସରକାର ନିଟ୍ ପିଜି ୨୦୨୬ ସିଟ୍ ଆବଣ୍ଟନ ସିଷ୍ଟମରେ ପରିବର୍ତ୍ତନ ଆଣିପାରନ୍ତି। ଫ୍ଲୋଟ୍ ସିଷ୍ଟମରେ ଏହି ପରିବର୍ତ୍ତନଗୁଡ଼ିକ ବିଷୟରେ ବିଚାର କରାଯାଉଛି। ୧୦ ହଜାରରୁ ଅଧିକ ପୋଷ୍ଟଗ୍ରାଜୁଏଟ୍ ଡାକ୍ତରୀ ସିଟ୍ ବ୍ଲକ୍ଡ ବର୍ଗରେ ପଡ଼ିବା ପରେ ଏହି ଦାବି କରାଯାଉଛି। ନିଟ୍ ପିଜି କାଉନସେଲିଂର ଦ୍ୱିତୀୟ ପର୍ଯ୍ୟାୟ ପରେ ୧୦ ହଜାରରୁ ଅଧିକ ସ୍ନାତକୋତ୍ତର ଡାକ୍ତରୀ ସିଟ୍ ବ୍ଲକ୍ଡ ବର୍ଗରେ ପଡ଼ିଛି। ତଥ୍ୟ ସୂଚାଇ ଦେଉଛି ଯେ, କିଛି ପ୍ରାର୍ଥୀ ଏକକାଳୀନ ଅଲ ଇଣ୍ଡିଆ ଏବଂ ରାଜ୍ୟ କାଉନସେଲିଂ ମାଧ୍ୟମରେ ସିଟ୍ ନିଜ ପାଖରେ ସଂରକ୍ଷଣ କରି ରୋକି ରଖିଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ବର୍ତ୍ତମାନ ସମ୍ପ୍ରତି କାର୍ଯ୍ୟକାରୀ ହୋଇଥିବା ଫ୍ଲୋଟ୍ ସିଷ୍ଟମରେ ପରିବର୍ତ୍ତନ କରିବାକୁ ବିଚାର କରୁଛନ୍ତି।ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ର୍ଯ୍ୟାଙ୍କ ଅନୁଯାୟୀ ସଠିକ୍ ମେଡିକାଲ୍ କଲେଜ ବାଛିବା ଏବଂ ଆଡମିଶନ ପ୍ରକ୍ରିୟାକୁ ସହଜ କରିବାରେ ସହାୟତା ଲାଗି ନିଟ୍ ପିଜି ଏବଂ ନିଟ୍ ୟୁଜି ପ୍ରାର୍ଥୀଙ୍କ ମେଡିକାଲ୍ ଆଡମିଶନ କାଉନସେଲିଂ ଏବଂ ମାର୍ଗଦର୍ଶନ ପାଇଁ ତିଆରି ପ୍ଲାଟଫର୍ମ ସାର୍ଥ ଆପ୍ ଅନୁଯାୟୀ, ନିଟ୍-ପିଜି ୨୦୨୬ କାଉନସେଲିଂର ଦ୍ୱିତୀୟ ପର୍ଯ୍ୟାୟ ପରେ ୧୦,୧୦୫ ସିଟ୍ ବ୍ଲକ୍ଡ ବର୍ଗରେ ତାଲିକାଭୁକ୍ତ ହୋଇଥିଲା।

ଅଲ୍ ଇଣ୍ଡିଆ କାଉନସେଲିଂ ତଥ୍ୟକୁ ଫିଲ୍ଟର କରିବାରୁ ଜଣାପଡ଼ିଛି ଯେ, ଏଗୁଡ଼ିକ ସେହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅବରୋଧିତ ସିଟ୍ ଯେଉଁମାନଙ୍କୁ ଅନ୍ୟ କାଉନସେଲିଂ ପ୍ରକ୍ରିୟାରେ ମଧ୍ୟ ସିଟ୍ ଆବଣ୍ଟିତ କରାଯାଇଥିଲା। ଏହି ତଥ୍ୟ ଡାକ୍ତର କପିଲ ଦେବ ସୋସିଆଲ ମିଡିଆରେ ସେୟାର କରିଥିଲେ। ଆପ୍ ଅନୁଯାୟୀ ତଥ୍ୟ (୯ ପୃଷ୍ଠାରେ)

ଚାକିରି ନାଁରେ ଠକେଇ

ବରମାଳା ବଦଳରେ ହାତକଡ଼ି

ସମ୍ବଲପୁର,୨୨।୧୧,(ସବୁ୍ୟ): ବାହାଘର ବେଦୀରେ ବସିଥିଲା ବର । ମନ୍ତ୍ର ପଢା ଚାଲିଥିଲା, ବରମାଳା ପିନ୍ଧାଇବାକୁ ସମସ୍ତେ ଅପେକ୍ଷା କରିଥିଲେ । ହେଲେ ହଠାତ୍ ବାହାଘର ମଣ୍ଡପରେ ପହଞ୍ଚିଲା ପୋଲିସ । ଚାକିରୀ ଦେବା ଆଳରେ ଠକେଇ ଅଭିଯୋଗରେ ବରକୁ ବେଦୀରୁ ଉଠାଇଲା ନେଲା ସଦର ଥାନା ପୋଲିସ । ମୂହୂର୍ତ୍ତକ ମଧ୍ୟରେ ଖୁସିର ମାହୋଲ ହଟ୍ଟଗୋଳରେ ବଦଳିଗଲା । ବରପକ୍ଷ ହତବାକ୍, କନ୍ୟାପକ୍ଷ ସ୍ତବ୍ଧ । ବରମାଳା



ପିନ୍ଧିବା ବଦଳରେ ବର ହାତରେ ପଡିଲା ହାତକଡି । ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି । ୨୧ଲକ୍ଷ ଟଙ୍କା ଠକେଇ ମାମଲାରେ ସମ୍ବଲପୁର ସଦର ଥାନା ପୋଲିସ କେଉଁଝର ଅଞ୍ଚଳର ସୁମନ୍ତ ଓରାମ(୨୧)ଙ୍କୁ ଗିରଫ କରିଛି । ଏନେଇ ୩୧୯/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ନୀଳଡୁଙ୍ଗୁରୀ (୯ ପୃଷ୍ଠାରେ)

କଳିଙ୍ଗା ଘାଟିରେ ଗଡ଼ିଲା ଗାଡ଼ି

ଫୁଲବାଣୀ,୨୨।୧୧(ସବୁ୍ୟ): ବାତ୍ୟା 'ଆକଭାନ' ପ୍ରଭାବରେ କନ୍ଧମାଳ ଜିଲ୍ଲାର କଳିଙ୍ଗ ଘାଟି ରାସ୍ତାରେ ଲାଗୁ ହୋଇଥିବା ଯାନବାହନ ଚଳାଚଳ କଟକଣାକୁ ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଇଛି। ଫଳରେ ଆଜିଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ଘାଟି ରାସ୍ତାରେ ସମସ୍ତ ପ୍ରକାରର ଯାନବାହନ ଚଳାଚଳ ପୁଣିଥରେ ସ୍ୱାଭାବିକ ହୋଇଛି। ପାଣିପାଗରେ ସୁଧାର ଆସିବା ପରେ ବିଭାଗୀୟ ଅଧିକାରୀମାନେ କଳିଙ୍ଗ ଘାଟି ରାସ୍ତାର ସୁରକ୍ଷା ସ୍ଥିତି ଯାଞ୍ଚ କରିଥିଲେ। ରାସ୍ତାଟି ଯାତାୟତ ପାଇଁ ସମ୍ପୂର୍ଣ୍ଣ ନିରାପଦ ଥିବା ରିପୋର୍ଟ ମିଳିବା ପରେ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ବେଦଭୂଷଣ ପୂର୍ବରୁ ଜାରି ହୋଇଥିବା କଟକଣା ନିର୍ଦ୍ଦେଶନାମାକୁ ରଦ୍ଦ କରିଛନ୍ତି।

ଇଫିରେ ଓଡ଼ିଆ ଚଳଚ୍ଚିତ୍ର 'ବାଘୁଣୀ'ର ଭବ୍ୟ ପ୍ରିମିୟର୍



ଗୋଆ,୨୨।୧୧: ୧୧ ବର୍ଷର ଛୋଟ ଝିଅଟିଏ । ବାଘ ନାଚ କଳାକାର ହେବା ପାଇଁ ଆଶା ପୋଷଣ କରୁଛି । କିନ୍ତୁ ପୁରୁଷ ପ୍ରଧାନ ବାଘ ନାଚ ପରମ୍ପରାରେ ତା'ର ସ୍ୱପ୍ନ ପୂରଣ ହୋଇପାରୁନାହିଁ । ହେଲେ ଦୃଢ଼ମନା ଝିଅଟି ହାର୍ ନମାନି ନିଜର ହକ୍ ଜାହିର୍ କରୁଛି । ସଂଘର୍ଷ କରୁଛି । ଏଭଳି ଏକ ଝିଅର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ବାଘୁଣୀ' ।

ଓଡ଼ିଶାର ଏକ ଉପାନ୍ତ ଗାଁରେ ରହୁଥିବା ୧୧ ବର୍ଷର ଛୋଟ ଝିଅ ମିନିର ସଂଘର୍ଷ କାହାଣୀକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର 'ବାଘୁଣୀ' ଆଜି ଗୋଆରେ ଚାଲିଥିବା ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ(ଇଫି)ରେ ପ୍ରଦର୍ଶିତ ହୋଇଛି । ମହୋତ୍ସବର ଗାଲା ପ୍ରିମିୟର ବିଭାଗରେ 'ବାଘୁଣୀ'ର ଭବ୍ୟ ପ୍ରିମିୟର ଅନୁଷ୍ଠିତ ହୋଇଯାଇଛି । ଚଳଚ୍ଚିତ୍ରରେ ରହିଛି ଦୃଢ଼ମନା ଝିଅ ମିନିର କାହାଣୀ । ବାଘ ନାଚ ଦୀର୍ଘ ସମୟ ଧରି ପୁରୁଷ ପ୍ରଧାନ ପ୍ରଥା ଭାବେ ରହିଆସିଛି । ମିନି ଏହି ସାଂସ୍କୃତିକ ପରମ୍ପରାକୁ ନିଜ ସର୍ତ୍ତରେ ଆପଣାଇବାକୁ ଚାହୁଁଛି । କାରଣ ତା' ପାଇଁ ଏହା କେବଳ ଗୋଟିଏ ନୃତ୍ୟ ନୁହେଁ, (୯ ପୃଷ୍ଠାରେ)

ବାର୍‌ରେ ତୁମୁଳକାଣ୍ଡ : ଅଭିନେତ୍ରୀଙ୍କୁ ଅସଦାଚରଣ

ଭୁବନେଶ୍ୱର,୨୨।୧୧,(ସବୁ୍ୟ): ଚନ୍ଦ୍ରଶେଖରପୁର ଥାନା ଅଧୀନରେ ଥିବା ଏକ ବାର୍‌ରେ ଜଣେ ଅଭିନେତ୍ରୀ ଅନ୍ୟଜଣେ ଗ୍ରାହକଙ୍କୁ ଅଙ୍କଲ ସମ୍ବୋଧନ କରିବାକୁ ନେଇ ତୁମୁଳକାଣ୍ଡ ଘଟିଛି । ଜଣେ ଓଡିଆ ଅଭିନେତ୍ରୀ ଅସଦାଚରଣ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ନେଇ ପୋଲିସ ୧୧୨୪ ନମ୍ବରରେ ମାମଲା ରୁଜୁ କରି ଦଫା ୭୪/୭୫/୩(୫) ଲାଗୁ କରିଛି । ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର କରି ଅସଦାଚରଣ କରିଥିବା ଗ୍ରାହକଙ୍କୁ ପୋଲିସ ଚିହ୍ନଟ କରିଛି ।

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ରୋମିଓ-ଲେନ୍ ବାର୍‌ରେ ଶନିବାର ବିଳମ୍ବିତ ରାତିରେ ଗ୍ରାହକମାନେ ନିଶାସକ୍ତ ଅବସ୍ଥାରେ ନାଚ, ଗୀତରେ ମସ୍‌ଗୁଲ ଥିଲେ । ଏହି ସମୟରେ ନାଚ, ଗୀତରେ ସାମିଲ ଥିବା ଜଣେ ଓଡ଼ିଆ ଅଭିନେତ୍ରୀ ଅନ୍ୟ ଜଣେ ଗ୍ରାହକଙ୍କୁ ଅଙ୍କଲ ସମ୍ବୋଧନ କରି ଦୂରେଇ ନାଚିବାକୁ କହିଥିଲେ । ଏହା ପରେ ସେହି ଗ୍ରାହକ ଉତ୍‌କ୍ଷିପ୍ତ ହୋଇ ଅଭିନେତ୍ରୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଗାଳିଗୁଲଜ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି ଅଭିନେତ୍ରୀଙ୍କୁ ସମ୍ପୃକ୍ତ ଗ୍ରାହକ ଟଣାଭିଡା କରି ଧକା ମାରିଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

ଅଭିଯୋଗ ପାଇବା ପରେ ପୋଲିସର ଏକ ଟିମ୍ ସେହି ବାର୍‌କୁ ଯାଇ ସିସି କ୍ୟାମେରା ପ୍ରଭୃତି ଯାଞ୍ଚ କରିବା ସହ ମାମଲା ରୁଜୁ କରିଛି । ଅଭିଯୋଗ ଅନୁଯାୟୀ ଦଫା ଲାଗୁ କରାଯାଇଥିବା ପୋଲିସ କହିଛି । ସିସି କ୍ୟାମେରାରୁ ଯେଉଁ ଗ୍ରାହକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରିଥିଲେ ଅଭିନେତ୍ରୀ ତାଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ ସୂଚନା ଦେଇଛି । ଖୁବ୍‌ଶୀଘ୍ର ସେ ଗିରଫ ହେବେ ବୋଲି ଚନ୍ଦ୍ରଶେଖରପୁର ଥାନା ସୂତ୍ରରୁ ଜଣାପଡ଼ିଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ବାର୍‌ରେ ରେଭ୍ ପାର୍ଟି ଚାଲିଥିବା ବେଳେ (୯ ପୃଷ୍ଠରେ)

ସରକାରଙ୍କ ବଦଳି ନିର୍ଦ୍ଦେଶକୁ ବିଏସ୍‌ସିଏଲର ଫୁ'

- ପ୍ରକଳ୍ପ ସରିଲାଣି, ଗାଦି ଛାଡୁନାହାନ୍ତି ଅଧିକାରୀ
- ବଦଳି ପରେ ବି ଯାଉନାହାନ୍ତି ବିଏସସିଏଲ ଜିଏମ

ଭୁବନେଶ୍ୱର,୨୨।୧୧,(ସବୁ୍ୟ): ପ୍ରକଳ୍ପ କାମ ସରିଲାଣି । ଆଉ ପ୍ରକଳ୍ପ ନାହିଁ କହିଲେ ଚଳିବ । ଦୈନିକ ରକ୍ଷଣାବେକ୍ଷଣା ଓ ସ୍ମାର୍ଟ ଟ୍ରାଫିକ ସିଗନାଲ ବ୍ୟବସ୍ଥାକୁ ଛାଡ଼ିଲେ ଆଉ କିଛି କାମ ନାହିଁ । କିନ୍ତୁ ବିଏସ୍‌ସିଏଲରେ ମାଳ ମାଳ ଅଫିସର ଥଇଥାନ ହୋଇଛନ୍ତି । ଏଠାରେ ଜେନେରାଲ ମ୍ୟାନେଜର(ଜିଏମ୍) ଥିବା ପୁରନ୍ଦର ନନ୍ଦଙ୍କ ବଦଳି ସରିଲାଣି । କିନ୍ତୁ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି ପଦବୀ ମାଡ଼ି ବସିଛନ୍ତି । ନଗର ଉନ୍ନୟନ ବିଭାଗର ତାଗିଦ ସତ୍ତ୍ୱେ ଅଧିକାରୀଙ୍କ ପଦବୀ ମୋହ ଛାଡୁନି ।

ଶ୍ରୀ ନନ୍ଦ ଦୀର୍ଘ ବର୍ଷ ଧରି ବିଏସସିଏଲ ଜିଏମ୍ ଭାବେ ନିଯୁକ୍ତି ପାଇଥିଲେ । ରାଜ୍ୟରେ ନୂଆ ସରକାର ଆସିବା ପରେ ନିୟମିତ ବ୍ୟବଧାନରେ ବଦଳି କରୁଛନ୍ତି



। ଅନେକ ବିଭାଗ ଓ ଦପ୍ତରରେ ଓଏଏସ୍ ପଦବୀ ଫାଙ୍କା ପଡ଼ିଛି । ସ୍ୱଚ୍ଛତା ରକ୍ଷା ପାଇଁ ଦୀର୍ଘ ଦିନ ଧରି ଗୋଟିଏ ପଦବୀରେ ଥିବା ଅଫିସରଙ୍କୁ ସରକାର ବଦଳି କରୁଛନ୍ତି । ଏହି କ୍ରମରେ ଶ୍ରୀ ନନ୍ଦଙ୍କର ନିକଟରେ ବଦଳି ହୋଇଥିଲା । ଗତ ଅଗଷ୍ଟ ୫ ତାରିଖରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ଜାରି କରାଯାଇ ତାଙ୍କୁ ବିଏସସିଏଲରୁ ବଦଳି କରି ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକଙ୍କ ଅଫିସରେ ନିଯୁକ୍ତି ଦିଆଯାଇଥିଲା । ଏଥିସହ ସେ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଅଫିସରେ ଅତିରିକ୍ତ ଭାବେ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତି ବାହାରିଥିଲା । କିନ୍ତୁ ଏବେ ସୁଦ୍ଧା ଶ୍ରୀ ନନ୍ଦ ବିଏସସିଏଲ୍ ଜିଏମ୍ ପଦବୀ ଛାଡ଼ି ନାହାନ୍ତି । ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଉଛି, ନିକଟରେ ରାଜଧାନୀର ବିଭିନ୍ନ ଟ୍ରାଫିକ ଛକରେ ୩୪୦୦ ଏଆଇ କ୍ୟାମେରା ଲଗାଇବାକ

ছোটদের পাতা

ছবি এঁকে শব্দ



ধাঁধা- কাল। হেঁটে যাই , চড়ুই, ঝড়, শরৎ ঐশ্বর্য, কাল, কাল। ভাত খাই

ভাঙা ছবি



ধাঁধা- দুরন্ত শরৎ এসে ঐশ্বর্য, ঝড়, চড়ুই, বৃষ্টি। ঝড় ও বৃষ্টি নিয়ে বাড়ি ফিরছে। ঝড় ও বৃষ্টি থেমে গেলে আকাশে উঠবে রংধনু। সেই রংধনু দেখে আমরা বলব, শরৎ এসে গেছে।

ছড়ার ছবি



ধাঁধা- দুরন্ত শরৎ এসে ঐশ্বর্য নিয়ে ফিরছে। ঝড় ও বৃষ্টি। ঝড় ও বৃষ্টি থেমে গেলে আকাশে উঠবে রংধনু। সেই রংধনু দেখে আমরা বলব

ଏସ୍‌ସିବି ମେଡିକାଲ୍ କଲେଜର ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

କାର୍ଯ୍ୟ ସମ୍ପନ୍ନ, ଭିତ୍ତିଭୂମିର ବ୍ୟବହାର, ସୁପରିଚାଳନା ଉପରେ ଗୁରୁତ୍ୱ

ଭୁବନେଶ୍ୱର (ସବୁ୍ୟ) : କଟକସ୍ଥିତ ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲର ପୁନର୍ବିକାଶ ତଥା ସମ୍ପ୍ରସାରଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସମ୍ପୂର୍ଣ୍ଣ ହୋଇସାରିଥିବା ନିର୍ମାଣ କାର୍ଯ୍ୟକୁ ହସ୍ପିଟାଲ ପାଇଁ ହସ୍ତାନ୍ତର, ସେଥିରେ ଚିକିତ୍ସା ଉପକରଣ କ୍ରୟ ପୂର୍ବକ ସ୍ଥାପନ, ଏସସିବିର ବିଭିନ୍ନ ବିଭାଗକୁ ପର୍ଯ୍ୟାୟକ୍ରମେ ନୂତନ ଭିତ୍ତିଭୂମିକୁ ସ୍ଥାନାନ୍ତର ଓ ସେସବୁର ରକ୍ଷଣାବେକ୍ଷଣ ଏବଂ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ପ୍ରଦାନ ଆଦି ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

ଲୋକସେବା ଭବନଠାରେ ସମୀକ୍ଷା ବୈଠକରେ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଛନ୍ତି, ଏସସିବି ସାମ୍ପ୍ରସାରଣ ପ୍ରକଳ୍ପରେ ଦୁଇଟି ପ୍ୟାକେଜ ରହିଛି । କ୍ଲିନିକାଲ ପ୍ୟାକେଜରେ ବିଭିନ୍ନ ବିଭାଗ ଓ ଚିକିତ୍ସା ଏବଂ ଦ୍ୱିତୀୟଟି ରେସିଡେନ୍ସିଆଲ (ଆବାସିକ) ପ୍ୟାକେଜ ଯାହାକି ଡାକ୍ତର, କର୍ମଚାରୀଙ୍କ ରହଣି ଓ ଛାତ୍ରବାସ ବ୍ୟବସ୍ଥା ରହିଛି । ଇତି ମଧ୍ୟରେ କ୍ଲିନିକାଲ ବ୍ଲକ ୧ ଏବଂ କ୍ଲିନିକାଲ ବ୍ଲକ ୪ ର ସିଭିଲ କାର୍ଯ୍ୟ ଶତପ୍ରତିଶତ ଶେଷ ହୋଇଛି । ଡିସେମ୍ବର ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ମୁଖ୍ୟ ସଚିବ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ମଧ୍ୟରେ



ମେଡିକାଲ ଓ ନନ ମେଡିକାଲ ଉପକରଣ କ୍ରୟ କରିବାକୁ ଓଡ଼ିଶା ମେଡିକାଲ କର୍ପୋରେସନକୁ ପରାମର୍ଶ ଦିଆଯାଇଛି ।

ସେହିପରି କ୍ଲିନିକାଲ ବ୍ଲକ ୨ ଓ ୩ ଆଗାମୀ ମାର୍ଚ୍ଚ ମାସ ସୁଦ୍ଧା ସରିବ ଏବଂ ସେଥିରେ ଆନୁଷଙ୍ଗିକ ବ୍ୟବସ୍ଥା ସହ ଆଗାମୀ ଜୁନ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାମଗ୍ରିକ ଭାବେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାକି ରହିଥିବା କାର୍ଯ୍ୟ ସାରିବାକୁ ବୈଠକରେ ଉପରେ ଆଲୋଚନା ହୋଇଥିଲା । ଏହି ପ୍ରକଳ୍ପର କ୍ଲିନିକାଲ୍ ପ୍ୟାକେଜ୍‌ରେ ୪ଟି କ୍ଲିନିକାଲ୍ ବ୍ଲକ୍ ଏବଂ ୨ଟିୟୁଟିଲିଟି ବ୍ଲକ୍ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି । କ୍ଲିନିକାଲ ବ୍ଲକ ୧ରେ ଜେନେରାଲ ମେଡିସିନ ୬୦୦ ଶଯ୍ୟା ବିଶିଷ୍ଟ, କ୍ଲିନିକାଲ ବ୍ଲକ ୨ରେ ସ୍ପେସିଆଲାଇଜଡ ସର୍ଜରୀ ୪୫୬ ଶଯ୍ୟା ଏବଂ କ୍ଲିନିକାଲ ୪ ରେ ୫୦୬ ଶଯ୍ୟା ବିଶିଷ୍ଟ ଜେନେରାଲ ସର୍ଜରୀ ଓ ଟ୍ରାମା କ୍ଲିନିକାଲ ବ୍ୟବସ୍ଥା ରହିଛି ।

ଏହା ସହିତ ହଷ୍ଟେଲ୍‌ଗୁଡ଼ିକର ଅକ୍ୟୁପାନ୍ସି ସାର୍ଟିଫିକେଟ୍ ପାଇଁ ସର୍ତ୍ତାବଳୀ ପାଳନ, ଅଗ୍ନି ନିରାପତ୍ତା ଅନୁମତି, ବର୍ଷାଜଳ ସଂରକ୍ଷଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ସୌରଶକ୍ତି ବ୍ୟବସ୍ଥା ସ୍ଥାପନ ଆଦି ବିଷୟରେ ସମୀକ୍ଷା ହୋଇଥିଲା । କ୍ଲିନିକାଲ୍ ପ୍ରକଳ୍ପ ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କିତ ପଦକ୍ଷେପ ନିମନ୍ତେ ମଧ୍ୟ ଆଲୋଚନା କରାଯାଇଥିଲା । ବୈଠକରେ ଇଲେକ୍ଟ୍ରେଫାନିକ୍ସ ଓ ଆଇଟି ତଥା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓପିଟିସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ,ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର ଡା.ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବରିଷ୍ଠ ନେତୃବୃନ୍ଦ ବିଧାନସଭା ପରିସରରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ସାଧାରଣ ଉପଭୋକ୍ତାଙ୍କଠାରୁ ବଲ୍ ଆଦାୟରେ କଠୋରତା

ସରକାରୀ ବିଭାଗ କ୍ଷେତ୍ରରେ ନିରବତା

କଟକ, (ସବୁ୍ୟ): ଓଡ଼ିଶାର ବିଜେପି ସରକାରଙ୍କ ଆର୍ଥିକ ପରିଚାଳନା ଓ ପ୍ରଶାସନିକ ଦକ୍ଷତାକୁ ନେଇ ପୁଣି ପ୍ରଶ୍ନ ଉଠାଇଛି କଂଗ୍ରେସ। ରାଜ୍ୟର ବିଭିନ୍ନ ସରକାରୀ ବିଭାଗ, ପଞ୍ଚାୟତିରାଜ ସଂସ୍ଥା, ପୌରସଂସ୍ଥା ଓ ଏନ୍‌ଏସିଗୁଡ଼ିକ ଚାରିଟି ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ୍)କୁ ମୋଟ ୩୬୮.୧୬ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ତଥ୍ୟ ବିଧାନସଭାରେ ପ୍ରକାଶ ପାଇବା ପରେ ଦଳ ରାଜ୍ୟ ସରକାରଙ୍କୁ ଘେରିଛି। ୩୧ ଅକ୍ଟୋବର ୨୦୨୬ ସୁଦ୍ଧା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଉପରେ ୧୭୫.୨୮ କୋଟି, ବିଭିନ୍ନ ସରକାରୀ ବିଭାଗ ଉପରେ ୧୬୮.୧୮ କୋଟି ଏବଂ ପୌରସଂସ୍ଥା ଓ ଏନ୍‌ଏସିଗୁଡ଼ିକ ଉପରେ ୨୫.୨୦ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରହିଛି। ଏହି ବିପୁଳ ପରିମାଣର ବକେୟା ରାଶି ସରକାରଙ୍କ ଆର୍ଥିକ ଶୃଙ୍ଖଳା ଓ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କଂଗ୍ରେସର ପ୍ରଶ୍ନ, ଜଣେ ସାଧାରଣ ଉପଭୋକ୍ତା ସାମାନ୍ୟ କିଛି ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ରଖିଲେ ତାଙ୍କ ଉପରେ ଜରିମାନା ଲାଗୁ କରାଯିବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ଚେତାବନୀ ଦିଆଯାଉଛି। ଏପରିକି ବିଲ୍ ଆଦାୟ ପାଇଁ କଠୋର ପଦକ୍ଷେପ ନିଆଯାଉଛି। ଅଥଚ ସରକାରୀ ବିଭାଗଗୁଡ଼ିକ ଶହ ଶହ କୋଟି ଟଙ୍କାର ବିଲ୍ ବକେୟା ରଖିଥିଲେ ମଧ୍ୟ ସରକାର ନିରବ କାହିଁକି? ସାଧାରଣ ଲୋକଙ୍କ ପାଇଁ ଗୋଟିଏ ନିୟମ ଓ ସରକାରୀ ବିଭାଗ ପାଇଁ ଅନ୍ୟ ନିୟମ କାହିଁକି ବୋଲି ଦଳ ପ୍ରଶ୍ନ କରିଛି।

ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକୁ ନିୟମିତ ଅର୍ଥ ପୈଠ ନହେଲେ ସେମାନଙ୍କ ଆର୍ଥିକ ସ୍ଥିତି, ଭିତ୍ତିଭୂମିର ବିକାଶ ଓ ଉପଭୋକ୍ତାଙ୍କୁ ଉନ୍ନତ ସେବା ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ରହିଛି। ସରକାର ନିଜ ଦାୟିତ୍ୱ ପାଳନ ନକରି ସାଧାରଣ ଉପଭୋକ୍ତାଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦିବା ଅନୁଚିତ ବୋଲି କଂଗ୍ରେସ କହିଛି।ଏହି ବକେୟା ପାଇଁ ଦାୟୀ କିଏ, କେଉଁ ବିଭାଗ କେତେ ଟଙ୍କା ବକେୟା ରଖିଛି ଏବଂ ଏହା ପ୍ରଶାସନିକ ଅବହେଳା ନା ଆର୍ଥିକ ପରିଚାଳନାର ବିଫଳତା, ତାହାର ସ୍ପଷ୍ଟ ଉତ୍ତର ସରକାର ରଖିବାକୁ ଦଳ ଦାବି କରିଛି। ଏଥିସହ ସମସ୍ତ ବକେୟା ବିଦ୍ୟୁତ୍ ବିଲ୍‌ର ବିଭାଗୱାରୀ ତଥ୍ୟ ସାର୍ବଜନୀନ କରିବା, ବକେୟା ପୈଠ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଘୋଷଣା କରିବା ଏବଂ ଦାୟୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ସ୍ଥିର କରିବାକୁ କଂଗ୍ରେସ ଦାବି କରିଛି। ସରକାରୀ ସଂସ୍ଥାଗୁଡ଼ିକ ନିୟମିତ ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ସ୍ୱଚ୍ଛ ଓ ଦକ୍ଷ ତଦାରଖ ବ୍ୟବସ୍ଥା ପ୍ରଚଳନ କରିବାକୁ ମଧ୍ୟ ଦଳ ଆହ୍ୱାନ ଦେଇଛି।

ନବମ ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ବକ୍ତୃତାମାଳା

"ଭାରତରେ ଡିଜିଟାଲ ମିଡ଼ିଆ ଅଧିକ ଲୋକପ୍ରିୟ ହେଉଛି"

ଭୁବନେଶ୍ୱର, (ସବୁ୍ୟ): ଭାରତରେ ଗଣମାଧ୍ୟମ ଏବେ ମଧ୍ୟ ତାର ଲକ୍ଷ୍ୟ ହରାଇ ନାହିଁ। ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ମିଡ଼ିଆ ତୁଳନାରେ ସାମାଜି ଗଣମାଧ୍ୟମ ବା ଡିଜିଟାଲ ମିଡ଼ିଆ ଦ୍ରୁତଗତିରେ ଆଗେଇ ଚଲିଛି। ପ୍ରିଣ୍ଟ ଓ ଟେଲିଭିଜନ ମିଡ଼ିଆ ଉଲ୍ଲେଖନୀୟ ବ୍ୟବସାୟିକ ଦର୍ଶକୀୟ ପ୍ରତିଦ୍ୱନ୍ଦିତା ରାଜନୈତିକ ଭାବ, ଆପଣାର ନିୟନ୍ତ୍ରଣ ଏବଂ ମାଲିକାନା ଦୃଷ୍ଟିରୁ ପ୍ରଭାବିତ ହେଉଥିବା ବେଳେ ଡିଜିଟାଲ ମିଡ଼ିଆ ଆଗକୁ ଆସିଛି। କିନ୍ତୁ ଏଗୁଡ଼ିକର ପ୍ରଭାବ ଓ ଭବିଷ୍ୟତ ବିପର୍ଯ୍ୟୟ ବୋଲି ପୂର୍ବତନ ରାଜ୍ୟସଭା ସାଂସଦ, ପ୍ରଶାସକ ତଥା 'ପ୍ରସାରଭାରତୀ'ର ଅବସରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଜହର ସରକାର ଉଲ୍ଲେଖ କରିଛନ୍ତି।

ରବିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ନବମ ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ବକ୍ତୃତାମାଳା 'ଭାରତୀୟ ଗଣମାଧ୍ୟମ ଲକ୍ଷ୍ୟହୀନ ହୋଇଯାଉଛି କି'? ପ୍ରସଙ୍ଗ ଉପରେ ଆଲୋକପାତ କରି ଶ୍ରୀ ସରକାର କହିଛନ୍ତି ଯେ, ଭାରତର ଗଣମାଧ୍ୟମ ଭୂମିକା ଗଣତନ୍ତ୍ରର ସଫଳତାକୁ ଉଜାଗର କରିଆସିଛି। ଭାରତରେ ଗଣମାଧ୍ୟମର ବିବର୍ତ୍ତନ ଉପରେ ସେ ବିସ୍ତୃତ ବିବରଣୀ ପ୍ରଦାନ କରି କହିଛନ୍ତି ଯେ, ଏହା ସବୁବେଳେ ସାମାଜିକ ଓ ଧାର୍ମିକ ବୈଷମ୍ୟ, ଉପନିବେଶବାଦୀ ଶକ୍ତିର ଅତ୍ୟାଚାର, ସ୍ୱାଧୀନତାପ୍ରାପ୍ତି ପରେ ସରକାରୀ ଉଦାସୀନତା, ଦୁର୍ନୀତି, ସରକାର ଡିଜିଟାଲ ମିଡ଼ିଆର ପ୍ରଭାବ ଓ ଲୋକପ୍ରିୟତାକୁ ଲକ୍ଷ୍ୟ କରି ନାଗରିକ ସଶକ୍ତିକରଣ ପାଇଁ ପରିବର୍ତ୍ତିତ ମିଡ଼ିଆ ପାଣିପାଗର ପରିଚାଳନା ନିମନ୍ତେ ବ୍ୟାପକ ବିମର୍ଶର ଆବଶ୍ୟକତାକୁ ଅନୁଭବ କରୁଛନ୍ତି। ସାମାଜିକ ଗଣମାଧ୍ୟମର ଲକ୍ଷ୍ୟ ପ୍ରତି ବ୍ୟକ୍ତିବିଶେଷ ତଥା ମାଲିକ ବା କର୍ତ୍ତୃପକ୍ଷ ଶୃଙ୍ଖଳିତ ଓ ପ୍ରତିବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ।

'ବରେନ୍ଦ୍ର କୃଷ୍ଣ ଧଳ ସ୍ମାରକୀ ନ୍ୟାସ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ନ୍ୟାସର ଅଧକ୍ଷ ପ୍ରଦୋଷ ପଟ୍ଟନାୟକ ପୌରହିତ୍ୟ କରିଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଯଥାକ୍ରମେ ବିଶିଷ୍ଟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରେନ୍ଦ୍ର କୃଷ୍ଣ ଧଳଙ୍କୁ ଜଣେ ନିର୍ଭୀକ ସାମ୍ବାଦିକ ତଥା ସାହିତ୍ୟିକ, ସଂଗଠକ ଓ ମୁକ୍ତ ଚିନ୍ତକ ବୋଲି ଅଭିହତ କରି ତାଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉଭୟ ଶ୍ରୀ ଜେନା ଓ ଶ୍ରୀ ମିଶ୍ର ଗଣମାଧ୍ୟମର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ ଉପରେ ମଧ୍ୟ ବିସ୍ତୃତ ଭାବେ ବାଖ୍ୟା କରିଥିଲେ।

ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ପ୍ରତିଷ୍ଠାନ (ଆଇଆଇଏମ୍‌ସି)ର ଛାତ୍ରୀ ସୁଶ୍ରୀ ରୋଜାଲିନ ସାହୁ ଏବଂ ବିଶିଷ୍ଟ ସ୍ତମ୍ଭ ଲେଖକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ନ୍ୟାସ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବାବଦରେ ସୁଶ୍ରୀ ରୋଜାଲିନଙ୍କୁ ନଗଦ ୧୦ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ଶତ୍ରୁଜିତ ମାନପତ୍ର ପାଠ କରିଥିଲେ। ବିଶିଷ୍ଟ କବି, ଅନୁବାଦକ ତଥା ନ୍ୟାସର ସଦସ୍ୟ ସୂର୍ଯ୍ୟ ମିଶ୍ର ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହ ଟ୍ରଷ୍ଟର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ଶେଷରେ ସଦସ୍ୟ ତଥା 'ପଶ୍ଚିମା'ର ସମ୍ପାଦକ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ସଦସ୍ୟ ସିଦ୍ଧାର୍ଥ ଦଳ, ପ୍ରାତିଚ୍ଛନ୍ଦା ଧଳ, ପ୍ରକାଶ ସେଠୀ, ପବିତ୍ର ପ୍ରଧାନ, ବିବେକାନନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ, ସାହିତ୍ୟିକ, ସାମ୍ବାଦିକ, ସଂସ୍କୃତି କର୍ମୀ, ସଂଗଠକ ଏବଂ ବିଶିଷ୍ଟ ନାଗରିକ ସମବେତ ହୋଇଥିଲେ।



ଶୀତ ଆସିବା ଆଗରୁ ନନ୍ଦନକାନନରେ ସ୍ୱତନ୍ତ୍ର ବ୍ୟବସ୍ଥା

ବାରଙ୍ଗ (ସବୁ୍ୟ) : ପ୍ରବଳ ଶୀତ ପଡ଼ିବା ଆଗରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପଶୁପକ୍ଷୀଙ୍କ ଯନି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରତି ଏନକ୍ଲୋଜରରେ ପଶୁଙ୍କ ପ୍ରକୃତି ଅନୁସାରେ କଣ ଦରକାର, ଥଣ୍ଡା କେତେ ଲାଗୁଛି, ରହିବା ଜାଗା କେମିତି ଅଛି - ଏହାକୁ ନେଇ ପଶୁ ଚିକିତ୍ସକ, ବନ ଅଧିକାରୀ ଏବଂ ବୈଷୟିକ କର୍ମଚାରୀଙ୍କ ଟିମ ଯାଞ୍ଚ କରିଛନ୍ତି ।କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ଫିଡିଂ ସେଲ, ନାଇଟ ସେଲଫର ଏବଂ ହୋଲିଂ ଏରିଆରେ ରୁମ ହିଟର୍, ହିଟିଂ ବଲ୍ବ ଲଗାଯାଇ ତାପମାତ୍ରା ନିୟନ୍ତ୍ରଣ କରାଯାଉଛି । ରାତିରେ ଥଣ୍ଡା କମ ଲାଗିବା ପାଇଁ ଶୁଖିଲା ନଡ଼ା, ପାଳ, ବସ୍ତା, କମ୍ବଳ ଏବଂ ଜୁଟ ବ୍ୟାଗ ବିଛାଯାଇଛି । ଥଣ୍ଡାକୁ ସବୁଠୁ ଅଧିକ ସମ୍ବେଦନଶୀଳ ସରୀସୃପ ମାନଙ୍କ ପାଇଁ ହିଟିଂ ବଲ୍ବ,ୟୁଭି-ବି ଲାଇଟ, ଥର୍ମାଲ ବେଡିଂ ଏବଂ ବାସ୍କିଂ ପ୍ଲାଟଫର୍ମ ବ୍ୟବସ୍ଥା କରାଯାଇଛି । ନିୟମିତ ତାପମାତ୍ରା ମାପ କରାଯାଉଥିବା କର୍ତ୍ତୃପକ୍ଷ କହିଛନ୍ତି ।ସେହିପରି ଏନକ୍ଲୋଜର ସଫା ପାଇଁ ପୁରୁଣା ମାଟି କାଢ଼ି ଚୂନ ମିଶା ନୂଆ ମାଟି ପକାଯାଉଛି । ଫିଡିଂ ସେଲ ଏବଂ ବ୍ୟାକ କ୍ରାଲରେ ଚୂନ ଲେପ ଦିଆଯାଉଛି । ଖରା ଭଲ ଭାବେ ପଶିବା ପାଇଁ କେତେକ ସ୍ଥାନରେ ବଢ଼ି ଯାଇଥିବା ଗଛ ଡାଳ କଟାଯାଇଛି । ପାଣି ଟାଙ୍କି, ପୁଲ, ଡ୍ରେନ ସଫା କରାଯାଇ ପଙ୍କ କଢ଼ାଯାଉଛି । ପକ୍ଷୀଙ୍କ ଏନକ୍ଲୋଜରରେ ନେଷ୍ଟ ବକ୍ସ, ବସା ସାମଗ୍ରୀ ଏବଂ ଥଣ୍ଡା ପବନରୁ ରକ୍ଷା ପାଇଁ ପରଦା ବ୍ୟବସ୍ଥା କରାଯାଇଛି ।ପଶୁ ପରିଚାରକ, ପଶୁ ଚିକିତ୍ସା ବିଭାଗ ଏବଂ ଯାଞ୍ଚ ଟିମ ପଶୁଙ୍କ ସଓ୍ୱାସ୍ଥ୍ୟ, ଚାଲିଚଳଣ ଉପରେ ନଜର ରଖିଥିବା କର୍ତ୍ତୃପକ୍ଷ କହିଛନ୍ତି ।

ତୁଳସୀଙ୍କ ସହ ନାରାୟଣଙ୍କ ବିବାହ ସମ୍ପନ୍ନ

ସାକ୍ଷୀଗୋପାଳ,(ସବୁ୍ୟ): କାର୍ତ୍ତିକ ଶୁକ୍ଳପକ୍ଷ ଗରୁଡ ଦାଦଶୀ ତିଥିରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ରବିବାର ସନ୍ଧ୍ୟାରେ ତୁଳସୀ ବିହ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି । ବରପିତା ପ୍ରଦ୍ୟୁମ୍ନ କୁମାର କର ଓ ମାତା ରଶ୍ମିରେଖା କରଙ୍କୁ ବିହ ବେଦିରେ କନ୍ୟା ଦାନ କରିଥିଲେ ।କନ୍ୟା ପିତା ନିରଞ୍ଜନ ମିଶ୍ର ଓ ମାତା ସ୍ୱପ୍ନାରାଣୀ ହୋତା । ବରଯାତ୍ରୀ ମାନଙ୍କୁ ସ୍ୱାଗତ, ପ୍ରଥମ ବରଣ, ଦ୍ୱିତୀୟ ରଣ, ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଉତ୍ସବ ରେ ଯୋଗ ଦେଇଥିବା ମହିଳା ମାନେ ସାତଦିପ, ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ ସହ ହୁଳହୁଳି ଦେଇ ବନ୍ଦାପନା କରିଥିଲେ । ବନ୍ଦାଣ ସରୁପ ମହିଳାମାନେ କିଛି କିଛି ଅର୍ଥରାଶି ପ୍ରଦାନ କରିଥିଲେ । ପଣ୍ଡିତ ହରିହର ମହାପାତ୍ର ଓ ବଂଶୀଧର ପାଢ଼ୀ ଦୈନିକ କାର୍ଯ୍ୟ ସମ୍ପାଦନ କରିଥିଲେ । ରାମଚନ୍ଦ୍ର ନନ୍ଦି,ଶ୍ୱନାଥ ମହାପାତ୍ର, ଜିତେନ ମହାପାତ୍ର, ଲୋକନାଥ ବାରିକ ଓ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

କବିତା ସଂକଳନ 'ଆସେସ ଟୁ ଆଙ୍ଖେମ' ଲୋକାର୍ପିତ

ଭୁବନେଶ୍ୱର: (ସବୁ୍ୟ): କବି ସ୍ୱୟଂପ୍ରଭା ରଥଙ୍କ ରଚିତ ଇଂରାଜୀ କବିତା ସଂକଳନ 'ଆସେସ ଟୁ ଆଙ୍ଖେମ' ଶନିବାର ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲୋକାର୍ପିତ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଆ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କାଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁନାମ ଧନ୍ୟ ତଥା ପ୍ରବୀଣ କବି ଡକ୍ଟର ଫନୀ ମହାନ୍ତି ପୌରହିତ୍ୟ କରିଥିଲେ । କିସ ବିଶ୍ୱ ବିଦ୍ୟାଳୟର ମାନବ ସମ୍ବଳ ମୁଖ୍ୟ ତଥା ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ ଭୋଇ 'ଆସେସ ଟୁ ଆଙ୍ଖେମ' ପୁସ୍ତକରେ ସ୍ଥାନିତ କବିତା ଗୁଡ଼ିକର ସମ୍ବେଦନଶୀଳ ଦୃଷ୍ଟି ବିଷୟରେ ଆଲୋଚନା କରିଥିଲେ ।ପ୍ରଫେସର ସୁଧୀର କୁମାର ଯୋଶୀ କବିତା ଗୁଡ଼ିକର ଚିତ୍ରକଳ୍ପର ବ୍ୟବହାର ବିଷୟରେ ଆଲୋକପାତ



କରିଥିଲେ ଏବଂ ପ୍ରଫେସର ମନୀନ୍ଦ୍ର ମେହେର କବିତା ଗୁଡ଼ିକର ପ୍ରବାହମାନତା ବିଷୟରେ ଉପସ୍ଥିତ ପାଠକ ପାଠିକାଙ୍କୁ ଅବଗତ କରାଇଥିଲେ । ନାଲାକୋ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ମାନବ ସମ୍ବଳ) ଆଶୁତୋଷ ରଥ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମର ଆବାହକ ଥିଲେ ଓ କବି ସ୍ୱୟଂପ୍ରଭାଙ୍କ କବିତା

ଡାକ୍ତରଙ୍କ ନାଁରେ ନିର୍ଯାତନା ଅଭିଯୋଗ କଲେ ପତ୍ନୀ

ଭୁବନେଶ୍ୱର, (ସବ୍ୟୁ) : ଜଣେ ସରକାରୀ ଡାକ୍ତରଙ୍କ ନାଁରେ ନିର୍ଯାତନା ଅଭିଯୋଗ କରିଛନ୍ତି ତାଙ୍କ ପତ୍ନୀ । ଅଭିଯୁକ୍ତ ଡାକ୍ତର ସୋନପୁରରେ ନିଯୁକ୍ତ ଥିବା ତାଙ୍କ ସ୍ତ୍ରୀ କହିଛନ୍ତି । ଅଭିଯୋଗକାରିଣୀଙ୍କ କହିବାନୁଯାୟୀ ଉଭୟେପ୍ରେମବିବାହ କରିଥିଲେ । ଦୁହିଁଙ୍କ ଜାତି ଭିନ୍ନ ଭିନ୍ନ ଥିଲେ ବିବାହ ହୋଇଥିଲା । ପ୍ରଥମେ ଡାକ୍ତରଙ୍କ ପରିବାର ଅନ୍ୟ ଜାତିର ଝିଅକୁ ବିବାହ କରୁ ବୋଲି ଚାହୁଁନଥିଲେ । ବହୁ ବାଦବିବାଦ ପରେ ଉଭୟେ କୋର୍ଟ ମ୍ୟାରେଜ କରିଥିଲେ । ଏହା ପରେ ପରିବାର ଦୁହିଁଙ୍କ ବିବାହକୁ ଗ୍ରହଣ କରିଥିଲେ । ବିବାହ ପରଠାରୁ ଡାକ୍ତର ତାଙ୍କ ପତ୍ନୀଙ୍କୁ ନିର୍ଯାତନା ଦେବା ସହ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକାରିଣୀ ଯେଉଁ ସଙ୍ଗୀନ ଅଭିଯୋଗ କରିଛନ୍ତି, ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବା କଥା । ଗର୍ଭ ନଷ୍ଟ କରିବା ସହ ସ୍ୱାମୀ ହତ୍ୟା ଉଦ୍ୟମ କରିଥିବା ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି । କେବଳ ମାର୍‌ଧର ନୁହେଁ, ବହୁ ସମୟରେ ଯୌନ ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ମହିଳା ଥାନା ପୋଲିସ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ଡାକ୍ତରଙ୍କୁ ଡାକି ପଚାରିବାରୁ ସେ ମାଡ ମାରିବା କଥା ସ୍ୱୀକାର କରିଥିଲେ । ପୋଲିସ ତାଙ୍କୁ ଅଟକ ନରଖି ଛାଡି ଦେଇଥିବାରୁ ଅଭିଯୋଗକାରିଣୀ ଥାନା ବାହାରେ ଗଣମାଧ୍ୟମରେ ଦୃଢ ଅଭିଯୋଗ କରିଛନ୍ତି । ତାଙ୍କ କହିବା କଥା ମୋତେ ଉଚିତ୍ ନ୍ୟାୟ ପ୍ରଦାନ କରୁ ପୋଲିସ । ପୋଲିସ ସ୍ୱାମୀଙ୍କ କଥାରେ ପ୍ରଭାବିତ ହୋଇଥିବା ସେ ସନ୍ଦେହ ପ୍ରକଟ କରିଛନ୍ତି । ଏଡଲା କପି ପାଇନଥିବା ଅଭିଯୋଗକାରିଣୀ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି ।

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ବାଙ୍କୀ ,(ସବ୍ୟୁ): କଟକ ଜିଲ୍ଲା ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ଖଜୁରୀପଦା ବାଙ୍କୀ ମୁଖ୍ୟ ରାସ୍ତାର ଚାରିଛକ ନିକଟରେ ଚାରିଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରି ଅଚେତ କରି ଫିଙ୍ଗି ଦେଇ ଛୁ ମାରିଛନ୍ତି ଦୁର୍ବୃତ୍ତ । ପୁଇଁଚା ପଞ୍ଚାୟତର ଗହିରି ଗାଡ଼ିଆ ଗ୍ରାମ ସୁରେଶ ଚନ୍ଦ୍ର ରାଉତଙ୍କ ସହ ସେହି ଗ୍ରାମର ଦୁଇ ଜଣଙ୍କ ସହିତ ପୂର୍ବରୁ ଗଣ୍ଡଗୋଳ ଘଟିଥିଲା । ଏ ନେଇ ସୁରେଶ କୁମାର ରାଉତଙ୍କ ପତ୍ନୀ ବୈଦେଶ୍ୱର ଥାନାରେ ଏତାଲା ଦେଇଥିଲେ । ଏତାଲା ଅନୁଯାୟୀ ବୈଦେଶ୍ୱର ପୋଲିସ ସୁରେଶକୁ ଡକାଇ ଥିଲେ । ପୋଲିସ ଡାକିବା ଅନୁସାରେ ସନ୍ଧ୍ୟାରେ ସୁରେଶ ନିଜ ଗାଆଁ ଗହୀର ଗାଡ଼ିଆରୁ ବୈଦେଶ୍ୱର ଥାନକୁ ଯାଉଥଲେ । ପୂର୍ବରୁ ନିଛାଟିଆ ସ୍ଥାନମାଉସୀ ମାଆ ଛକରେ ଛକି ରହିଥିବା ଗହିରିଗାଡିଆଗ୍ରାମର ଗ୍ରାମର ଅଜୟ ପାଣିଗ୍ରାହୀ, ବୁଲୁଜା ନାୟକ, ନବ ସିଂହ ଓ ଛେତ ବେହେରା ସଙ୍ଘବଦ୍ଧ ଭାବେ ସୁରେଶଙ୍କ ବାଇକ ଅଟାକାଇ ନିର୍ଜୁମ ମାଡ ମାରି ଅଚେତ ଅବସ୍ଥାରେ ରାସ୍ତା କଡ଼ରେ ଫିଙ୍ଗି ଦେଇ ଛୁ ମାରିଛନ୍ତି । ରାସ୍ତାରେ ଯାଉ ଥିବା ଲୋକେ ଦେଖି କଳାପଥର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।ଖବର ପାଇ କଳାପଥର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପ୍ରଥମେ କଳାପଥର ଡାକ୍ତରଖାନା ରେ ଭର୍ତ୍ତି କରିଥିଲେ ସେଠାରେ ସୁରେଶଙ୍କ ଅବସ୍ଥା ସଂକଟପନ୍ନ ହେବାରୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆ ଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ସୁରେଶଙ୍କ ପରିବାର ଲୋକେ ଦାବି କରିଛନ୍ତି ।



ନୃତ୍ୟଧାରା ପକ୍ଷରୁ ବରିଷ୍ଠ ସାମ୍ବାଦିକ ନିଗମାନନ୍ଦ ପୃଷ୍ଠି ନୁଆଦିଲ୍ଲୀ ଠାରେ ସମ୍ବର୍ଦ୍ଧିତ

ଓଡ଼ିଶା ସମବାୟ ସମିତି ଓ ଲ୍ୟାମ୍ପ କର୍ମଚାରୀ ମହାମଞ୍ଚ

ବିଧାନସଭା ଆଗରେ ୭ଦଫା ଦାବୀରେ ଧାରଣା ଓ ବିକ୍ଷୋଭ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସମବାୟ ସମିତି ଓ ଲ୍ୟାମ୍ପ କର୍ମଚାରୀ ମାନଙ୍କ ତରଫରୁ ବିଧାନସଭା ଆଗରେ ୭ଦଫା ଦାବୀରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଧାରଣାରେ ଅନ୍ୟୁନ ୩୮୦୦ରୁ ଉଦ୍ଧର୍ ବର୍ମଚାରୀ ୩୦ଟି ଜିଲ୍ଲାରୁ ମାଷ୍ଟର କ୍ୟାଂଟିନ ଠାରୁ ଏକ ବିରାଟ ରାଲିରେ ଆସି ଧାରଣା ସ୍ଥଳରେ ପହଂଚି ଥିଲେ। ଏହି ପ୍ରତିବାଦ ସଭାରେ ବିଭିନ୍ନ ଜିଲ୍ଲାର ପ୍ରତିନିଧି ଗଣ ୭ଦଫା ଉପରେ ମତାମତ ଦେଇ କହିଲେ ଯେ ସମସ୍ତ ବର୍ଗର କର୍ମଚାରୀ ଯଥା ସଂପାଦକ, ସହସମ୍ପାଦକ, ପିଅନ, ଡି.ଇ.ଓ, କିରାନୀ, ୱାଚମ୍ୟାନ, ରାତ୍ର ଜଗୁଆଳୀକୁ ସରକାରୀ ୭ମ ବେତନ ହାରରେ ଦରମା ପ୍ରଦାନ କରାଯାଉ। ଓଡ଼ିଶାରେ ୮୦ପ୍ରତିଶତରୁ ଉଦ୍ଧର୍ ସେବାସମବାୟ ସମିତି ଓ ଲ୍ୟାମ୍ପସ୍ କ୍ଷତିରେ ଚାଲୁଥିବାରୁ ସେମାନଙ୍କର ଦରମା ପାଇଁ ରାଜ୍ୟ ସରକାର ୭୦୦ କୋଟି ଟଙ୍କା ବଜେଟ ଉପସ୍ଥାପନ କରନ୍ତୁ। ଆଜି ସୁଧା କାର୍ଯ୍ୟରତ ସମସ୍ତ ବର୍ଗର କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ସଂଗେ ସଂଗେ ନୂତନ ନିଯୁକ୍ତି ବାତିଲ କରନ୍ତୁ। କ୍ୟାଡର ସର୍ଭିସ୍ ରୁଲ୍‌କୁ ସ୍ଥଗିତ ରଖି କେନ୍ଦ୍ର ସରକାରଙ୍କର ତରଫରୁ ପ୍ରକାଶିତ କ୍ୟାଡର ସର୍ଭିସ୍ ରୁଲ୍‌କୁ ପ୍ରଣୟନ କରାଯାଉ। ଆମର ୭ଦଫା ଦାବୀ ପୁରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆଜିକାର ପଥପ୍ରାନ୍ତ ସଭାରେ ନିଷ୍ପତି ଗ୍ରହଣ କରାଗଲା। ଓଡ଼ିଶାର ସମସ୍ତ ସମିତି ଓ ଲ୍ୟାମ୍ପସ୍‌ର ସମସ୍ତ କାର୍ଯ୍ୟ ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ ଆଜି କାର ବୈଠକରେ ନିଷ୍ପତି ନିଆଯାଇଛି। ୨୦୨୬ ମସିହାରେ ପ୍ରକାଶିତ ସର୍ଭିସ୍ ରୁଲ୍‌କୁ ବନ୍ଦ କରାଯାଉ। ଏହି ଆନ୍ଦୋଳନରେ ସଭାପତି ଗୋଲକ ମହାପାତ୍ର, ପବିତ୍ର ମୋହନ ଦାସ, ସୌଭାଗ୍ୟ ପାତ୍ର, କେଳୁଚରଣ ଜଗଦେବ, ଜଗମୋହନ ରଣସିଂ, ନିରଞ୍ଜନ ସାହୁ, ନିତ୍ୟାନନ୍ଦ ଦାସ, ଘନଶ୍ୟାମ ଜେନା, ବୈରାଗୀ ଚରଣ ସାହୁ, ଚିତରଞ୍ଜନ ପଣ୍ଡା, ପ୍ରସନ୍ନ କୁମାର ସିଂ, ତନ୍ମୟ ଶତପଥି, ଭିମସେନ ସାହୁ, ବ୍ରଜ କିଶୋର ମହନ୍ତ, ରାଜେଶ ଚମ୍ପତି ରାୟ, ବିଜୟ ପଲେଇ, ଅଶୋକ କୁମାର ବେଉରା, ଶ୍ରୀଧର ଚୌଧୁରୀ, ନିହାର ପ୍ରଧାନ,ସଞ୍ଜୟ କୁମାର ସାହୁ, ଲିଟନ କୁମାର ଦାସ ଓ ଜ୍ଞାନ ରଞ୍ଜନ ଦାସ ସମେତ ବହୁ କର୍ମଚାରୀ ଯୋଗଦେଇଥିଲେ।

୧୭ଟି ଜିଲ୍ଲାରେ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ସବ୍-ନ୍ୟାସନାଲ୍ ଇମ୍ୟୁନାଇଜେସନ୍ ଡେ' ଅଭିଯାନ

ଛୋଟ ପିଲାଙ୍କୁ ନିଜେ ପୋଲିଓ ଖୁଆଇ ଅଭିଯାନ ଆରମ୍ଭ କଲେ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ୧୭ଟି ଜିଲ୍ଲାରେ ୨୨ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ସବ୍-ନ୍ୟାସନାଲ୍ ଇମ୍ୟୁନାଇଜେସନ୍ ଡେ ଅନ୍ତର୍ଗତ ଦ୍ୱିତୀୟ ପର୍ଯ୍ୟାୟ ସଙ୍ଘନ ପୋଲିଓ ପ୍ରତିଷେଧକ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି । ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଭୁବନେଶ୍ୱରସ୍ଥିତ ଆଇଆରସି ଭିଲେଜ୍‌ର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଛୋଟ ପିଲାଙ୍କୁ ନିଜେ ପୋଲିଓ ଖୁଆଇ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଅଭିଯାନ କାର୍ଯ୍ୟକାରୀ ହେବ ଏବଂ ୨୬ ଲକ୍ଷରୁ ଅଧିକ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରିବାର ଲକ୍ଷ୍ୟ ରହିଛି ।



ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ସମ୍ଭାବ୍ୟ ପ୍ରତିରୋଧକ କ୍ଷମତାର ଅଭାବକୁ ଦୂର କରିବା ଏବଂ ପୋଲିଓ ଭୂତାଣୁ ବିରୋଧରେ ଶିଶୁମାନଙ୍କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯାଉଛି । ଅଭିଯାନର ସଫଳ ରୂପାୟନ ଏବଂ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଟିକାକରଣ ସୁନିଶ୍ଚିତ କରିବା ପାଇଁ ୧୭ଟି ଜିଲ୍ଲାରେ ୧୨,୯୦୮ଟି ଟିକାକରଣ ବୁଥ୍ ସ୍ଥାପନ କରାଯାଇଛି। ରେଳ ଷ୍ଟେସନ୍, ବସ୍ ଷ୍ଟାଣ୍ଡ ଓ ପ୍ରମୁଖ ଯାତାୟାତ ସ୍ଥଳରେ ଶିଶୁମାନଙ୍କୁ ଟିକା ଦେବା ପାଇଁ ୭୩୯ଟି ଟ୍ରାଞ୍ଜିଟ୍ ଟିମ୍ ନିୟୋଜିତ ହେବା ସହ ଦୁର୍ଗମ ଅଞ୍ଚଳ, ନିର୍ମାଣସ୍ଥଳୀ, ଇଟାଭାଟି ଏବଂ ଅନ୍ୟାନ୍ୟ ଅପହଞ୍ଚ ଅଞ୍ଚଳରେ ଟିକାକରଣ ପାଇଁ ୪୦୦ଟି ମୋବାଇଲ୍ ଟିମ୍ କାର୍ଯ୍ୟ କରିବେ। ପ୍ରଥମ ଦିନ ବୁଥ୍‌ରେ ଟିକାକରଣ ଏବଂ ଦ୍ୱିତୀୟ ଓ ତୃତୀୟ ଦିନ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟର ତଦାରଖ ପାଇଁ ୨,୦୦୦ ଜଣ ସୁପରଭାଇଜର ନିୟୋଜିତ ହେବେ। ଏହାସହିତ କଟକର ପ୍ରସିଦ୍ଧ ବାଲିଯାତ୍ରା ପଡ଼ିଆରେ ସ୍ୱତନ୍ତ୍ର ପୋଲିଓ ଟିକାକରଣ କିଓସ୍କ ସ୍ଥାପନ କରାଯାଇଛି । ଯାତ୍ରାକୁ ଆସୁଥିବା କିମ୍ବା ଯାତ୍ରା ସମୟରେ ଯାତାୟାତ କରୁଥିବା କୌଣସି ଶିଶୁ ଯେପରି ଟିକାକରଣରୁ ବଞ୍ଚିତ ନହୁଏ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ସମସ୍ତ ଅଭିଭାବକ, ଗଣମାଧ୍ୟମ ଏବଂ ଜନସାଧାରଣଙ୍କୁ ଏହି ଅଭିଯାନରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ ଜଣାଇଛନ୍ତି।

ପୁରୀରେ ନାରାୟଣ ସେବା ସଂସ୍ଥାନର ମାଗଣା ଚିକିତ୍ସା ଶିବିର

୨୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ସାମିଲ, ୫୧ ଜଣ ଅସ୍ତ୍ରୋପଚାର ପାଇଁ ମନୋନୀତ

ପୁରୀ, (ସବ୍ୟୁ): ଦିବ୍ୟାଙ୍ଗମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ଉଦୟପୁରସ୍ଥିତ ନାରାୟଣ ସେବା ସଂସ୍ଥାନ ପକ୍ଷରୁ ରବିବାର ମାଗଣା ଚିକିତ୍ସା ପରୀକ୍ଷା, ଅସ୍ତ୍ରୋପଚାର ଚୟନ ଓ କୃତ୍ରିମ ଅଙ୍ଗ ମାପ ଶିବିର ଆୟୋଜିତ ହୋଇଛି। ଶିବିରରେ ୨୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗଦେଇଥିବାବେଳେ ୫୧ ଜଣଙ୍କୁ ମାଗଣା ସଂଶୋଧନମୂଳକ ଅସ୍ତ୍ରୋପଚାର ପାଇଁ ମନୋନୀତ କରାଯାଇଛି। ଏଥିସହ ୭୬ ଜଣଙ୍କ ପାଇଁ କୃତ୍ରିମ ହାତ ଓ ଗୋଡ଼ ଏବଂ ୨୫ ଜଣଙ୍କ ପାଇଁ କ୍ୟାଲିପର୍ସର ମାପ ନିଆଯାଇଛି। ମାପ ନିଆଯାଇଥିବା ହିତାଧିକାରୀମାନଙ୍କୁ ପ୍ରାୟ ୪୦ ଦିନ ପରେ ପୁରୀରେ ହେବାକୁ ଥିବା ଫିଟିଂ ଶିବିରରେ ମାଗଣାରେ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବ। ସଂସ୍ଥାର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁମ୍ବାଇ ଶାଖା ସଭାପତି ମହେଶ ଅଗ୍ରୱାଲ, ସମାଜସେବୀ କବିତା ଗୁପ୍ତା, ଇପ୍‌ସିତା ପୂଜାରୀ, ଚିନ୍ତାମଣି ସେଠୀ, ସ୍ୱାମୀ ସୁବୋଧାନନ୍ଦ ମହାରାଜ ଓ ସ୍ୱାମୀ ରାଘବେନ୍ଦ୍ରାଚାର୍ଯ୍ୟ ମହାରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।



ପ୍ରଫେସର ମହାପାତ୍ର କହିଥିଲେ, ମାନବ ସେବା ହେଉଛି ଈଶ୍ୱରଙ୍କ ଆରାଧନାର ଏକ ଶ୍ରେଷ୍ଠ ମାଧ୍ୟମ। ଚିକିତ୍ସା ଓ ପୁନର୍ବାସ ସେବା ମାଧ୍ୟମରେ ନାରାୟଣ ସେବା ସଂସ୍ଥାନ ଅସହାୟଙ୍କ ଜୀବନରେ ଆଶା, ମର୍ଯ୍ୟାଦା ଓ ଆତ୍ମନିର୍ଭରଶୀଳତା ଆଣିବାରେ ସହାୟକ ହୋଇପାରିଛି। ମହେଶ ଅଗ୍ରୱାଲ କହିଥିଲେ, ଶାରୀରିକ ଅକ୍ଷମତା କାହାରି ଦକ୍ଷତା ଓ ଆକାଂକ୍ଷାର ପରିଚୟ ନୁହେଁ। ଉପଯୁକ୍ତ ଚିକିତ୍ସା ଓ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଦିବ୍ୟାଙ୍ଗମାନେ ନିଜର ଆତ୍ମବିଶ୍ୱାସ ଓ ସ୍ୱାଧୀନତା ଫେରିପାଇପାରିବେ। ସଂସ୍ଥାନର ନିର୍ଦ୍ଦେଶିକା ବନ୍ଦନା ଅଗ୍ରୱାଲ କହିଥିଲେ, ମାନବ ସେବା ସହିତ ପ୍ରତ୍ୟେକ ଜୀବ ପ୍ରତି କରୁଣା ଓ ସମ୍ବେଦନଶୀଳତା ରହିବା ଆବଶ୍ୟକ। ସଂସ୍ଥାନ ପକ୍ଷରୁ ଚଳପ୍ରଚଳରେ ଅକ୍ଷମ ଗୋମାତାଙ୍କୁ ମଧ୍ୟ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଉଛି। ଜାପାନ ଓ ଜର୍ମାନୀର ଜ୍ଞାନକୌଶଳରେ ପ୍ରସ୍ତୁତ ହାଲୁକା ଓ ଦୀର୍ଘସ୍ଥାୟୀ 'ନାରାୟଣ ମଡ୍ୟୁଲାର କୃତ୍ରିମ ଅଙ୍ଗ' ହିତାଧିକାରୀଙ୍କ ଶାରୀରିକ ଗଠନ ଅନୁଯାୟୀ ପ୍ରସ୍ତୁତ କରାଯାଏ। ଶିବିରରେ ଡାକ୍ତରୀ ଦଳ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଅସ୍ତ୍ରୋପଚାର ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରିଥିଲେ। ପ୍ରୋସ୍ଥେଟିକ୍ସ ଆଣ୍ଡ ଅର୍ଥୋଟିକ୍ସ (ପି ଆଣ୍ଡ ଓ) ଦଳ କୃତ୍ରିମ ଅଙ୍ଗ ଓ କ୍ୟାଲିପର୍ସ ପାଇଁ ବୈଷୟିକ ମାପ ନେଇଥିଲେ। ସନ୍ଧ୍ୟାରେ ଧ୍ୟାନ, ଯୋଗ ଓ ଆତ୍ମସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଓ ପୁରୀର ଧ୍ୟାନ ଓ ପ୍ରକୃତିପ୍ରେମୀମାନେ ଏଥିରେ ଯୋଗଦେଇ ସକାରାତ୍ମକ ଜୀବନଶୈଳୀ ଓ ମାନସିକ ସୁସ୍ଥତାର ବାର୍ତ୍ତା ଗ୍ରହଣ କରିଥିଲେ।

ମାଛ ଧରା କଣ୍ଟାରେ ଲାଗିଲା ୪ ଫୁଟର କୁମ୍ଭୀର

ଆଳି ,(ସବ୍ୟୁ):ଆଳି ଥାନା ଅନ୍ତର୍ଗତ ପାଞ୍ଚଣପଡା ଗ୍ରାମର ଜଣେ ବ୍ୟକ୍ତି ମାଛ ଧରା ନିମନ୍ତେ ବନିସ କଣ୍ଟାରେ ଜିଅଳି ଦେଇ ନଦୀରେ ଛଡ ପୋତି ଥିଲେ । ବାଳିଆ ମାଛ ଧରିବା ପାଇଁ ନଦୀରେ ବନିସ କଣ୍ଟା ପକାଯାଇଥିବା ବେଳେ ମାଛ ବଦଳରେ ଲାଗିଥିଲା ଚାରି ଫୁଟର କୁମ୍ଭୀର । ଏହି କୁମ୍ଭୀରର ଚିକିତ୍ସା କରାଇ ରାଜନଗରର ବନ ବିଭାଗକୁ ନେଇ ଯାଇଛନ୍ତି । କିନ୍ତୁ କଣ୍ଟାରେ ମାଛ ବଦଳରେ ଏକ ସାଢେ ଚାରି ଫୁଟର କୁମ୍ଭୀର ଲାଗିଯିବା ପରେ ସେ ଏହାକୁ ଉପରକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ ମାଛ ଧରାଳି । ଏହି ଖବର ପାଇ ଘଟଣା ସ୍ଥଳରେ ଆଳି ବନବିଭାଗର ବନରକ୍ଷୀ ଲକ୍ଷ୍ମୀପ୍ରିୟା ଖଟୁଆ ଓ ନିହାର ସାମଲ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରି ଆଳି ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ । ଖବର ପାଇ ରାଜନଗର ବନ ବିଭାଗର ଫରେଷ୍ଟର ବିଭୁତି ଭୂଷଣ ତରାଇ ଆଳିରେ ପହଞ୍ଚି ଆଳି ପ୍ରାଣୀ ବିଭାଗ ସହଯୋଗରେ ଡାକ୍ତର ସତ୍ୟବ୍ରତ ଦାସ, ରଞ୍ଜନ ସ୍ୱାଇଁ କୁମ୍ଭୀରର ଚିକିତ୍ସା କରାଇଥିଲେ । କୁମ୍ଭୀର ପାଟିରୁ ବନିସ କଣ୍ଟା କଢ଼ାଯିବା ପରେ କୁମ୍ଭୀରଟି ସୁସ୍ଥ ଥିବା ବେଳେ ଅଧିକ ଚିକିତ୍ସା ନିମନ୍ତେ ରାଜନଗର ବନ ବିଭାଗକୁ ନିଆଯାଇଥିବା ନେଇ ଫରେଷ୍ଟର ବିଭୁତି ଭୂଷଣ ତରାଇ ସୂଚନା ଦେଇଛନ୍ତି ।

ଓଡ଼ିଶାରେ ଘରୋଇ ଯାତ୍ରା ସର୍ବେକ୍ଷଣ ଆଜିଠାରୁ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ "ଗତିଶୀଳ ଓଡିଶା" ଅଭିଯାନ ଅଧୀନରେ ଭୁବନେଶ୍ୱର–କଟକ–ପୁରୀ–ପାରାଦୀପ ଆର୍ଥିକ ଅଞ୍ଚଳ (ବିକେପିପିଇଆର) ପାଇଁ ସମନ୍ୱିତ ଆଞ୍ଚଳିକ ଗମନାଗମନ ଯୋଜନା ପ୍ରସ୍ତୁତି ନିମନ୍ତେ ଆସନ୍ତା ନଭେମ୍ବର ୨୩, ୨୦୨୬ରୁ ଏକ ବ୍ୟାପକ ଘରୋଇ ଯାତ୍ରା ସର୍ବେକ୍ଷଣ ଆରମ୍ଭ କରାଯିବ। ଏହି ସର୍ବେକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଞ୍ଚଳବାସୀଙ୍କ ଦୈନନ୍ଦିନ ଯାତାୟାତର ଆବଶ୍ୟକତା, ଯାତ୍ରାର ଧାରା ଏବଂ ଗମନାଗମନ ସମ୍ପର୍କିତ ସମସ୍ୟାଗୁଡ଼ିକୁ ବୁଝିବା। ଏଥିରୁ ମିଳିବାକୁ ଥିବା ତଥ୍ୟ ଆଧାରରେ ଏକ ସମନ୍ୱିତ, ଦକ୍ଷ, ସୁଲଭ ଓ ନାଗରିକକେନ୍ଦ୍ରିକ ଆଞ୍ଚଳିକ ପରିବହନ ବ୍ୟବସ୍ଥା ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହା ମାଧ୍ୟମରେ ପ୍ରମୁଖ ସହରାଞ୍ଚଳ ଓ ଉଦୀୟମାନ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ନିରବଚ୍ଛିନ୍ନ ଯୋଗାଯୋଗ ସୁନିଶ୍ଚିତ କରିବା ଲକ୍ଷ୍ୟ ରହିଛି। ସର୍ବେକ୍ଷଣରେ ଲୋକମାନେ ଯାତାୟାତ ପାଇଁ କେଉଁ ପରିବହନ ମାଧ୍ୟମକୁ ପସନ୍ଦ କରୁଛନ୍ତି, ଯାତ୍ରାରେ କେତେ ସମୟ ଲାଗୁଛି, ଯାତାୟାତରେ କେତେ ଖର୍ଚ୍ଚ ହେଉଛି, କେତେଥର ଯାତ୍ରା କରୁଛନ୍ତି, କେଉଁଠାରେ ଯୋଗାଯୋଗ ବ୍ୟବସ୍ଥାର ଅଭାବ ରହିଛି ଏବଂ ଦୈନନ୍ଦିନ ଯାତ୍ରା ସମୟରେ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏଥିସହ ସାର୍ବଜନୀନ ପରିବହନ ସେବା, ସଡ଼କ ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆବଶ୍ୟକ ପରିବହନ ଭିତ୍ତିଭୂମିର ଉନ୍ନତି ପାଇଁ ନାଗରିକମାନେ ନିଜର ମତାମତ ଓ ପରାମର୍ଶ ଦେବାର ସୁଯୋଗ ପାଇବେ।

ଏହି ପଦକ୍ଷେପରେ ଜନସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, "ଯାତାୟାତ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ନୁହେଁ; ଏହା ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଓ ବିଭିନ୍ନ ସୁଯୋଗ ସହ ଯୋ

ମେଡିକାଲରେ ଝିଅକୁ ପୋଲିଓ ଖୁଆଇଲେ ଜିଲ୍ଲାପାଳ

ଛତ୍ରପୁର, (ସବୁ୍ୟ): ଜୀବନ ପାଇଁ ଦୁଇ ବୁନ୍ଦା, ଜନ୍ମରୁ ୫ବର୍ଷର ଶିଶୁଙ୍କୁ ଅତ୍ୟନ୍ତ ଜରୁରୀ ପୋଲିଓ ଦୁଇ ବୁନ୍ଦା । ପୋଲିଓ ମୁକ୍ତ ହେବ ଭାରତ ଏହି ଲକ୍ଷ୍ୟ ନେଇ ଚାଲିଛି ଏହି ଅଭିଯାନ । ଏହି ଅବସରରେ ଛତ୍ରପୁରସ୍ଥିତ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଜିଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଭି.କିର୍ତି ଭାସନ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ନିଜ ଝିଅକୁ ମଧ୍ୟ ପଲସ ପୋଲିଓ ଦୁଇ ବୁନ୍ଦା ଦେଇ ଏକ ସଚେତନତାର ବର୍ତ୍ତା ପ୍ରଦାନ କରିଥିଲେ । ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁ ଏହି ପୋଲିଓ ବୁନ୍ଦା ନେବାପାଇଁ ଅନୁରୋଧ କରିଥିଲେ। ରାଜ୍ୟ ସରାକରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି । କୌଣସି ଶିଶୁ ଯେପରି ଏଥିରୁ ବାଦ ପଡିବେ ନାହିଁ , ଶିଶୁ ସୁସ୍ଥ ରହିଲେ



ଦେଶ ଆଗକୁ ବଢିବ ବୋଲି ଜିଲାପାଳ କହିଥିଲେ। ଗଞ୍ଜାମ ଜିଲାରେ ଚଳିତ ବର୍ଷ ୩ ଲକ୍ଷ ୪୫ ହଜାର ୧୧ ଜଣ ଶିଶୁକୁ ଏହି ପଲସ ପୋଲିଓ ବିନ୍ଦୁ ପାନ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଏନେଇ ରବିବାରଦିନ ୧୬୩୭ଟି ବୁଥ ଅନୁଷ୍ଠିତ ହୋଇଥିବା ବେଳେ ୩୨୪ଟି ଟିମ କରାଯାଇଥିବା ବେଳେ ୬୫୪୮ ଜଣ କର୍ମୀ ନିୟୋଜିତ ହୋଇଛନ୍ତି। ବସଷ୍ଟାଣ୍ଡ, ରେଳ ଷ୍ଟେସନ ଆଦି ଜନଗହଳି ସ୍ଥାନ ପାଇଁ ୭୫ଟି ଟ୍ରାଞ୍ଜିଟ ଟିମ ଓ ଉପାନ୍ତ ଅଂଚଳ ପାଇଁ ୫୫ଟି ମୋବାଇଲ ଟିମ ଗଠନ ହୋଇଥିବା ବେଳେ ଏହାକୁ ତଦାରଖ କରିବା ପାଇଁ ୩୨୩ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ଯେଉଁ ଶିଶୁ ଏହି ପୋଲିଓ ବୁନ୍ଦା ଖାଇବାରୁ ବଂଚିତ ରହିଯାଇଛନ୍ତି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସନ୍ତା ୨୩ ଓ ୨୪ରେ ଘରକୁ ଘର ବୁଲି ପଲସ ପୋଲିଓ ବୁନ୍ଦା ଦେବେ ।

ଅନ୍ୟମାନେ ମଧ୍ୟ ଆସି ସେମାନଙ୍କ ପିଲାମାନଙ୍କୁ ଏହି ପୋଲିଓ ବୁନ୍ଦା ଦେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ଏହି କାର୍ଯ୍ୟକ୍ରମରେ ସିଡିଏମଓ ଡ଼ ଉମାକାନ୍ତ ସାହୁ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡ଼. ଅଲେଖ ପ୍ରଧାନ, ଡ଼ ଅତିଫ ଅଲ୍ଲୀ, ଡ଼. ବି. ସରଙ୍ଗୀ, ଡିପିଏମ ବୁଲୁନାଥ ସାହୁ, ସ୍ୱାସ୍ଥ୍ୟ ବିଭାଗର ଦିଲ୍ଲୀପ କୁମାର ପଣ୍ଡା,ରୋଟାରିୟନ ପ୍ରଫୁଲ କୁମାର ପଟ୍ଟନାୟକ, ଛତ୍ରପୁର ମେଡିକାଲ ମ୍ୟାନେଜର ଗଣେଷ ନାହାକ, ପ୍ରଶାନ୍ତ କୁମାର ସାହୁ ଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ ଆଶାକର୍ମୀ ମାନେ ଉପସ୍ଥିତ ଥିଲେ ।

ଇନରହ୍ୱିଲ ଡିଷ୍ଟ୍ରିକ୍ଟ ଚେୟାରମେନଙ୍କ ବାରିପଦା ଗସ୍ତ



ବାରିପଦା, (ସବୁ୍ୟ) : ଇନରହ୍ୱିଲ ଡିଷ୍ଟ୍ରିକ୍ଟ ୩୨୬୨ର ଡିଷ୍ଟ୍ରିକ୍ଟ ଚେୟାରମେନ ଡା. ମଞ୍ଜୁଷା ବୈଶମ୍ପାୟନଙ୍କ ବାରିପଦା ଗସ୍ତ ଅବସରରେ ବାରିପଦା ଇନରହ୍ୱିଲ କ୍ଲବ ପକ୍ଷରୁ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କ୍ଲବ ପକ୍ଷରୁ ଚଳିତ ବର୍ଷ ହାତକୁ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଡିଷ୍ଟ୍ରିକ୍ଟ ଚେୟାରମେନ ଭୂୟସୀ ପ୍ରଶଂସା କରିଥିଲେ ।

ଗସ୍ତର ପ୍ରାରମ୍ଭରେ ସେ ବାରିପଦା କୁଷ୍ଠାଶ୍ରମଠାରେ ଆୟୋଜିତ ଅନ୍ନଦାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପରେ ଛଡ଼ପଡ଼ିଆର ଦକ୍ଷିଣ ପାଶ୍ୱର୍ ଦ୍ୱାର ନିକଟରେ ସ୍ଥାପିତ ଇନରହ୍ୱିଲ ସେବା ଓ ବନ୍ଧୁତ୍ୱ ସ୍ତମ୍ଭକୁ ଉଦଘାଟନ କରି ଲୋକାର୍ପଣ କରିଥିଲେ । ବାରିପଦା ଇନରହ୍ୱିଲ କ୍ଲବର ସଭାପତି ସୁପ୍ରାତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ସଭା କାର୍ଯ୍ୟ ଆୟୋଜିତ ହୋଇଥିଲା । ସଭାରେ ଡା. ମଞ୍ଜୁଷା ବୈଶମ୍ପାୟନ ଦେଶ ଓ ଜାତିର ବିକାଶରେ ନାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ କ୍ଲବର ସମ୍ପାଦିକା ସଂଯୁକ୍ତା ଚାନ୍ଦ ଚଳିତ ବର୍ଷ ଏପର୍ଯ୍ୟନ୍ତ ହାତକୁ ନିଆଯାଇଥିବା ୩୨ଟି ଜନକଲ୍ୟାଣକାରୀ କାର୍ଯ୍ୟର ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ସମାଜସେବୀ ପ୍ରଣତି ଦାସ ଓ ଆଶାକର୍ମୀ କମଳିନୀ ରଣାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କରାଯାଇଥିଲା । ଡ. ପୁଷ୍ପା ପାତ୍ରଙ୍କ ସମ୍ମାନାରେ ପ୍ରକାଶିତ କ୍ଲବର ମୁଖପତ୍ର "ଆଦ୍ୟା' ମଧ୍ୟ ଏହି ଅବସରରେ ଲୋକାର୍ପିତ ହୋଇଥିଲା । ସଭାରେ ଡା. ରଞ୍ଜୁଲତା ମହାନ୍ତି, ପ୍ରିୟଦର୍ଶିନୀ ପଟ୍ଟନାୟକ, ନିବାଚିତା ସାହୁ, ରଞ୍ଜିତା ମହାପାତ୍ର, ମର୍ଜ୍ଜିନା ପଟ୍ଟନାୟକ, ବାଣାପାଣି ମହାପାତ୍ର ଓ କୁନ୍ତିମଣି ପାତ୍ରଙ୍କୁ ନୂତନ ସଦସ୍ୟା ଭାବେ କ୍ଲବରେ ସଓ୍ୱାଗତ କରାଯାଇଥିଲା । ସଦସ୍ୟା ଶ୍ୟାମଳୀ ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଉପସଭାପତି ନର୍ମଦା ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର, (ସବୁ୍ୟ) : ଜଣେ ସାଙ୍ଗ ଠାରୁ ୧୮ ଲକ୍ଷ ଟଙ୍କା ଋଣ ନେଇ ଧାର୍ଯ୍ୟ ସମୟରେ ଫେରସ୍ତ ନକରିବା ସହ ସେ ଦେଇଥିବା ଚେକ ବାଉନ୍ସ ହେବା ନେଇ ଗୋସାଇଁନୂଆଗାଁ ଥାନାରେ ୨୦୨୫ ରେ ଠକେଇ ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରୁଥିଲେ ମଧ୍ୟ ତାଙ୍କୁ ଧରିବାରେ ବିଫଳ ରହିଥିଲା । ଶେଷରେ ପୋଲିସ ତାଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ଗଣେଶନଗର ପ୍ରଥମ ଲେ[ର ସିଏଚ. ରାଜେଶ କୁମାର ସୁବୁଦ୍ଧି । ମାମଲା ନଂ ୨୨୫/୨୫ ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାରୁ ପ୍ରକାଶ ଯେ, ଉକ୍ତ ଥାନା ଅନ୍ତର୍ଗତ ମାଣ୍ଡିଆପଦର ଷ୍ଟ୍ରିଟ୍ର ସୁନୀଲ କୁମାର ପାଣିଗ୍ରାହୀଙ୍କ ଠାରୁ ୨୦୨୫ ଫେବୃଆରୀ ମାସରେ କୌଣସି କାମ ପାଇଁ ତାଙ୍କ ସାଙ୍ଗ ଉକ୍ତ ରାଜେଶ ସୁବୁଦ୍ଧି ୧୮ ଲକ୍ଷ ଟଙ୍କା ଧାର ନେଇଥିଲେ । ନିର୍ଦ୍ଧାରିତ ସମୟମଧ୍ୟରେ ସେ ଟଙ୍କା ଫେରସ୍ତ କରିପାରିନଥିଲେ । ଏଣୁ ସେ ଟଙ୍କା ସାଙ୍ଗ ସୁନୀଲଙ୍କୁ ଉକ୍ତ ଟଙ୍କା ବାବଦକୁ ଏକ ଚେକ ଦେଇଥିଲେ । ଉକ୍ତ ଚେକଟି ସୁନୀଲ ବ୍ୟାଙ୍କରେ ଜମା କରିବା ପରେ ରାଜେଶଙ୍କ ଏକାଉଣ୍ଟରେ ଟଙ୍କା ନଥିବାରୁ ତାହା ବାଉନ୍ସ ହୋଇଯାଇଥିଲା । ଠକେଇର ଶିକାର ହୋଇଥିବା ଜାଣିବା ପରେ ସୁନୀଲ ୨୦୨୫ ଜୁଲାଇ ୧୦ ତାରିଖରେ ଡାକ ଯୋଗେ ଗୋଶାଣିନୁଆଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିଥିଲା । ହେଲେ ତାଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଥିଲା । ଘଟଣାର ବର୍ଷକ ପରେ ପୋଲିସ ଅଭିଯୁକ୍ତ ରାଜେଶଙ୍କୁ କାବୁ କରିଥିଲା ବୋଲି କହିଛି ।

ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର, (ସବୁ୍ୟ) : ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ୧୨୭ତମ ଜୟନ୍ତୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ଗଞ୍ଜାମ ଆନୁକୂଲ୍ୟରେ ରବିବାର ଦିନ ବ୍ରହ୍ମପୁର ମଣ୍ଡଳ କାରାଗାର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର ବଳିଦାନର ସ୍ମୃତିଚାରଣ କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, କମିଶନର ଆକବରମ ସସ୍ୟା ରେଡ୍ଡୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ଅଦମ୍ୟ ସାହସ, ଦେଶପ୍ରେମ ଓ ତ୍ୟାଗର ଅମର ମହାନ ଗାଥା



ସ୍ମରଣ କରିଥିଲେ । ବ୍ରିଟିଶ ଶାସନ ବିରୋଧରେ କୋରାପୁଟ ଅଞ୍ଚଳର ଆଦିବାସୀମାନଙ୍କୁ ସଂଗଠିତ କରିବା ଏବଂ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ତାଙ୍କର ନିର୍ଭୀକ ନେତୃତ୍ୱ ଓ ବଳିଦାନ ସ୍ୱାଧୀନତା ସଂଗ୍ରାମର ଏକ ଅଲିଭା ଅଧ୍ୟାୟବୋଲି ସେମାନେ ଉଲ୍ଲେଖ କରିଥିଲେ । ତାଙ୍କ ତ୍ୟାଗ ଓ ବଳିଦାନର ଆଦର୍ଶକୁ ଯୁବପିଢ଼ି ନିକଟରେ ପହଞ୍ଚାଇବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଗଞ୍ଜାମ ସୌରଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକ, ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗଡ଼ା ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବ୍ରହ୍ମପୁର ବିକ୍ରମ ମହାରଣା, ସଂଚାଳକ ଲୋକନାଥ ଶତପଥୀ, କାରାଗାରର କର୍ମଚାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଉଲ୍ଲେଖଯୋଗ୍ୟ, ୧୮୯୯ ମସିହା ନଭେମ୍ବର ୨୨ରେ ଜନ୍ମଗ୍ରହଣ କରିଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କୁ ୧୯୪୩ ମସିହା ମାର୍ଚ୍ଚ ୨୯ରେ ଏହି ବ୍ରହ୍ମପୁର କାରାଗାରରେ ବ୍ରିଟିଶ ଶାସକ ଫାଶୀ ଦେଇଥିଲେ । ତାଙ୍କ ବଳିଦାନର ସାକ୍ଷୀ ଏହି କାରାଗାର ପରିସରରେ ଜୟନ୍ତୀ ପାଳନ ତାଙ୍କ ସ୍ମୃତିକୁ ଜୀବନ୍ତ ରଖିବା ସହ ଦେଶ ପାଇଁ ତାଙ୍କ ଅମର ତ୍ୟାଗକୁ ପୁନଃ ସ୍ମରଣ କରାଇଛି ।

ଝିଅର ଜନ୍ମଦିନରେ ରକ୍ତଦାନ ଶିବିର

ବାରିପଦା, (ସବୁ୍ୟ) : ଝିଅର ଜନ୍ମଦିନକୁ ଏକ ମହ%ପୂର୍ଣ୍ଣ ସାମାଜିକ ସେବାରେ ପରିଣତ କରି ସମାଜସେବୀ ଅମର କୁମାର ସେଠୀ ରକ୍ତଦାନ ଶିବିର ଆୟୋ ଜନ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ତାଙ୍କ ଝିଅ ଆୟେଷାଙ୍କ ଜନ୍ମଦିନ ଅବସରରେ ଆର୍.କେ. ଫାଉଣ୍ଡେସନ ଆନୁକୂଲ୍ୟରେ ସ୍ଥାନୀୟ ବାରିପଦା ଷ୍ଟାଡିୟମର ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ୫୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ଶିବିରର ଉଦଘାଟନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମ.ସି. ସି. ବ୍ୟାଙ୍କର ସଭାପତି ସୁବ୍ରମନିୟମ ମହାନ୍ତି ଓ ଉପନଗରପାଳ ସୀମା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଝିଅର ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରିବାର ଏହି ଅଭିନବ ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଶ୍ରାବଣୀ ଦାସ, ବାର୍ ଆସୋସିଏସନର ଉପସଭାପତି ସତ୍ୟବ୍ରତ ଦାଶ, ମନୀଷ ଖଣ୍ଡେଲଓ୍ୱାଲ, ଗୌରବ ମୋଦି, ଦିବ୍ୟାଙ୍ଗ ମହାସଂଘର ସଭାପତି ଅରୁଣ ବେହେରା, ସମାଜସେବୀ ସୋମନାଥ ସିଂହ, କାଉନସିଲର ଅନନ୍ତ ଦାସ, ଦେବାଶିଷ ପାତ୍ର, ନିରୁପମା ମହାନ୍ତି, ପ୍ରଭାତୀ ପୃଷ୍ଟି, ଗୀତା ସିଂ, ଦୀପ୍ତି ପଟ୍ଟନାୟକ, ଅରୁଣ ବରାଡ଼, ଶେଖ ରାଜା ଖାନ ଓ ଜୟଶ୍ରୀ ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରିଥିଲେ । ଅମର କୁମାର ସେଠୀ ଓ ତାଙ୍କ ପୁଅ ଅବିନାଶ ସେଠୀ ମଧ୍ୟ ରକ୍ତଦାନ କରିଥିଲେ । ଓଡ଼ିଶା ରକ୍ତକେନ୍ଦ୍ର, ବାରିପଦାର ମେଡିକାଲ ଅଫିସର ଡ. ନୀଲେଶ ଦାସଙ୍କ ନେତୃତ୍ୱରେ ପୁଣ୍ଡାରୀକାକ୍ଷ ଦାସ, ପାର୍ଥସାରଥୀ ମହାନ୍ତ, ଶକୁନ୍ତଳା ମହାନ୍ତ, ଛବି ମହାନ୍ତ ଓ କରୁଣାକର ଜେନା ରକ୍ତ ସଂଗ୍ରହ କରିଥିଲେ । ଦୀପକ ମିଶ୍ର, ମଙ୍ଗଲ ହାଁସଦା, କିଚକ ବେହେରା, କ୍ଷୀରୋଦ ଭୂୟାଁ, ମିଲନ ସ୍ୱାଇଁ, ସରୋଜ ମହାପାତ୍ର, ସୋନାଲି ମିଶ୍ର, ଭଗବତୀ ଭୂୟାଁ ଓ ହୋପ୍ସ ଫାଉଣ୍ଡେସନ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ମୟୂରଭଞ୍ଜ ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ଦିବ୍ୟାଙ୍ଗଜନଙ୍କୁ ହ୍ୱିଲଚେୟାର ଓ ଆଶାବାଡ଼ି ପ୍ରଦାନ କରାଯାଇଥିଲା ।

ଫାର୍ମାସିଷ୍ଟ ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ

ବାରିପଦା, (ସବୁ୍ୟ) : ଓଡ଼ିଶା ଫାର୍ମାସୀ ଅଫିସର ସେବାସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ୬୫ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଏକ ସଚେତନତା ରାଲି ଓ ସଭା ଆୟୋଜିତ ହୋଇଯାଇଛି । ଆଣ୍ଟିବାୟୋଟିକ୍ର ଅବାଧ ଓ ଅନାବଶ୍ୟକ ବ୍ୟବହାର ଭବିଷ୍ୟତରେ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିପାରେ ବୋଲି ସଚେତନତା ସୃଷ୍ଟି କରିବା ସହ ଫାର୍ମାସିଷ୍ଟଙ୍କ ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା ଶନିବାର ସକାଳ ୯ଟା ୩୦ ମିନିଟରେ ଜିଲ୍ଲା ସ୍ୱାସ୍ଥ୍ୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱନାଥ ଦାଶ ଏବଂ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ପତାକା ଦେଖାଇ ରାଲିର ଶୁଭାରମ୍ଭ କରାଯାଇଥିଲା । ମୟୂରଭଞ୍ଜ ମେଡିକାଲ ଏକାଡେମୀର ଛାତ୍ରଛାତ୍ରୀ ଓ ଜିଲ୍ଲା ଫାର୍ମାସୀ ଅଫିସରମାନଙ୍କ ମିଳିତ ସହଯୋଗରେ ରାଲିଟି ସହର ପରିକ୍ରମା କରିଥିଲା ।

ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ସଂଘର ସଭାପତି ଚିନ୍ମୟ କୁମାର ସିହ୍ନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଔଷଧ ଦୋକାନଗୁଡ଼ିକରେ ଫାର୍ମାସିଷ୍ଟଙ୍କ ଉପସ୍ଥିତି ନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ଔଷଧ ନିରୀକ୍ଷକଙ୍କୁ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ସଭାରେ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପ୍ରଫେସର ଡା. ରାତାଞ୍ଜଳୀ ବେହେରା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଶ ଚନ୍ଦ୍ର ନାୟକ, ଡା. ଶାନ୍ତନୁ ନାୟକ (ଜିଲ୍ଲା କୁଷ୍ଠରୋଗ ନିରାକରଣ ଅଧିକାରୀ), ଡା. ସୁନନ୍ଦା ମିଶ୍ର (ଏଡିପିଏଚଓ, ପରିବାର କଲ୍ୟାଣ), ଡିପିଏମ ଅନିଲ କୁମାର ମହାନ୍ତି, ଔଷଧ ନିରୀକ୍ଷକ ଦିବ୍ୟରଞ୍ଜନ ନାୟକ, ବାଲେଶ୍ୱର ଜିଲ୍ଲା ଓପିଏସଏ ସଭାପତି ଓ ସମ୍ପାଦକ ଯୋଗେଶ ମହାପାତ୍ର, ମୟୂରଭଞ୍ଜ ଜିଲ୍ଲା ଓପିଏସଏ କୋଷାଧକ୍ଷ ଶୁଶାନ୍ତ କୁମାର ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହ କଟକ ଜିଲ୍ଲା ସଂଘର ସଭାପତି ସୁବ୍ରତ ଶତପଥୀ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, ରାଜ୍ୟ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା ଓ ବିଶ୍ୱଜିତ ରାଉତରାୟ ମଧ୍ୟ ଉପସ୍ଥିତ ଥିଲେ । ଫାର୍ମାସିଷ୍ଟମାନେ ଓଡ଼ିଶାର ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ଅଧିକ ଫାର୍ମାସୀ ଅଫିସର ନିଯୁକ୍ତି ଏବଂ ମୂଲ ଦରମା ୯,୩୦୦ ଟଙ୍କା ସହ ଗ୍ରେଡ ପେ ୪,୬୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ । ଚଳିତ ବର୍ଷର ବିଷୟବସ୍ତୁ Combating Antimicrobial Resistance (ଆ.ଣ୍ଟି.ମ.ଇ.କ୍ର.ବି.ଆ.ଲ ପ୍ରତିରୋଧର ମୁକାବିଲା) ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଫାର୍ମାସୀ ଛାତ୍ରଛାତ୍ରୀ ଓ ଫାର୍ମାସୀ ଅଫିସରମାନଙ୍କ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ରୂପନାରାୟଣ ପ୍ରତିହାରୀ ଓ ସ୍ୱର୍ଣ୍ଣଲକ୍ଷ୍ମୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଫାର୍ମାସୀ ଅଫିସର ତପନ କଲିଆ, ସୀମା ସେଠୀ, ଦେବାଶିଷ ନାଏକ, ରୁପାଲି ଭଦ୍ର, ଶ୍ରିତା ପରିଡ଼ା, ଅରୁନ୍ଧତୀ କାଳନ୍ଦୀ, ହିମାଂଶୁ ଶେଜପଡ଼ା, ଅନିଲ ଗୁପ୍ତା ଓ ଉପସଭାପତି ସଞ୍ଜୀବ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସେବା କ୍ଷେତ୍ରରେ ଉତ୍କର୍ଷତା ହାସଲ ଭଞ୍ଜନଗର ରୋଟାରୀ କ୍ଲବ ସମ୍ବର୍ଦ୍ଧିତ



ଭଞ୍ଜନଗର, (ସବୁ୍ୟ) : ଗଞ୍ଜାମ ଜିଲା ଭଞ୍ଜନଗର ରୋଟାରୀ କ୍ଲବ ୨୦୨୫-୨୬ ଆର୍ଥିକ ବର୍ଷରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛି ।ରୋଟାରୀ ଜିଲ୍ଲା ୩୨୬୨ ର ଶ୍ରେଷ୍ଠ କ୍ଲବ ତାଲିକାରେ ସ୍ଥାନ ଅଧିକାର କରି ଏହି ଗୌରବ ହାସଲ କରିଥିବା ଭଞ୍ଜନଗର ରୋଟାରୀ କ୍ଲବ ପକ୍ଷରୁ ରବିବାର ଭଞ୍ଜନଗର ଶିରିଡ଼ି ସାଇ ମନ୍ଦିରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ କ୍ଲବର ସଦସ୍ୟମାନେ ଏକତ୍ରିତ ହୋଇ ସଫଳତାର ଆନନ୍ଦ ବାଣ୍ଟିବା ସହ ଭବିଷ୍

ଜଳନିଷ୍କାସନ ପଥ ଅବରୋଧ କଲିଗୋଳ : ମାମଲା ଥାନାରେ

ମହାକାଳପଡ଼ା,(ସବୁ୍ୟ):ମହାକାଳପଡ଼ା ତହସିଲ ଅଧୀନ କେୟାରବାଙ୍କ ରାଜସ୍ୱ ସର୍କଲ ଅନ୍ତର୍ଗତ ତିଥି ଜିତଭାଜୋର ରେ ଉତ୍ତମ ଜଳ ନିଷ୍କାସନ ନେଇ ନଦୀତଟ ବନ୍ଧ ପକ୍ଷରୁ କଲଭର୍ଟ ନିର୍ମାଣ ହୋଇଛି । ଆବଶ୍ୟକ ସ୍ଥଳେ ଭେଡାର ଚାଷୀ ଚାଷ ପାଇଁ ପାଣି ଧରିରଖିବା ପାଇଁ କଲଭର୍ଟ ବନ୍ଦ ରଖିବେ ଉଦବୃତ ଜଳ ହେଲେ କଲଭର୍ଟ ଖୋଲି ନିଷ୍କାସିତ କରାଇବେ । କେବଳ ଭେଡାର ପୁରବି ଚାଷୀଙ୍କ ପରିଚାଳନା ଭିତରେ କଲଭର୍ଟ ରହିବ । ମାତ୍ର ତିଥି କଲଭର୍ଟ ଉଭୟ କେୟାରବାଙ୍କ ଓ ତିଥି ଜିତ ଚାଷ ଜମିର ମଧ୍ୟ ସ୍ଥଳୀରେ ରହୁଥିବାରୁ ବେଶ ଗୁରୁତ୍ୱ ରହିଛି । କନ୍ତୁ ପରଚାଳନା ଗତ ତ୍ରୁଟୁ ସମସ୍ୟା ହେତୁ ଚାଷୀ ଥାନା ଓ ତହସିଲରେ ଅଭିଯୋଗ କରିଛନ୍ତି । ଉଲ୍ଲେଖ ଥାଉକି ସମ୍ପୃକ୍ତ କଲଭର୍ଟ କୁ ସରକାରୀ ମତେ ନିଲାମ ଦିଆଯାଇନଥିବା ବେଳେ ଗ୍ରାମସ୍ଥ ପ୍ରଶାନ୍ତ ଖୁଣ୍ଟିଆ ଚାଷୀଙ୍କୁ ଭୁଆଁ ବୁଲାଇ ଶହ ଶହ ହେକଫର ଧାନ ଜମିକୁ କ୍ଷତି କରି ଚାଲିଥିଲେ । ମନମୁଖୀ ଭାବେ କଲଭର୍ଟ ଉଠା ପକା କରୁଥିଲେ । ଜଳ ଅନାବଶ୍ୟକ ସମୟରେ ନିଷ୍କାସନ ପଥ ବନ୍ଦ ରଖୁଥିଲେ ଓ ଆବଶ୍ୟକ ବେଳେ ଖୋଲା କରୁଥିଲେ ଯାହାକି ଚାଷୀଙ୍କ ପାଇଁ ଚିନ୍ତାର କାରଣ ଥିଲା । ଅକାନ ପ୍ରଭାବରେ ଅଦିନିଆ ବର୍ଷା ପାଣି ଖାଲ ପାଟିଆ ଧାନ ବିଲରେ ଲହଡି ଭାଙ୍ଗୁଥିବା ବେଳେ ପ୍ରଶାନ୍ତ କଲଭର୍ଟ ବନ୍ଦ ରଖୁଥିଲେ ।ଏନେଇ ସମୂହ ଚାଷୀ ମିଳିତ ଭାବେ କଲଭର୍ଟ ମୁହଁରେ ପ୍ଲାଏ ଯୋଗେ ବନ୍ଦ ଥିବାର ଜାଣି ପାରି କାଢି ଦେଇଥିଲେ । ଏନେଇ ପ୍ରଶାନ୍ତ ଗାଁ ଦାଣ୍ଡରେ ଯିବା ଆସିବା ସମୟରେ ଅସଭ୍ୟ ଭାଷାରେ ଶୋଧାବକା କଲା ।ଆହୁରି ମଧ୍ୟ ପ୍ରଶାନ୍ତ ହାଣିବା କଥା କହିଥିବା ବେଳେ ଓ ତାଙ୍କ ପୁଅ ଖଣ୍ଡାରେ ହାଣି ଦେବ ବୋଲି ଗ୍ରାମବାସୀଙ୍କୁ ଧମକ ଦେଇଥିବାର ଚାଷୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଭେଡାର ୨୦ରୁ ଅଧିକ ଚାଷୀ ଲିଖିତ ଅଭିଯୋଗ ରେ ସାକ୍ଷର କରି ନ୍ୟାୟ ଅପେକ୍ଷା ରେ ଥିବାର ଜଣାପଡିଛି ।

୧୨ ହଜାର ହେକ୍ଟର୍ ଧାନ ଜମି ଜଳମଗ୍ନ, ଭାସୁଛି ସୁନା ଫସଲ



ରାଜକନିକା,(ସବୁ୍ୟ) : ଧାନ ବିଲରେ ସୁନା ଫସଲକୁ ଦେଖି ଚାଷୀ ଖୁସିରେ ଫାଟିପଡୁଥିଲା । ସଂସାର ରଥକୁ ଆଗକୁ ଗଡାଇ ଘରର ଯାବତୀୟ ଖର୍ଚ୍ଚ ସାଙ୍ଗକୁ ଦେହ ଖରାପ, ପିଲାମାନଙ୍କ ପାଠପଢା, ଖାଇବା ଭଳି ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଏହି ସୁନା ଫସଲ ଅମଳ ଧାନରୁ ହିଁ ଉଠିଥାନ୍ତା । ହେଲେ ବାତ୍ୟା ସାଧିଲା ଦାଉ । ବାତ୍ୟା ପ୍ରଭାବରେ ଦୁଇଦିନ ମୁଶଳଧାରା ବର୍ଷାରେ ଧାନଚାଷ ହୋଇଥିବା ଜମିରେ ଲହଡି ଭାଙ୍ଗୁଛି ବର୍ଷାପାଣି ଓ ଖଣ୍ଡି ପହଁରା ମାରୁଛନ୍ତି ସୁନା ଫସଲ ପାଚିଲା ଧାନ । ଅଧିକାଂଶ ଜମିରେ ପାଚିଲା ଧାନଗଛ ପାଣି ଭିତରେ ପଡ଼ିରହିଛି । ଏହି ସୁନାର କ୍ଷେତକୁ ଦେଖି ଚାଷୀ ପରିବାର ଚିନ୍ତାରେ ପଡ଼ିଛି । କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକରେ ଚଳିତ ବର୍ଷ ଏକାଧିକବାର ବନ୍ୟା ଆସି ଚାଷ କାର୍ଯ୍ୟ ବାଧାପ୍ରାପ୍ତକରି ଚାଷୀ ଓ ଚାଷକୁ ଉଚ୍ଛନ କରିଥିଲା । ଚାଷ ହୋଇଥିବା ଧାନ ଉଜୁଡ଼ି ଯାଇଥିଲା । ବହୁ ବାଧାବିଘ୍ନ ସତ୍ତ୍ୱେ ଚାଷୀ ପୁନର୍ବାର ଚାଷକାର୍ଯ୍ୟ ଆରମ୍ଭ କରିଥିଲା । ଏବେ ଧାନ ପାଚିବା ସମୟ । ଆଉ ଦିନ କେଇଟା ପରେ ଚାଷୀ ଧାନ ଅମଳ କରିଥାନ୍ତା । ଚଳିତ ଖରିଫ ଋତୁ ଆରମ୍ଭରୁ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଗଜା ମରୁଡି ହେବାର ସମ୍ଭାବନା ଉପୁଜିଛି । ସମାନ ସ୍ଥିତି ଏକାଧିକ ଥର ଦୋହରାଇଲା ପରେ ମଧ୍ୟ ଚାଷୀ ବିହନ କିଣି ହଳକରି, ମଜୁରି ଦେଇ ଯାହା ବି ଫସଲ ହୋଇଛି, ଚାଷୀ ତାକୁ ଅନେଇ ବର୍ଷକର ଦାନା ଯୋଗାଡ଼ କରିବା ନେଇ ସଓ୍ୱପ୍ନ ଦେଖୁଛି । ପୂର୍ବରୁ ହୋଇଥିବା ଚାଷ କ୍ଷୟକ୍ଷତିର ଆକଳନ ହୋଇଥିଲେ ମଧ୍ୟ ସରକାରୀ ସ୍ତରରୁ କୌଣସି ଆଖିଦୃଶିଆ ସୁବିଧା ପାଇ ନଥିବା ଚାଷୀ କେମିତି ତା'ର ଭରଣପୋଷଣ କରିବ ସେ ନେଇ ଚିନ୍ତାରେ । ବାତ୍ୟା ଅକଭାନ ଚାଷୀକୂଳ ଅଣ୍ଟା ଭାଙ୍ଗିଦେଇଛି ।

ବ୍ଲକ୍ର ୨୯ଟି ପଞ୍ଚାୟତର ୧୨ହଜାର ହେକଫର ଜମିରୁ୩୫-୩୭ ଅଧିକାଂଶ ଜମିରେ ଚାଷୀ ଚାଷ କରିଥିଲେ । ହେଲେ ଏକାଧିକବାର ବନ୍ୟା ଆସିବା ଯୋଗୁଁ ବିଲରେ ପାଣି ରହିବାରୁ ତିନି ହଜାର ହେକଫରରୁ ଅଧିକ ଚାଷଜମିରେ ଫସଲ ନଷ୍ଟ ହୋଇଯାଇଥିଲା । ହାତଉଧାରୀ, ଧାରକରଜ କରି ଚାଷୀ ଚାଷ କରିଥିଲା । ହେଲେ ସବୁ ସପ୍ନକୁ ବ ାତ୍ୟା ମାରିଦେଲା । ଜମିରେ ଧାନ ଗଛଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ତାହା ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆକଳନ କରିଛନ୍ତି । କିପରି ସଂସାର ଚାଲିବ, ପିଲାଛୁଆ ଖାଇବେ କ'ଣ, ପଢିବେ କେମିତି, ବଞ୍ଚିବେ କେମିତି, ହାତଉଧାରୀ ହେଉ ବା ଧାରକରଜ ଶୁଝିବେ କେମିତି ଚିନ୍ତାରେ ଚାଷୀକୂଳ । ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇଦେବା ସହ ରଣଛାଡ଼ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ରାଜକନିକା ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥ ପରିଡ଼ାଙ୍କୁ ପଚାରିବାରେ, ଶନିବାର ପର୍ଯ୍ୟନ୍ତ ୧୨୩୫ ହେକଫର ଚାଷଜମି ଜଳମଗ୍ନ ହୋଇଛି । ଆଗକୁ ଅଧିକ ହୋଇପାରେ । ଏ ପର୍ଯ୍ୟନ୍ତ କ୍ଷୟକ୍ଷତିର ଆକଳନ କରାଯାଇନାହିଁ । ଚାଷ ଜମିରୁ ପାଣି ଶୁଖିଲେ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ବୋଲି କହିଛନ୍ତ

୨୪ରୁ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ

କେନ୍ଦ୍ରାପଡା,(ସବୁ୍ୟ):ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରା, ସାଧବ ପୁଅଙ୍କ ସାହସିକ ସାମୁଦ୍ରିକ ଯାତ୍ରା ଓ ପ୍ରାଚୀନ ଉତ୍କଳର ସମୃଦ୍ଧ ଐତିହ୍ୟକୁ ମନେ ପକାଇବାର ଏକ ଅନନ୍ୟ ଅବସର ହେଉଛି ବାଲିଯାତ୍ରା। ଏହି ଗୌରବମୟ ପରମ୍ପରାକୁ ଆଧାର କରି କେନ୍ଦ୍ରାପଡ଼ାରେ ଆୟୋଜନ ହେବାକୁ ଯାଉଛି କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ-୨୦୨୬। ଏହି ଉତ୍ସବ ନଭେମ୍ବର ୨୪ ରୁ ଆରମ୍ଭ ହୋଇ ନଭେମ୍ବର ୩୦ରେ ଶେଷ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହୋତ୍ସବର ଆୟୋଜନ ସମ୍ପର୍କିତ ସୂଚନା, ପ୍ରସ୍ତୁତି ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମକୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏକ ସାମ୍ବାଦିକ ସମ୍ମିଳନୀ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବାଲିଯାତ୍ରା କେବଳ ଏକ ମେଳା କିମ୍ବା ଉତ୍ସବ ନୁହେଁ, ବରଂ ଏହା ଓଡ଼ିଆ ଜାତିର ଗୌରବମୟ ଇତିହାସ, ବାଣିଜ୍ୟିକ ସମୃଦ୍ଧି,ସାଂସ୍କୃତିକ ପରିଚୟ ଓ ପାରମ୍ପରିକ ଐତିହ୍ୟର ଏକ ପ୍ରତାକା ପ୍ରାଚୀନ କାଳରେ ଓଡ଼ିଆ ସାଧବମାନେ ବୋଇତରେ ସମୁଦ୍ର ପଥରେ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିବା ଗୌରବମୟ ଇତିହାସ ଆଜି ମଧ୍ୟ ଓଡ଼ିଆଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କେନ୍ଦ୍ରାପଡ଼ା ଜିଲ୍ଲାର ଐତିହାସିକ ଓ ସାଂସ୍କୃତିକ ପରିଚୟକୁ ଆହୁରି ସମୃଦ୍ଧ କରିବା ସହ ଏଭଳି ମହୋତ୍ସବ ମାଧ୍ୟମରେ ଅଞ୍ଚଳର କଳା,ସଂସ୍କୃତି,ପରମ୍ପରା ଓ ସାମାଜିକ ଏକତାକୁ ଲୋକଲୋଚନକୁ ଆଣିବା ଦିଗରେ ଏହି ଆୟୋଜନ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇପାରିବ ବୋଲି ଆଶା କରାଯାଉଛି । ଏହି ସାମ୍ବାଦିକ ସମ୍ମିଳନୀରେ ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ଦାଶ, ସମ୍ପାଦକ ସଞ୍ଜୟ କୁମାର ଜେନା, ଉପ-ସଭାପତି ଧୀରେନ୍ଦ୍ର କୁମାର ଦାଶ, ଅଭିମନ୍ୟୁ ଗୋଛାୟତ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ମିଡ଼ିଆ ସେଲ ପ୍ରମୁଖ ଅଲେଖ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଗଣମାଧ୍ୟମକୁ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ବାଲିଯାତ୍ରା ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଚଳନ୍ତ ବର୍ଷର ବାଲିଯାତ୍ରାର ମୁଖ୍ୟ ଆକର୍ଷଣ ସଂଗୀତ ଜଗତର ଲୋକପ୍ରିୟ ଗାୟିକା ଇରା ମହାନ୍ତିଙ୍କ ଯୋଗଦାନ । ଏଥିସହ ବୋଇତ ବନ୍ଦାଣ, ରଙ୍ଗାରଙ୍ଗ ନୃତ୍ୟ, ସଂଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକନୃତ୍ୟ, ସାହିତ୍ୟ ସଭା, ସମ୍ବର୍ଦ୍ଧନା ପର୍ବ, ଆଲୋଚନା ଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହାସହ ରାମଦୋଳି, ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ସମ୍ଭାର,ଜିଲ୍ଲା ତଥା ରାଜଯର ଆସୁଥିବା ଆକର୍ଷଣୀୟ ଷ୍ଟଲ, ହସ୍ତତନ୍ତ, ସୌଖିନ ସାମଗ୍ରୀ, ବିଭିନ୍ନ ଘରକରଣା ଦ୍ରବ୍ୟ ଇତଯାଦି ଜନସାଧାରଣଙ୍କୁ ମନ ମୋହିବ ବୋଲି ସାଧାରଣରେ ପ୍ରକାଶ । ଏହି କାର୍ଯ୍ୟକ୍ରମରେ ପତ୍ରିକା ମୁଖ୍ୟ ସମ୍ପାଦକ କରୁଣାକର ଦାସ, ସମ୍ପାଦକ ଶୁଭାଂଶୁ କୁମାର ଦାସ, ଶ୍ରୀଧର ମହାନ୍ତି, ରାମଣି ରଞ୍ଜନ ରାଉତରାୟ, ପୀତବାସ ଦାସ, ମୃତ୍ୟୁଞ୍ଜୟ ସାହୁ, ସୟଦ ସମସେର ଅଲ୍ଲୀ, ରଜନୀକାନ୍ତ ଦାସ, ସତ୍ୟବ୍ରତ ସିଂ, ସେକ ସମସେର ପ୍ରମୁଖ ଉପସ୍ଥିତ ଥିଲେ ।

ଛତିଆ ଓ ଉଦୟଗିରି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉଦଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଚଣ୍ଡିଖୋଲ/ଛତିଆ, (ସବୁ୍ୟ), ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତିଆ ଏବଂ ଉଦୟଗିରି ଠାରେ ରବିବାର ଦିନ ଦୁଇଟି ନୂତନ ସ୍ୱାସ୍ଥ୍ୟ (ପିଏଚସି) କେନ୍ଦ୍ରର ଉଦଘାଟନ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକେଫ୍ରାନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ । ଏହି ଉଦଘାଟନୀ ଉତ୍ସବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଏବଂ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନଗେନ୍ଦ୍ରନାଥ ମହାପାତ୍ରଙ୍କ ସହ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ । ଉକ୍ତ ଦୁଇ ସ୍ୱାସ୍ଥ୍ୟ କେନ୍ଦ୍ର ଉଦଘାଟନ ପରେ ମନ୍ତ୍ରୀ ଡଃ ମହାଲିଙ୍ଗ ଉଦବୋଧନ ଦେଇ କହିଥିଲେ ଯେ, ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ଉନ୍ନତ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସର୍ବଦା ପ୍ରତିବଦ୍ଧ । ବିଶେଷ କରି ଗ୍ରାମାଞ୍ଚଳର ଲୋକମାନେ ଯେପରି ନିଜ ଅଞ୍ଚଳରେ ସହଜରେ ଚିକିତ୍ସା ସୁବିଧା ପାଇପାରିବେ, ସେଥିପାଇଁ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଓ ସେବାର ସମ୍ପ୍ରସାରଣ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଛତିଆ ଓ ଉଦୟଗିରିଠାରେ ନୂତନ ପ୍ରାଥମିକସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିଷ୍ଠା ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ପ୍ରକାଶ କରିଥିଲେ । ଅପରାହ୍ନରେ ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ପରେ ମନ୍ତ୍ରୀ ମହାଲିଙ୍ଗ ଉଦୟଗିରି ବୁଦ୍ଧ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ।

ନୂତନ ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥାପନ

ନାଉଗାଁ, (ସବୁ):ନାଉଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଶୁଦ୍ଧକଟ୍ଟି (କଲରାବାଙ୍କ) ଗ୍ରାମରେ ଭଙ୍ଗା ଯାଇଥିବା ଭାରତରନି ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ରବିବାର ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ବିଧାୟକ ଅମରେନ୍ଦ୍ର ଦାସ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ଉଦ୍ୟମରେ ତ୍ୱରିତ ପଦକ୍ଷେପ ନିଆଯାଇ ନୂତନ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଗତ ନଭେମ୍ବର ୧୯ତାରିଖ ରାତିରେ ଦୁର୍ବୃତ୍ତମାନେ ଗ୍ରାମରେ ସ୍ଥାପିତ ଆମ୍ବେଦକରଙ୍କ



ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ୫୦ରୁ ଊର୍ଦ୍ଧ୍ୱର୍ ଗ୍ରାମବାସୀଙ୍କ ସଓ୍ୱାକ୍ଷର ସମ୍ବଳିତ ଅଭିଯୋଗ ନଭେମ୍ବର ୨୦ ତାରିଖରେ ନାଉଗାଁ ଥାନାରେ ଦାଖଲ କରାଯାଇଥିଲା । ଘଟଣାକୁ ବିଧାୟକ ଶ୍ରୀ ଦାସ ଦୃଢ଼ ନିନ୍ଦା କରିବା ସହ ଗ୍ରାମବାସୀଙ୍କୁ ନୂତନ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ରବିବାର ପ୍ରତିମୂର୍ତ୍ତି ସ୍ଥାପନ ସମୟରେ ବିଧାୟକଙ୍କ ସମେତ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ଏସଡିପିଓ ଦିବ୍ୟରଞ୍ଜନ ନାଥ, ବିଡିଓ ନିରଞ୍ଜନ ପରିଡା, ତହସିଲଦାର ଅକ୍ଷୟ କୁମାର ବଡୁ, ନାଉଗାଁ ଥାନାଧିକାରୀ ଦେବାଶିଷ ପଣ୍ଡା ଓ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।।

ସାଇବର ସୁରକ୍ଷା ଓ କନ୍ୟା ନିରାପତ୍ତା ସଚେତନତା

ଯାଜପୁର/ଯାଜପୁରସଦର, (ସବୁ୍ୟ) : ଯାଜପୁର ବ୍ଲକ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବିଶେଷ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କନ୍ୟା ନିରାପତ୍ତା, ଶିକ୍ଷା, ସାଇବର ସୁରକ୍ଷା ଏବଂ "ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନକୁ ତୃଣମୂଳ ସ୍ତରରେ ଅଧିକ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ) ଶାନ୍ତିଲତା ସେଠୀଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଇଥିଲେ । ବର୍ତ୍ତମାନର ଡିଜିଟାଲ ଯୁଗରେ ବଢୁଥିବା ସାଇବର ଅପରାଧରୁ କିପରି ନିଜକୁ ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ମୁଖ୍ୟବକ୍ତାମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହା ସହିତ କିଶୋରୀ ବାଳିକାମାନଙ୍କର ସାମାଜିକ ସୁରକ୍ଷା, ଶିକ୍ଷାର ଅଗ୍ରଗତି ଏବଂ ସେମାନଙ୍କ ସାମ୍ବିଧାନିକ ଅଧିକାର ଉପରେ ଅତିଥିମାନେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଥିଲେ ।

ପୁଲିସ ଫଣ୍ଡାରେ ଦୁଇ ମଦ ବେପାରୀ

ପାଣିକୋଇଲି,(ସବୁ୍ୟ) :ପାଣିକୋଇଲି ପୁଲିସ ଚୋରା ମଦ ବେପାରୀଙ୍କ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରିଛି। ବାରମ୍ବାର ମଦ ଜବତ ସହ ମାମଲା ରୁଜୁ କରୁଥିବା ବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ଖମଣ ଫଚାୟତର ନାଉଡପୁର ଗ୍ରାମର କାଳନ୍ଦୀ ସାହୁ(୪୫)ଙ୍କ ନିକଟରୁ ୧୨ ବୋତଲ ବିଅର ଜବତ କରିଛି। କରଦା ଫଚାୟତ ରାଣିଗୋଡା ଠାରୁ ରାଣୀଗୋଡା ଗ୍ରାମର ଟୁଲୁ ମଲିକ(୩୬) ଠାରୁ ୩୫ ବୋତଲ ଦେଶୀ ମଦ ଆସ୍କା ଫର୍ଟି ଜବତ କରିବା ସହ ଉଭୟଙ୍କୁ ଅଟକ ରଖିଛି। ଏନେଇ ଦୁଇ ମାମଲା ୫୨ଏ ଓଡିଶା ଏକ୍ସସାଇଜ ଆକଫରେ ୪୧୦/୨୪, ୪୧୨/୨୬ ରୁଜୁ କରି ତଦନ୍ତ ଜାରି ରଖିଛି।

ବିଜେପି ପକ୍ଷରୁ କୁଆଖିଆରେ ସମ୍ବର୍ଦ୍ଧନା

କୁଆଖିଆ ,(ସବୁ୍ୟ) :ରସୁଲପୁର ବି ଜେ ପି ପକ୍ଷରୁ ଆଜି କୁଆଖିଆ ଠାରେ ସାଂସଦ ତଥା ରାଜ୍ୟ ସଭାପତି ମନମୋହନ ସାମଲ ଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଯାଜପୁର ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଗୌତମ ରାୟ ଙ୍କୁ କୁଆଖିଆ ବଜାର ରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ତୀର୍ଥ ରାଜ ପଣ୍ଡା, ଶଶୀଭୁଷଣ ସାହୁ, ହିଙ୍ଗୁଳା ମଣ୍ଡଳ ସଭାପତି ବିନୋଦ ମହାରଣା, ସନ୍ତୋଷ କଣ୍ଡ, ଗୋବିନ୍ଦ ମହାରଣା, ଲକ୍ଷ୍ମୀନାରାୟଣ କମିଟି ସଭାପତି ବିପିନ ବିହାରୀ ପଣ୍ଡା, ଉପ ସଭାପତି ଗୋବିନ୍ଦ ରାଉତ, ସମ୍ପାଦକ ବାସୁଦେବ ପଳେଇ, ବି ଜେ ପି ନେତା ପ୍ରକାଶ ସାଂସଦ ପ୍ରତିନିଧି ଦେବକାନ୍ତ ନାୟକ, ଲକ୍ଷ୍ମୀଧର ପତି, ମୁଗୁପାଳ ସରପଞ୍ଚ ପ୍ରତିନିଧି ଦୁଷ୍ମନ୍ତ ମଲିକ, ସୁବାସ ନାୟକ,ପ୍ରସନ୍ନ ରଥ, ଅକ୍ଷୟ



ସାମଲ, ଦିଲ୍ଲୀପ ଦାସ, ସନ୍ତୋଷ ରାଉତ, ଦେବୀ ପ୍ରସନ ରଥ, କାଳନ୍ଦୀ କ=, ବାଦଲ ସାହୁ ବଡକଇଁଚି, ମିଶ୍ର ପଦ୍ମଲୋଚନ ନାୟକ, ହିମାଂଶୁ ବେହୁରା ପ୍ରମୁଖ ଙ୍କ ସହ ହଜାର ରୁ ଉର୍ଦ୍ଧ୍ୱ କର୍ମ ସମ୍ବର୍ଦ୍ଧନା ଦେଇଥିଲେ।

ବ୍ୟାଙ୍କ ଶାଖା ପରିଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ନିଶିନ୍ତକୋଇଲି, (ସବୁ୍ୟ) : ନିଶିନ୍ତକେଇଲି ଥାନା ଓଥକାସ୍ଥିତ ଏକ ଭଡାଘରୁ ଆଜି ସନ୍ଧ୍ୟାରେ ଜଣେ ବ୍ୟାଙ୍କ ଶାଖା ପରିଚାଳକଙ୍କର ମୃତ ଦେହକୁ ଉଦ୍ଧାର କରାଯାଇଛି । ଏହି ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ମାହାଙ୍ଗା ଥାନା ମୂଳବସନ୍ତ ଗ୍ରାମପଂଚାୟତ କୋଳିଅଠା ଗ୍ରାମର ପ୍ରଭାସ ବଳ(୩୫) ଅବିବାହିତ ଗତ କିଛି ଦିନ ହେଲା ନିଶିନ୍ତକୋଇଲି ଆକ୍ସିସ ବ୍ୟାଙ୍କର ଶାଖା ପରିଚାଳକ ରୂପେ କାର୍ଯ୍ୟ କରି ଆସୁଥିଲେ । ଶ୍ରୀ ବଳ ଓଥକା

ସରକାରୀ ଯୋଜନାରେ ଉପକୃତ ହେଲେ ୮ ପଞ୍ଚାୟତର ହିତାଧିକାରୀ

ଫୁଲନଖରା, (ସବ୍ୟୁ): ବାରଙ୍ଗ ପଞ୍ଚାୟତ ସମିତି ଅନ୍ତର୍ଗତ ୩୩ ନମ୍ବର ଜୋନ ସ୍ତରୀୟ ମଧୁବାବୁ ପେନସନ ଯୋଜନାର ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସହିତ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଉଷୁମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ବରିଷ୍ଠ ସଂଗଠକ ଯତୀନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ ।

ସମ୍ମାନିତ ଅତିଥି ଭାବେ ବାରଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ସଞ୍ଜୀବ ଦାସ, ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ଉଷୁମା ସରପଞ୍ଚ ମୀନତି ସାହୁ ଏବଂ ବରିଷ୍ଠ ନେତା ରାଜକୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ, ଉଷୁମା, କୋରକରା,



ଖଲର୍ଦା, ହରିଅନ୍ତା, କୁରାଙ୍ଗ ଶାସନ, କୁରାଙ୍ଗ ପ୍ରଧାନ ଓ ସାଇଁସୋ ଆଦି ୮ଟି ଗ୍ରାମ ପଞ୍ଚାୟତର ମୋଟ ୫୮୮ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା । ଏଥିସହିତ ୧୦୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ପରିବାରଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା । ଲୋକଙ୍କ ସୁବିଧା ଓ ସଞ୍ଚତାକୁ ଗୁରୁତ୍ୱ ଦେଇ ୮ଟି ପଞ୍ଚାୟତ ପାଇଁ ପୃଥକ ପୃଥକ ୮ଟି କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା । ଫଳରେ ହିତାଧିକାରୀମାନେ ନିଜ ନିଜ ପଞ୍ଚାୟତ ଅନୁସାରେ ସୁବିଧାରେ ଭତ୍ତା ଓ ରାସନ କାର୍ଡ ଗ୍ରହଣ କରିପାରିଥିଲେ । ଦୀର୍ଘ ବର୍ଷ ଧରି ଭତ୍ତା ଓ ରାସନ କାର୍ଡ ପାଇବା ଅପେକ୍ଷାରେ ରହିଥିବା ଅନେକ ହିତାଧିକାରୀ ଏହି ସୁବିଧା ପାଇ ଖୁସିବ୍ୟକ୍ତ କରିଥିଲେ । ସରକାରଙ୍କ ଏଭଳି ଜନହିତକର ପଦକ୍ଷେପ ଯୋଗୁଁ ସେମାନଙ୍କୁ ସାମାଜିକ ଓ ଆର୍ଥିକ ସହାୟତା ମିଳିପାରିଥିବାରୁ ହିତାଧିକାରୀମାନେ ସରକାରଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ବିଶେଷକରି ବୟସ୍କ, ଅସହାୟ ଓ ଆର୍ଥିକ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ନିୟମିତ ପେନସନ ଏକ ବଡ଼ ଆଶ୍ୱାସନା ହୋଇଥିବାବେଳେ ରାସନ କାର୍ଡ ମାଧ୍ୟମରେ ଖାଦ୍ୟ ସୁରକ୍ଷାର ସୁଯୋଗ ମିଳିବା ସେମାନଙ୍କ ଜୀବନଧାରଣରେ ସହାୟକ ହେବ । କାର୍ଯ୍ୟକ୍ରମରେ ବାରଙ୍ଗ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତାରାଣୀ ସାହୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ସହକାରୀ ଯନ୍ତ୍ରୀ ଜୟଶ୍ରୀ ରାଉତ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାତ୍ର, ଦେବସ୍ମିତା ଲେଙ୍କା, ବୁଦ୍ଧଦେବ ଜେନାଙ୍କ ସମେତ ବ୍ଲକ୍ର ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

ଏଥିସହିତ ଅଶୋକ ଦାସ, ବିଜୟ ରାୟ, ଗୌରାଙ୍ଗ ନାଥ, ସୁଜିତ କୁମାର ଜେନା, ତୁଷାର କୁମାର ଜେନା, ସ୍ନେହାଶିଷ ଦାସ, ଅକ୍ଷୟ ଦଳାଇ, ପ୍ରଦୀପ୍ତ ସ୍ୱାଇଁ, ଉପେନ୍ଦ୍ର କୁମାର ସାହୁ, ଉମେଶ କୁମାର ନାୟକ, ପ୍ରଦୀପ ସୁନ୍ଦରରାୟ, ଧର୍ମାନନ୍ଦ ଜେନା, ଆଲୋକ କୁମାର ପାତ୍ର, ବିଜୟ କୁମାର ସାହୁ, ବିକାଶ କୁମାର ସାହୁ, ଶିଶିର କୁମାର ଦାସ, ଧନେଶ୍ୱର ଖଟୁଆ, ସୁବାଷ ବେହେରା, ବସନ୍ତ ବେହେରା, ପ୍ରଦୀପ୍ତ ସାହୁ, ମୁରଲୀଧର ବେଉରା, ଜିତେନ୍ଦ୍ର ସ୍ୱାଇଁ, ଜୟନ୍ତ କୁମାର ଜେନା, ପ୍ରହ୍ଲାଦ ପାଇକରାୟ, କୁନିଆ ଭୋଇ, ବସୁ ବେହେରା, ସଦାନନ୍ଦ ଦାସ, ସନ୍ଦୀପ ବାରିକ, ଅଶ୍ୱିନୀ କୁମାର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ବାଉରୀବନ୍ଧୁ ପ୍ରଧାନ ଓ ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସରକାରଙ୍କ ଏଭଳି ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରାମାଞ୍ଚଳର ଗରିବ, ବୟସ୍କ ଓ ଆର୍ଥିକ ଦୁର୍ବଳ ପରିବାରଙ୍କୁ ସାମାଜିକ ସୁରକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ସହ ସରକାରୀ ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବାରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି ।



କଣ୍ଠିଲୋ: ଗରୁଡ଼ ଗୋବିନ୍ଦ ବେଶରେ ଦର୍ଶନ ଦେଲେ ଶ୍ରୀ ନୀଳମାଧବ

୧୧,୭୯୪ ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା. ସାଇ ରଜତ ରଶ୍ମି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଆଜି ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଇଥିବା ୮୮ଟି ବୁଥ ମାଧ୍ୟମରେ ଜନ୍ମରୁ ପାଞ୍ଚ ବର୍ଷ ବୟସ ମଧ୍ୟରେ ଥିବା ମୋଟ ୧୧,୭୯୪ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ୧୧ ଜଣ ସୁପରଭାଇଜରଙ୍କ ସମେତ ୨୧୬ ଜଣ ପୋଲିଓ କର୍ମୀ ନିଯୁକ୍ତ ହୋଇଥିଲେ । ବ୍ଲକର ୪ଟି ଟୀକା ସଂରକ୍ଷଣ କେନ୍ଦ୍ରରୁ ୪ ଜଣ ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ଟୀକା ବାକ୍ସ ପ୍ରଦାନ କରିଥିବା ବେଳେ ୧୦ଟି ଟୀକା ବୁହା ଗାଡ଼ି ଯୋଗେ ସମସ୍ତ ବୁଥକୁ ଟୀକା ଯୋଗାଇ ଦିଆଯାଇଥିଲା । ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରଶାନ୍ତ କୁମାର ପରିଜା ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମର ନିରୀକ୍ଷଣ କରିଥିଲେ । ସେହିପରି ବ୍ଲକ ସ୍ତରରୁ ଡା. ବିଶ୍ୱରଞ୍ଜନ ଜେନା, ଡା. ପ୍ରଶାନ୍ତ କୁମାର ନାୟକ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଧନେଶ୍ୱର ସଓ୍ୱାଇଁ ଏବଂ ଜନସଓ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଓ୍ୱର୍ଣ୍ଣଲତା ରଥ ପ୍ରମୁଖ ଉପସ୍ଥିତ ରହି ଟୀକାକରଣ କାର୍ଯ୍ୟର ତଦାରଖ କରିଥିଲେ । ଆଜି ବୁଥ୍କୁ ଆସି ପୋଲିଓ ବୁନ୍ଦା ନେଇପାରି ନଥିବା ଶିଶୁମାନଙ୍କୁ ଆଗାମୀ ଦୁଇ ଦିନ ଧରି ସଓ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ ବୋଲି ସଓ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ରାଜସୁନାଖଳା କଲେଜ ଓଡ଼ିଆ ବିଭାଗର ଆଲୋଚନାଚକ୍ର

ରାଜସୁନାଖଳା, (ସବ୍ୟୁ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରାଜସୁନାଖଳା ମହା ବିଦ୍ୟାଳୟ ରେ ଓଡ଼ିଆ ବିଭାଗ ତରଫରୁ ଭାଷା ଓ ସାହିତ୍ୟ ଆଲୋଚନା ଚକ୍ର ହୋଇ ଯାଇଛି ।ବିଭାଗ ମୁଖ୍ୟ ଭାଗିରଥି ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୌମେନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଗଣେଶ୍ୱର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଲଡୁକେଶ ପଢିଆରି ,ଡାକ୍ତର ପ୍ରଫେସର ରବି ନାରାୟଣ ମହାପାତ୍ର,କଲେଜ ଅଧ୍ୟକ୍ଷ ବ୍ରଜ କିଶୋର ସାହୁ , ମଙ୍ଗଳା ପ୍ରସାଦ ପ୍ରଧାନ, ବରିଷ୍ଠ ଫାର୍ମାସୀ ଅଧିକାରୀ କିଶୋର କୁମାର ରାଉତରାୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆଲୋଚନା ରେ ଭାଗ ନେଇଥିଲେ ।

ଭକ୍ତ କବି ଭକତଚରଣ ଶୀର୍ଷକ ଆଲୋଚନା ରେ ଓଡ଼ିଆ ବିଭାଗ ର ଛାତ୍ର ଛାତ୍ରୀ ପ୍ରମୁଖ ଭାଗ ନେଇ ଭକ୍ତ ଚରଣ ଙ୍କ ଜନ୍ମ ବୁଠାରୁ ମୃତ୍ୟୁ ପର୍ଯ୍ୟନ୍ତ କିଭଳି ବିଷ୍ଣୁ ଙ୍କୁ ଉପାସନା କରି ରାଜସୁନାଖଳା ରେ ସାଧନା କରିଥିଲେ ସେ ନେଇ ବକ୍ତବ୍ୟ ରଖିଥିଲେ । ସେ ତାଙ୍କ ଜୀବନ କାଳ ରେ ମନବୋଧ ଚଉତିଶା, କଳା କଳେବର କହ୍ନେଇ ଆଦି ପୁସ୍ତକ ରଚନା କରି ଜନ ମାନସ ରେ ଆଦୃତ ହୋଇ କାଳଜୟୀ ହୋଇ ପାରିଛନ୍ତି । ଏହି ଅବସର ରେ ପ୍ରତି ଛାତ୍ରୀ ଛାତ୍ର ଜୀବନ ରେ ଜଣେ ଭଲ ମଣିଷ ହେବା ପାଇଁ ସାହିତ୍ୟ ସାଧନା କରିବା ଆବଶ୍ୟକ ରହିଛି ବୋଲି ଅତିଥିମାନେ ମତ ରଖିଥିଲେ । ଏହି ଅବସର ରେ ୬ ଜଣ ଛାତ୍ରୀ ଗାୟତ୍ରୀ ବେହେରା ,ଅଞ୍ଜଳି ବେହେରା, ସୁନୟନ ସାହୁ, ଗାୟତ୍ରୀ ପଲେଇ,ତୁଳସୀ ପରିଡ଼ା, ସରିତା ପ୍ରଧାନଙ୍କୁ କଲେଜ ତରଫରୁ ପୁରସ୍କୃତ କରାଯାଇଥିଲା । ସେହିଭଳ ଭକ୍ତ ଚରଣ ସମ୍ମାନରେ ସୋମେନ୍ଦ୍ର ଜେନା ଙ୍କୁ ସମ୍ମାନୀତ କରାଯାଇଥିଲା । କଲେଜ ଅଧ୍ୟକ୍ଷ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣକରିଥିଲେ ।

ଗରୁଡ଼ ଗୋବିନ୍ଦ ବେଶରେ ଦର୍ଶନ ଦେଲେ ଶ୍ରୀ ଜଗନ୍ନାଥ



ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳର ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କର ଗରୁଡ଼ ଗୋବିନ୍ଦ ବେଶ ଅନୁଷ୍ଠିତ ହୋଇଥିବା ବେଳେ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନଙ୍କର ସମାଗମ ଦେଖିବାକୁ ମିଳିଛି । ପବିତ୍ର କାର୍ତ୍ତିକ ଶୁକ୍ଳ ପକ୍ଷ ଗରୁଡ ଉତ୍ଥାପନ ଦାଦଶୀ ତିଥି ତଥା ମହାପଞ୍ଚକର ଦିତୀୟ ଦିବସ ହୋଇଥିବା ବେଳେ ଏହି ଦିନ ମହାବାହୁ ଗରୁଡ଼ ଗୋବିନ୍ଦ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଗରୁଡ଼ ଉତ୍ଥାପନ ଦାଦଶୀ ପାଇଁ ପ୍ରତ୍ୟୁଷରୁ ମନ୍ଦିର ଦ୍ୱାର ଫିଟା ନୀତି ପରେ ମହାପ୍ରଭୁଙ୍କର ସତନ୍ତ୍ର ନୀତିକାନ୍ତି ସହ ପ୍ରଭୁଙ୍କ ସମ୍ମୁଖରେ ଅବସ୍ଥିତ ପକ୍ଷୀରାଜ ଗରୁଡ଼ଙ୍କୁ ସ୍ନାନ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା ।

ଦୈନନ୍ଦିନ ନୀତି, ମଧ୍ୟାହ୍ନ ଧୂପ ଓ ବିଶ୍ରାମ ପରେ ଅପରାହ୍ନରେ ମହାପ୍ରଭୁଙ୍କର ଗରୁଡ଼ ଗୋବିନ୍ଦ ବେଶ ଆରମ୍ଭ କରାଯାଇଥିଲା ।ବେଶ ଶୃଙ୍ଗାର ପରେ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁମାନଙ୍କର ଭିଡ ଜମୁଥିବା ସମୟରେ ସନ୍ଧ୍ୟାରେ ଆଳତିରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସ୍ଥାନୀୟ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ଭିଡ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ଜଣାଯାଇଛି ।

ବନମାଳୀପୁରକୁ ମୁଖ୍ୟ ରାସ୍ତା ବିଚ୍ଛିନ୍ନ

ବାଲିପାଟଣା, (ସବ୍ୟୁ): ଅଠାନ୍ତର ଠାରୁ ବନମାଳୀପୁର ଯାଇଥିବା ମୁଖ୍ୟ ରାସ୍ତା ର ନୁଆସାହି ଠାରେ ଥିବା ନିମାପଡା ବ୍ରାଞ୍ଚ କେନାଲ କେନାଲ ଉପରେ ଥିବା ବ୍ରିଜ ଭୁଶୁଡି ପଡିବା ଯୋଗୁଁ ବନମାଳୀପୁର କୁ ଯୋଗାଯୋଗ ସମ୍ପୂର୍ଣ ବିଚ୍ଛିନ୍ନ ହୋଇପଡିଛି।ଏହି ରାସ୍ତା ବନମାଳୀପୁର ଭଳି ଏକ ବ୍ୟସ୍ତ ବହୁଳ ବାଣିଜ୍ୟ କେନ୍ଦ୍ର କୁ ସଂଯୋଗ କରିବା ସହିତ ବ୍ଲକ ର ୬ ଗୋଟି ପଞ୍ଚାୟତ ମଣ୍ଡିହରା, ଭାକରସାହି, ଭାପୁର,ନରିସ, ଆମଣାକୁଦ, ଦେଉଳିଧରପୁର କୁ ସଂଯୋଗ କରୁଛି। ରାସ୍ତାର ଉନ୍ନତି କରଣ କରାଯାଉଥିଲେ ମଧ୍ୟ ଅତି ଗୁରୁତ୍ୱପୂର୍ଣ ଏହି ବ୍ରିଜ ପ୍ରତି ଅଣଦେଖା କରିବା ବିଭାଗୀୟ ଅଧିକାରୀମାନଙ୍କ ପାରଙ୍ଗମପଣିଆ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଗତ ରାତିରେ ଏହି ବ୍ରିଜ ଭୂଷୁଡି ପଡିବା ପରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ରାସ୍ତାକୁ ସମ୍ପୂର୍ଣ ବନ୍ଦ କରିଦିଆଯାଇଛି। ବ୍ରିଜ କଡରେ କେନାଲ ବିଭାଗ ତରଫରୁ ସ୍ଲୁଇସ ଗେଟ ହୋଇ ପାଣି ଜମା ରହୁଥିବାରୁ ବ୍ରିଜ ପ୍ରତି



ଅଧିକ ବିପଦ ସୃଷ୍ଟି ହୋଇଥିଲା।ବିଭାଗୀୟ ଅଧିକାରୀ ମନୋରଞ୍ଜନ ମହାପାତ୍ର, ସଚିନ କୁମାର ସାହୁ ଉପସ୍ଥିତ ରହି ତୁରନ୍ତ ବିକଳ୍ପ ବ୍ୟବସ୍ଥା ର ପ୍ରତିଶୃତି ଦେଇଥିଲେ। ସ୍ଥାନୀୟ ଯୁବନେତା ସୁରେଶ କୁମାର ପଣ୍ଡା କହିଛନ୍ତି ଯେ ତୁରନ୍ତ ଏହି ସ୍ଥାନରେ ୧୫ ମିଟର ଓସାରର ଏକ ଦୃଢ଼ ବ୍ରିଜ ନିର୍ମାଣ କରାଯାଉ ଏଂ ଘଟଣା ପାଇଁ ଦାୟୀ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉବୋଲି ଦାବିକରାଯାଇଛି ।

କ୍ରୀଡ଼ାପ୍ରେମୀ ରାମଚନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ବିଶିଷ୍ଟ କ୍ରୀଡ଼ାପ୍ରେମୀ ତଥା ସମାଜସେବୀ ସଓ୍ୱର୍ଗତ ରାମଚନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ରବିବାର ଗେଟ ବଜାରଠାରେ ଶ୍ରଦ୍ଧା ଓ ସମ୍ମାନର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପସ୍ଥିତ ବକ୍ତାମାନେ ତାଙ୍କର ସ୍ମୃତିଚାରଣ କରିବା ସହ ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଅତ୍ୟନ୍ତ ସରଳ ହୃଦୟର ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ ।ଜଗନ୍ନାଥ ସଂସ୍କୃତି ପ୍ରେମୀ ଡ. ପୂର୍ଣ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ସଭା ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟ, ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଶିକ୍ଷାବି୍ ପ୍ରଫୁଲ୍ଲ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ପୁରୋହିତ, ବିଇଞ୍ଜି ନାରାୟଣ ତ୍ରିପାଠୀ, ଯୁବନେତା ଶୁଭମ ଦାଶ ଏବଂ ସମାଜସେବୀ ଅପର୍ଣ୍ଣା ଜେନା ଓ ବିଧୁ ଭୂଷଣ ମହାରଣା ପ୍ରମୁଖ ଯୋଗଦେଇଥିଲେ । ତାଙ୍କର ଅବର୍ତ୍ତମାନ ନିରାକାରପୁର ଅଞ୍ଚଳରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ଶେଷରେ ତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପୁତ୍ର ଭାଗିରଥି ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ମନୋଜ କୁମାର ପ୍ରଧାନ ଓ ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

ଆହାର କେନ୍ଦ୍ର ଉଦ୍ଘାଟନ କଲେ ସାଂସଦ ଅପରାଜିତା

ବାଲିପାଟଣା, (ସବ୍ୟୁ): ଭୋକିଲା ଲୋକଙ୍କୁ ଶସ୍ତାରେ ଖାଦ୍ୟ ଯୋଗାଇ ଦେବା ପାଇଁ ସରକାର ଙ୍କ ତରଫରୁ ଆରମ୍ଭ ହୋଇଥିବା ଯୋଜନା ମୁତାବକ ରବିବାର ପୂର୍ବାହ୍ନ ରେ ଅଠାନ୍ତର ସ୍ଥିତ ଡାକ୍ତରଖାନା ସମ୍ମୁଖରେ ଏକ ଆହାର କେନ୍ଦ୍ରକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରିଛନ୍ତି । ୮୫ ଲକ୍ଷ ୬୦ ହଜାର ଅର୍ଥ ବ୍ୟୟ ରେ ନିର୍ମିତ ଏହି ଗୃହ ଚଳିତ ବର୍ଷ ଅକ୍ଟୋବରରେ ସମାପ୍ତ ହୋଇ ଏଥିରେ ସମସ୍ତ ଅନୁସଙ୍ଗିକ ବ୍ୟବସ୍ଥା ରୋଷେଇ ଘର ଠାରୁ ଆରମ୍ଭ କରି ଶୌଚାଳୟ, ଥଣ୍ଡା ପାନୀୟ ଓ ବିଦ୍ୟୁତ ଇନଭର୍ଟର ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଏହାର ନିର୍ମାଣ କର୍ତ୍ତା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ର ଏସ ଡି ଓ ରାଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଥିଲେ । ମେଡିକାଲ ସୁପରିଟେଣ୍ଡେଣ୍ଟ ଗାୟତ୍ରୀ ମିଶ୍ର ଏହି କେନ୍ଦ୍ର ର ସୁପରିଚାଳନା ରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ଯେ ଜନସାଧାରଣ ଉପକୃତ ହେବାଭଳି ଅନେକ ଯୋଜନା ସରକାର କରୁଛନ୍ତି ଏଂ ଆହୁରି ଅନେକ ସୁବିଧା ପାଇବା ପାଇଁ ଆମେ ଚେଷ୍ଟା କରିବା । ଆଜି ବିଧାୟକ, ବ୍ଲକ ଚେୟାରମ୍ୟାନ ଓ ସରପଞ୍ଚ ଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ସେମାନେ ଲୋକଙ୍କ କାମପାଇଁ ସମୟ ନଦେବା ପରିତାପର ବିଷୟ । ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ଙ୍କ ପ୍ରତିନିଧି ଦ୍ୱାରିକାନାଥ ଚୌଧୁରୀ, ନାରାୟଣ ଖୁଣ୍ଟିଆ, ସମିତି ସଭ୍ୟ ଶୈଳେନ୍ଦ୍ର ଭୋଳ,ବସନ୍ତ ନାୟକ, ଶିବ ମଲ୍ଲିକ, ଅଶୋକ ପଟ୍ଟନାୟକ, ସସ୍ମିତା ପଣ୍ଡା, ଠିକାଦାର ସଙ୍ଘ ସଭାପତି ରଶ୍ମି ରଞ୍ଜନ ବଳିୟାରସିଂ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ମଂଚାସୀନ ଥିଲେ । ସମସ୍ତ କାର୍ଯ୍ୟକ୍ରମ କୁ ପୂର୍ବତନ ବ୍ଲକ ଅଧକ୍ଷ ଶଶିଭୂଷଣ ପାତ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ଡାକ୍ତରଖାନା ର ଅନ୍ୟ ଅଧିକାରୀ ଙ୍କ ସହିତ ଠିକାଦାର ମିର ଅଖତାର ଅଲ୍ଲୀ, ଯୁବ ନେତା ପ୍ରଶାନ୍ତ ସାମନ୍ତରାୟ, ସିଦ୍ଧେଶ୍ୱର ନାଥ, ବିଜୟ ମହାରଣା, ପ୍ରତାପ କୁମାର ସାହୁ ଓ ବହୁ ସଂଖ୍ୟାରେ ମହିଳା ଉପସ୍ଥିତ ଥିଲେ ।ସାଂସଦ ଙ୍କ ଉଦଘାଟନ କାର୍ଯ୍ୟକ୍ରମ ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ ଙ୍କ ନାମ ଉଦଘାଟନ ଫଳକ ରେ ନଥିବାରୁ ସେ ଧାରଣା ଦେବାକୁ ପ୍ରୟାସ କରିବାବେଳେ ପୋଲିସ ତାଙ୍କୁ ଉଠାଇ ନେଇଥିଲା ।ତାଙ୍କର ପ୍ରତିକ୍ରିୟା ରେ ସେ କହିଛନ୍ତି ଯେ ଜିଲ୍ଲା ପରିଷଦ ବୈଠକ ରେ ସେ ବାରମ୍ବାର ଏହାକୁ ଉପସ୍ଥାପନ କରି ଆହାର କେନ୍ଦ୍ର ପାଇଁ ପ୍ରୟାସ କରିଥିଲେ ମଧ୍ୟ ତାଙ୍କୁ ଉପେକ୍ଷା କରାଯାଉଛି । ଏହାର ସେ ଦୃଢ ନିନ୍ଦା କରୁଛନ୍ତି ।

ବରିଷ୍ଠ ବିଜେପି ନେତା ସୁରେନ୍ଦ୍ରନାଥ ଜେନାଙ୍କ ପରଲୋକ

କଣାସ,(ସବ୍ୟୁ): ପୁରୀ ଜିଲ୍

ସମ୍ପାଦକୀୟ

ଥିଲେ ଜଣେ ଅଦ୍ୱିତୀୟ ମୁଖ୍ୟମନ୍ତ୍ରୀ

'ବିରାଟ ଜମିଦାର ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ଦୁଇବର୍ଷ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଓ ଛଅ ବର୍ଷ ମୁଖ୍ୟମନ୍ତ୍ରୀ ଥିଲେ। ଅନୁଗୁଳ ଫେରିବା ବେଳେ ସାଥିରେ ଥିଲା କିଛି ବାସନ ଏବଂ ଖଣ୍ଡେ କାର୍। କାର୍‌ଟିକୁ ବିକି ନିଜର ସାନ ଝିଅକୁ ବାହା କଲେ। ତେବେ ଏସବୁ ପାଇଁ ତାଙ୍କର କେବେ ଅବଶୋଷ ନଥିଲା। କ୍ଷମତା ଅଥବା ଅର୍ଥର ଆକାଂକ୍ଷା କେବେହେଲେ ନବକୃଷ୍ଣ ଚୌଧୁରୀ ଅଥବା ଗୋପବନ୍ଧୁ ଚୌଧୁରୀଙ୍କ ପରିବାରକୁ ଛୁଇଁ ପାରି ନଥିଲା। ନବବାବୁ ତାତ୍‌କାଳିକ ଲାଭ ଏବଂ ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି କାର୍ଯ୍ୟ କରୁଥିବା ରାଜନୈତିକ ନେତା (Politician) ନଥିଲେ, ସେ ଥିଲେ ଜଣେ କ୍ରାନ୍ତଦର୍ଶୀ ରାଜନୀତିଜ୍ଞ ବା Statesman।' ['ନବ ବାବୁ କ'ଣ ନଥିଲେ', ଲେଖକ ଶୈଳଜ ରବି, ସମ୍ବାଦର ନବକୃଷ୍ଣ ଚୌଧୁରୀ ଜନ୍ମ ଶତବାର୍ଷିକ ପୃଷ୍ଠା ୫, ନଭେମ୍ବର ୨୩ (୨୦୦୧)]

ଯାହା ଏବେ ଜଗତସିଂହପୁର ଜିଲ୍ଲା, ପୂର୍ବରୁ ତାହା ଅବିଭକ୍ତ କଟକ ଜିଲ୍ଲାରେ ଥିଲା। ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ ଓ ରାଜନୀତିଜ୍ଞମାନେ ସେହି ଜିଲ୍ଲାକୁ ମର୍ଯ୍ୟାଦିତ କରି ଆସିଛନ୍ତି - ଅବିଭକ୍ତ ବାଲେଶ୍ୱର ଜିଲ୍ଲା ପରି। ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ଏବର ଆଧୁନିକ ଯୁଗ ପର୍ଯ୍ୟନ୍ତ ଅନେକ ବରପୁତ୍ରଙ୍କ ଆବିର୍ଭାବ ଜଗତସିଂହପୁର ମାଟିକୁ ଧନ୍ୟ କରିଛି। ସେହି ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ ନବକୃଷ୍ଣ ଚୌଧୁରୀ। ତାଙ୍କ ବଡ଼ଭାଇ ପ୍ରତ୍ୟକ୍ଷ ରାଜନୀତିରେ ନଥିଲେ ମଧ୍ୟ ସରକାରୀ ଚାକିରି ଛାଡ଼ି ଜଣେ ଗାନ୍ଧିବାଦୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ପ୍ରସିଦ୍ଧ ଥିଲେ। ସେହି

ତଥାପି ଯୋଗ୍ୟ ବା ଭଲ ଲୋକଟିଏକୁ ବିନା ଦଳୟୀ ଟିକେଟରେ କେହି ସାଧାରଣ ନିର୍ବାଚନରେ ଠିଆ ହେବାକୁ କହିଲେ, ସମ୍ଭବତଃ ସେ ଭୋଟ ପାଇ ନିର୍ବାଚିତ ହୋଇପାରିବ ନାହିଁ। ଆମ ଲୋକେ ଭଲ ପ୍ରାର୍ଥୀଙ୍କୁ ଭୋଟ ନଦେଇ ଦଳୀୟ ପ୍ରାର୍ଥୀଙ୍କୁ ବା ପଇସା ଥିଲା ବାଲା ପ୍ରାର୍ଥୀଙ୍କୁ ସମ୍ଭବତଃ ଭୋଟ୍‌ଦେଇ ଜିତେଇ ଦେବେ। ଭଲ ପ୍ରାର୍ଥୀ କିପରି ନିର୍ବାଚିତ ହୋଇପାରିବେ? ମୂଲ୍ୟବୋଧ ଥିବା ରାଜନୀତି ଆମର ଆବଶ୍ୟକ ଏବେ। ତାହା ହିଁ ହେବ ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତିପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।



ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ମହାପାତ୍ର ଓ ସରଳା ଦେବୀ, ବିଶିଷ୍ଟ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା, ଶିକ୍ଷାବିତ୍ ଶ୍ରୀରାମଚନ୍ଦ୍ର ଦାଶ, ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ, ସାହିତ୍ୟିକ ଚିତ୍ତରଞ୍ଜନ ଦାସ, ସ୍ୱାଧୀନତା ସଂଗ୍ରାମୀ ପ୍ରିୟନାଥ ଦେ ଓ କଣ୍ଠୁରୀ ଚରଣ ମଲ୍ଲିକ, ପୂର୍ବତନ ଲୋକସଭାର ବାଚସ୍ପତି ରବି ରାୟ, ପୂର୍ବତନ ବିଧାନସଭାର ବାଚସ୍ପତି ଯୁଧିଷ୍ଠିର ଦାସ, ପୂର୍ବତନ ମନ୍ତ୍ରୀ ପ୍ରତାପଚନ୍ଦ୍ର ମହାନ୍ତି, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ପୂର୍ବତନ ମନ୍ତ୍ରୀ ଲକ୍ଷ୍ମଣ ମଲ୍ଲିକ ପ୍ରଭୃତି ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିଥିଲେ।

ନବ ବାବୁ କଂଗ୍ରେସ ଦଳ ମଧ୍ୟରେ ଥିଲେ ମଧ୍ୟ ତାଙ୍କର ସୋସିଆଲିଷ୍ଟ ମନୋବୃତ୍ତି ହିଁ ତାଙ୍କୁ ଜଣେ ନିଆରା ରାଜନୀତିଜ୍ଞର ପରିଚୟ ଦେଇଥିଲା। ସେ ସର୍ବଦା ନିଜ ସ୍ୱାର୍ଥପ୍ରତି ଆଖି ବୁଜିଦେଇ ଅନ୍ୟମାନଙ୍କ ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ସେ ରାଜନୀତିରୁ ସନ୍ନ୍ୟାସ ନେବା ପରେ ନିଜର ଖ୍ୟାତି ଅର୍ଜନ ପାଇଁ କୌଣସି ଗୋଷ୍ଠୀ ଗଢ଼ିଯାଇ ନଥିଲେ। ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ସହିତ ଅନୁଗୁଳର 'ବାଜି ରାଉତ ଛାତ୍ରାବାସରେ' ଯାଇ ସେ ରହିଲେ ଆଦିବାସୀ ଓ ଅଭିଭାବକ ନଥିବା ପିଲାମାନଙ୍କ ସାଙ୍ଗରେ।

ସେ ପଢିଥିଲେ ବହୁତ। ସେ ଥିଲେ ଜ୍ଞାନପିପାସୁ। ମାତ୍ର ଲେଖିଥିଲେ ଖୁବ୍ ଅଳ୍ପ। ଜମିଦାର ଘରର ହୋଇ ସେ ଜମିଦାରମାନଙ୍କ ବିରୋଧରେ ଓ ଚାଷୀମାନଙ୍କ ପକ୍ଷରେ ସଂଗ୍ରାମ ଜାରି ରଖିଥିଲେ। ମୁଖ୍ୟମନ୍ତ୍ରୀରୁ ଯିବା ପରେ କୌଣସି ସଭାସମିତିକୁ ସେ ରିକ୍ସାରେ ଯାଉଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବୋଲି ତାଙ୍କଠାରେ ଅହଙ୍କାର ନଥିଲା। ତେଣୁ ବିଭିନ୍ନ ସଭା ସମିତିରେ ସେ ଯଦି ଇଚ୍ଛା କରି ଯୋଗ ଦେଉଥିଲେ, ଆଗ ଧାଡ଼ିରେ ନ ବସି ସେ ପଛ ଧାନିରେ ବସୁଥିଲେ। ଏବେ ତ ପଦପଦବୀରେ ଥିବା ବା ମାନ୍ୟଗଣ୍ୟ ବ୍ୟକ୍ତିମାନେ ବିଭିନ୍ନ ସଭା ସମିତିରେ ଆଗଧାଡ଼ିରେ ବସିବାକୁ ଖୁବ୍ ବ୍ୟାକୁଳ। ଆମ ସରକାରୀ କାର୍ଯ୍ୟ ନିଜ ମାତୃଭାଷା ଓଡ଼ିଆରେ ହେବାକୁ ସେ ପ୍ରଥମେ ମୁଖ୍ୟମନ୍ତ୍ରୀ ଥିବା ବେଳେ ଆଇନ ପ୍ରଣୟନ କରି ଉଦାହରଣ ସୃଷ୍ଟି କରିଯାଇଛନ୍ତି।

ସ୍ୱାଧୀନତାର ଅଶୀ ବର୍ଷରେ ଆମେମାନେ ପାଦ ପକାଇଲୁଣି। ଶାସକ ଓ ବିରୋଧୀ ରାଜନୀତିକ ଦଳଗୁଡ଼ିକ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ କେତେ ବାକ୍‌ବିତଣ୍ଡା ନ ଚାଲିଛି? ତଥାପି ଯୋଗ୍ୟ ବା ଭଲ ଲୋକଟିଏକୁ ବିନା ଦଳୟୀ ଟିକେଟରେ କେହି ସାଧାରଣ ନିର୍ବାଚନରେ ଠିଆ ହେବାକୁ କହିଲେ, ସମ୍ଭବତଃ ସେ ଭୋଟ ପାଇ ନିର୍ବାଚିତ ହୋଇପାରିବ ନାହିଁ। ଆମ ଲୋକେ ଭଲ ପ୍ରାର୍ଥୀଙ୍କୁ ଭୋଟ ନଦେଇ ଦଳୀୟ ପ୍ରାର୍ଥୀଙ୍କୁ ବା ପଇସା ଥିଲା ବାଲା ପ୍ରାର୍ଥୀଙ୍କୁ ସମ୍ଭବତଃ ଭୋଟ୍‌ଦେଇ ଜିତେଇ ଦେବେ। ଭଲ ପ୍ରାର୍ଥୀ କିପରି ନିର୍ବାଚିତ ହୋଇପାରିବେ? ମୂଲ୍ୟବୋଧ ଥିବା ରାଜନୀତି ଆମର ଆବଶ୍ୟକ ଏବେ। ତାହା ହିଁ ହେବ ସ୍ୱର୍ଗୀୟ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତିପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ। (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ।
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

ସାମ୍ୟବାଦୀ ଓ ସମାଜବାଦୀ ଆନ୍ଦୋଳନରେ ନବକୃଷ୍ଣ ଚୌଧୁରୀ



ପ୍ରହଲାଦ କୁମାର ସିଂହ

ଓଡ଼ିଶାରେ କମ୍ୟୁନିଷ୍ଟ ଓ ସୋସିଆଲିଷ୍ଟ ସଂଗଠନ ଗଢ଼ାଯିବା ପୂର୍ବରୁ ଜନ୍ମ ନେଇଥିଲା ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ। ଏହାକୁ ଆମ ରାଜ୍ୟର ପ୍ରଥମ ସମାଜବାଦୀ ଗୋଷ୍ଠୀ ବୋଲି କୁହାଯାଏ। ଉଲ୍ଲେଖନୀୟ ଯେ ୧୯୧୭ରେ ସୋଭିଏତ୍ ରୁଷର ସାମ୍ୟବାଦୀ ସଂଗ୍ରାମ ସମଗ୍ର ବିଶ୍ୱର ପରାଧୀନ, ଶୋଷିତ ଓ ଅତ୍ୟାଚାରୀ ଲୋକଙ୍କ ମନରେ ଆଶାର ଝଲକ ସୃଷ୍ଟି କରିଥିଲା। ଏ ପରିପ୍ରେକ୍ଷୀରେ କାର୍ଲ ମାର୍କ୍ସଙ୍କ ବିଚାର ସଂପର୍କରେ ଚିନ୍ତାଶୀଳ ଲୋକମାନେ ଆଲୋଚନା କରୁଥିଲେ। ସ୍ୱାଧୀନତା ଆନ୍ଦୋଳନ କାଳରେ ଜେଲ୍‌ରେ ଥିବାବେଳେ ନବକୃଷ୍ଣ ଚୌଧୁରୀ କାର୍ଲ ମାର୍କ୍ସ ଓ ଲେଲିନ୍‌ଙ୍କ ବିଚାର ତଥା ଜୀବନୀ ଉପରେ ଗଭୀର ଅଧ୍ୟୟନ କରିଥିଲେ। କାରାମୁକ୍ତ ହେବା ପରେ ଜଗତସିଂହପୁରର ଅଣଖିଆ ଗାଁରେ ଥିବା ତାଙ୍କ ଆଶ୍ରମରେ ଏ ସଂକ୍ରାନ୍ତରେ ବିଭିନ୍ନ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କ ସହିତ ସେ ଆଲୋଚନା କରୁଥିଲେ।

ଗୋଟିଏ ପଟେ ଗଡ଼ଜାତ ଅଞ୍ଚଳରେ ରାଜା-ଜମିଦାରଙ୍କ ନାହିଁନଥିବା ଅତ୍ୟାଚାରଓ ଅନ୍ୟପଟେ ବ୍ରିଟିଶ ସରକାରର ଶୋଷଣ ପରିପ୍ରେକ୍ଷୀରେ ସକ୍ରିୟ ଯୁବଗୋଷ୍ଠୀ ଗଢ଼ିବା ପାଇଁ ଅଣଖିଆଠାରେ ୧୯୩୩ ଫେବୃଆରୀ ମାସରେ ନବକୃଷ୍ଣ ଚୌଧୁରୀଙ୍କ ସଂଯୋଜନାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା ଏବଂ ଏହି ବୈଠକରେ ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ ଗଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାଳତୀ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଗୌରାଙ୍ଗ ଚରଣ ଦାସ ପ୍ରମୁଖ ଏହି କର୍ମୀ ସଂଘ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ପ୍ରାଣନାଥ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ଭଗବତୀ ଚରଣ ପାଣିଗ୍ରାହୀ ଆଦି ଏହି କର୍ମୀ ସଂଘକୁ ଆଗେଇ ନେଲେ। **ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘର ସଦସ୍ୟମାନେ କିଛି ବ୍ୟକ୍ତିଗତ ସଂପତ୍ତି ରଖିବେ ନାହିଁ କିମ୍ବା କାହାର ଦାନ କି ଦୟା ଉପରେ ନିର୍ଭର କରି ଚଳିବେ ନାହିଁ ବୋଲି ଘୋଷଣା କରିଥିଲେ। ଏମାନଙ୍କ ଭିତରେ ଯେଉଁମାନେ ବ୍ରାହ୍ମଣ ଥିଲେ ସେମାନେ ନିଜନିଜ ପଇତା ସ୍ୱେଚ୍ଛାକୃତ ଭାବେ ବିସର୍ଜନ କରିଦେଇଥିଲେ।** ଏହି ଭିତ୍ତିଭୂମିରେ ନବକୃଷ୍ଣ ଚୌଧୁରୀ ଅଣଖିଆ ଫାର୍ମଟି କର୍ମୀ ସଂଘ ହାତରେ ଟେକିଦେଇଥିବାବେଳେ ମାଳତୀ ଦେବୀ ତାଙ୍କର ଗହଣା ଦାନ କରିଥିଲେ।

୧୯୩୩ରେ ସାମ୍ୟବାଦୀ କର୍ମୀ ସଂଘର ମୁଖପତ୍ର 'ସାରଥି' ପତ୍ରିକା ପ୍ରକାଶ ପାଇଲା। ଏହାଥିଲା ଓଡ଼ିଶାରେ ସାମ୍ୟବାଦୀ ଦର୍ଶନର ପ୍ରଥମ ପତ୍ରିକା ଓ ନବକୃଷ୍ଣ ଚୌଧୁରୀ ଥିଲେ ତା'ର ସଂପାଦକ। ସେତେବେଳେ ସାରଥି ପତ୍ରିକାର ଆହ୍ୱାନ ଥିଲା 'ଦୁନିଆର ଶ୍ରମିକ ଏକଜୁଟ ହୁଅ'। ସେହିବର୍ଷ ମେ' ପହିଲାରେ ଏହି ସାମ୍ୟବାଦୀ କର୍ମୀ ସଂଘ ଶ୍ରମିକ ଦିବସ ପାଳନ କରିଥିଲେ। ଏହାର କିଛିଦିନ ପରେ କଟକ ଚୌଧୁରୀ ନିବାସରେ କେତେକ ଉତ୍ସାହୀ ଯୁବକଙ୍କୁ ନେଇ ଏକ ରାଜ୍ୟସ୍ତରୀୟସମ୍ମିଳନୀ ଅନୁଷ୍ଠିତ ହେଲା ଯେଉଁଥିରେ ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ ଗଢ଼ାଯିବା ଘେନି ଖୋଲା ଘୋଷଣା କରାଯାଇଥିଲା। ଏହି ସମ୍ମିଳନୀ ହୋଇଥିଲା ବିପ୍ଳବୀ ଯୁବନେତା ପ୍ରାଣନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ।

ଗୋପବନ୍ଧୁ-ନବକୃଷ୍ଣ ଚୌଧୁରୀଙ୍କ କଟକ ବାଖରାବାଦସ୍ଥିତ ପୈତୃକ ଗୃହରେ ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘର ପ୍ରାଦେଶିକ କାର୍ଯ୍ୟାଳୟ ଚାଲୁଥିଲା। ଉଲ୍ଲେଖନୀୟ ଯେ ଅସହଯୋଗ ଆନ୍ଦୋଳନଠାରୁ ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ, ଭୂଦାନ ଆନ୍ଦୋଳନରୁ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ପର୍ଯ୍ୟନ୍ତ ଅନେକ ସଂଗ୍ରାମର ମୁକସାକ୍ଷୀ ହେଉଛି ଏହି ଚୌଧୁରୀ ନିବାସ। ୧୯୩୪ ମସିହାରେ ଜାତୀୟ ସ୍ତରରେ ଗଢ଼ାଗଲା କଂଗ୍ରେସ ସୋସାଲିଷ୍ଟ ପାର୍ଟି ଏବଂ ଏଥିରେ ଉତ୍କଳ ସାମ୍ୟବାଦୀ ସଂଘ ମିଶିଲା। ଆଚାର୍ଯ୍ୟ ନରେନ୍ଦ୍ର ଦେବ, ରାମ ମନୋହର ଲୋହିଆ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ଜୟପ୍ରକାଶ ନାରାୟଣ ପ୍ରମୁଖଙ୍କ ଉଦ୍ୟମରେ କଂଗ୍ରେସ ସୋସାଲିଷ୍ଟ ପାର୍ଟି କଂଗ୍ରେସ ସଂଗଠନ ଭିତରେ ଏକ ଚାପ ସୃଷ୍ଟିକାରୀ ଗୋଷ୍ଠୀ ଭାବେ ଗଢ଼ାଯାଇଥିଲା। ଗୋଟିଏ ସମୟରେ ଲାଲ୍-ବାଲ୍-ପାଲ୍‌ଙ୍କ ଭଳି ଅଗ୍ରଗଣ୍ୟ କଂଗ୍ରେସ ନେତାମାନଙ୍କୁ ଚରମପନ୍ଥୀ ବୋଲି କୁହାଯାଉଥିଲା। ପରବର୍ତ୍ତୀ ସମୟରେ ପରିବର୍ତ୍ତନକାମୀ ପଣ୍ଡିତ ମୋତିଲାଲ ନେହରୁ, ଚିତ୍ତରଞ୍ଜନ ଦାସ, ପଣ୍ଡିତ ମଦନ ମୋହନ ମାଲବ୍ୟ ଆଦି କଂଗ୍ରେସ ଭିତରେ ସ୍ୱରାଜ ପାର୍ଟି ଗଠନ କରିଥିଲେ।

ସାମ୍ୟବାଦୀ ବିଚାରର ସ୍ପଷ୍ଟ ପରିପ୍ରକାଶ ପାଇଁ ଗଢ଼ାଗଲା 'ନବଯୁଗ ସାହିତ୍ୟ ସଂସଦ'। ଏହି ସଂସଦର ଅନ୍ୟ ଏକ ପତ୍ରିକା ବାହାରିଲା 'ଆଧୁନିକ' ନାମରେ। ନବଯୁଗ ସାହିତ୍ୟ ସଂସଦର ଉଦ୍‌ଘାଟନୀ ଉତ୍ସବ ପାଇଁ ଆବାହନୀ ସଂଗୀତ ଲେଖିଥିଲେ କବି ଅନନ୍ତ ଚରଣ ପଟ୍ଟନାୟକ ଏବଂ ଏହା ଗାନ କରିଥିଲେ ନିଜେ ମାଳତୀ ଦେବୀ। ଏହି ଉଦ୍ଗାଦନା ଭରା ସଂଗୀତରେ ଥିଲା- 'ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନହରା / ବକ୍ଷ ଶୋଣିତେ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା // ଛିନ୍ନ କରରେ ବନ୍ଧନରାଜି କ୍ରନ୍ଦନ ହେଉ ଶେଷ / ଲୁପ୍ତ ହେଉ ହେ ଜାତି ଉପଜାତି ଖଣ୍ଡିତ ଶତ ଦେଶ / ମହାମାନବର ଶଙ୍ଖ ଶବଦେ ଶମୁରେ ଦୁଃଖ କ୍ଷାଳା / ଜାଗ ବନ୍ଧନହରା।' ସାରଥି, ଆଧୁନିକ ଓ କୃଷକ ଭଳି ସେତେବେଳର ପ୍ରଗତିଶୀଳ ପତ୍ରିକାଗୁଡ଼ିକରେ ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, କାଳନ୍ଦୀ ଚରଣ ପାଣିଗ୍ରାହୀ, ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ ଆଦିଙ୍କ ଲେଖାମାନ ପ୍ରକାଶ ପାଉଥିଲା।

ପରବର୍ତ୍ତୀ ସମୟରେ କଂଗ୍ରେସ ଭିତରେ ଥିବା ସାମ୍ୟବାଦୀ ଓ ସମାଜବାଦୀ ବିଚାର ସଂପନ୍ନ ଅନେକ ନେତା କଂଗ୍ରେସରୁ ସଂପର୍କ ଛିନ୍ନ କଲେ। ଏମିତିକି ଏହି ସାମ୍ୟବାଦୀ ଓ ସମାଜବାଦୀମାନେ ଗୋଟିଏ ସମୟରେ କଂଗ୍ରେସର କଟୁ ସମାଲୋଚକ ମଧ୍ୟ ହେଲେ। ବନମାଳୀ ଦାସ, ମୋହନ ଦାସ, ସାରଙ୍ଗଧର ଦାସ, ଗୋବିନ୍ଦ ପ୍ରଧାନ, ବନମାଳୀ ରାମ, ବୈଷ୍ଣବ ଚରଣ ପଟ୍ଟନାୟକଙ୍କ ଭଳି କ୍ରାନ୍ତିକାରୀ ଜନନେତାମାନେ ବିଭିନ୍ନ ପର୍ଯ୍ୟାୟରେ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ବିଶେଷକରି ଚାଷୀ, ଶ୍ରମିକ ଏବଂ ଗଡ଼ଜାତ ଅଞ୍ଚଳର ନିର୍ଯାତିତ ଲୋକଙ୍କ ମୁକ୍ତି ପାଇଁ ସ୍ୱର ଉଠାଇଲେ।

ନବକୃଷ୍ଣ ୧୯୩୭ରେ ବିଧାୟକ, ୧୯୪୬ରେ ରାଜସ୍ୱ ମନ୍ତ୍ରୀ ଏବଂ ୧୯୫୦ରୁ ୫୬ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ



ଅନୁଗୋଳସ୍ଥିତ ବାପି-ନୁମା କୁଟୀରର ମାଟି ପିଣ୍ଡିରେ ଡକ୍ଟରାଳୀନ ରାଷ୍ଟ୍ରପତି ନୀଲମ ସଂଜୀବ ରେଡ୍ଡିଙ୍କ ସହ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ, ରାଜ୍ୟପାଳ ଭଗବତ ଦୟାଲ ଶର୍ମା ଓ ମନ୍ତ୍ରୀ ହରିଷ୍ଚନ୍ଦ୍ର ବକ୍ସିପାତ୍ର।

ସାମ୍ୟବାଦୀ ଓ ସମାଜବାଦୀ ଦର୍ଶନକୁ ସାକାର ରୂପ ଦେବା ଲାଗି ଅନେକ କ୍ରାନ୍ତିକାରୀ ଆଇନ୍ ପ୍ରଣୟନ କରିଥିଲେ। ଏହାଛଡ଼ା ସରକାରୀ କଳକୁ ଦମନ ଓ ଶାସନର ମାଧ୍ୟମ ନକରି ସେବାର କ୍ଷେତ୍ର ଭାବେ ପରିଣତ କରିବା ପାଇଁ ସେ ନିରବଚ୍ଛିନ୍ନ ଉଦ୍ୟମ ଚଳାଉଥିଲେ। ଭାଗଚାଷୀଙ୍କ ସ୍ୱାର୍ଥ ରକ୍ଷାଠାରୁ ଆରମ୍ଭ କରି ନିଶା ନିବାରଣ, ଓଡ଼ିଆକୁ ସରକାରୀ ଭାଷା, ଗଡ଼ଜାତ ମିଶ୍ରଣ, ଜମିଦାରୀ ଉଚ୍ଛେଦ ଆଦି ବିଭିନ୍ନ କ୍ଷେତ୍ରରେ ସେ କ୍ରାନ୍ତିକାରୀ ଭୂମିକା ନେଇଥିଲେ।

ଶାସନ ବ୍ୟବସ୍ଥାରେ ବଢ଼ି ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଅତିଷ୍ଠ ହୋଇ ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦ ସହିତ ରାଜ୍ୟ ବିଧାନସଭାର ସଦସ୍ୟ ପଦ ଓ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। **ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାବେଳେ ଅନେକଙ୍କୁ ଜମି ପ୍ରଦାନ କରାଯାଇଥିଲା। କିନ୍ତୁ ନିଜେ କୌଣସି ବ୍ୟକ୍ତିଗତ ସଂପତ୍ତି ରଖିବେ ନାହିଁ ବୋଲି ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀ ସଂଘ ଗଠନ ବେଳେ ନବକୃଷ୍ଣ ଯେଉଁ ଶପଥ ନେଇଥିଲେ ସେଥିରେ ଅଡ଼ି ରହି ରାଜଧାନୀ ଭୁବନେଶ୍ୱର କିମ୍ବା ଅନ୍ୟ କୌଣସି ସ୍ଥାନରେ ଇଞ୍ଚେ ହେଲେ ଭୂ-ସଂପତ୍ତି ନିଜ ପାଇଁ କରିନାହାନ୍ତି।**

ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ଅତି ସରଳ ଓ ନିରାଡମ୍ବର ଜୀବନଯାପନ କରିବା ସହିତ ଭୁବନେଶ୍ୱରର ୧ ନମ୍ବର ୟୁନିଟ୍ ଅଞ୍ଚଳରେ ଏକ ଛୋଟ ସରକାରୀ କ୍ୱାର୍ଟର୍‌ରେ ରହୁଥିଲେ ଏବଂ ଏଠାକୁ ସାଧାରଣ ଲୋକେ ବିନା ପ୍ରତିବନ୍ଧକରେ ଆସିପାରୁଥିଲେ। ଗାଁ ଗହଳକୁ ଯାଇ ଲୋକଙ୍କ ଭଲମନ୍ଦ ବୁଝିବା ସହିତ ସମସ୍ୟା ସମାଧାନ ଲାଗି ଉଦ୍ୟମ କରୁଥିଲେ। କୃଷିର ବିକାଶ ପାଇଁ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶା କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏଭଳି ତାଲିକା ଢେର ଲମ୍ବା।

ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରେ ନବକୃଷ୍ଣଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗ ଦେବା ପାଇଁ ସେତେବେଳର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ବାରମ୍ବାର ଅନୁରୋଧ କରିଥିଲେ। ଏମିତିକି ମନ୍ତ୍ରୀ ନହେଲେ ସେ ରାଜ୍ୟପାଳ ହୁଅନ୍ତୁ ବୋଲି ମଧ୍ୟ ପ୍ରସ୍ତାବ ଦେଇଥିଲେ। କିନ୍ତୁ ନବକୃଷ୍ଣ ତାହା ଗ୍ରହଣ କରିନଥିଲେ। ଏଠାରେ ଉଲ୍ଲେଖନୀୟ ଯେ ତାଙ୍କ ପତ୍ନୀ ମାଳତୀ ଦେବୀ ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ପଦରୁ ଇସ୍ତଫା ଦେଇ ଗାନ୍ଧୀଜୀଙ୍କ ସହ ନୋଆଖାଲି ଶାନ୍ତି ଯାତ୍ରାରେ ସାମିଲ ହୋଇଥିଲେ। ୧୯୦୧ ନଭେମ୍ବର ୨୩ରେ କଟକସ୍ଥିତ ବର୍ତ୍ତମାନର ସ୍ୱରାଜ ଆଶ୍ରମ ଘରେ ଜନ୍ମିତ ନବକୃଷ୍ଣ ଚୌଧୁରୀଙ୍କ ଦେହାନ୍ତ ହେଲା ୧୯୮୪ ଜୁନ୍ ୨୪ରେ - ଅନୁଗୋଳର ବାଜି ରାଉତ ଛାତ୍ରାବାସ ପରିସରରେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସରକାରଙ୍କ...

ସତ୍ତ୍ୱେ କାହିଁକି ଜିଏମ-୨ ଶ୍ରୀ ନନ୍ଦଙ୍କ ଦସ୍ତଖତରେ ଟେଣ୍ଡର ଆହ୍ୱାନ ହେଲା, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ବଦଳି ନିର୍ଦ୍ଦେଶ ପାଳନ ନ କରି କେଉଁ ସ୍ୱାର୍ଥରେ ସେ ବିଏସସିଏଲ୍ ପଦ ମାଡ଼ି ବସିଛନ୍ତି ବୋଲି ବିଏମସିର କେତେକ କର୍ପୋରେଟର ପ୍ରଶ୍ନ ଉଠାଇଲେଣି । ଆଗକୁ କର୍ପୋରେସନ ବୈଠକରେ ମଧ୍ୟ ଏହି ପ୍ରସଙ୍ଗ ଉଠିବ ବୋଲି ଜଣେ କର୍ପୋରଟର କହିଛନ୍ତି ।

କେନ୍ଦ୍ର ସରକାର ସ୍ମାର୍ଟ ସିଟି ମିଶନରେ ଆଉ ଅର୍ଥ ଦେଉନାହାନ୍ତି । ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଅଧୀନରେ କାର୍ଯ୍ୟକାରୀ ହେଉଥିବା ୩୨ଟି ଯାକ ପ୍ରକଳ୍ପ କାମ ସରିଲାଣି । ବିଏସସିଏଲକୁ ମିଳିଥିବା ୨୦୭୧ କୋଟି ଟଙ୍କାରୁ ୨୦୫୬ କୋଟି ଟଙ୍କାର ପ୍ରକଳ୍ପ କାମ ସରିଛି ବୋଲି କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ଲୋକସଭାରେ ତଥ୍ୟ ରଖିଥିଲେ । କେବଳ ବିଏମସି ଦପ୍ତରରେ ସଫେଇ କର୍ମଚାରୀ ଓ ଅନ୍ୟ ମାନବସମ୍ବଳ ନିଯୁକ୍ତି, ବହୁତଳ କାର ପାର୍କିଂର ପରିଚାଳନା, ସ୍ମାର୍ଟ ଜନପଥର ସୌନ୍ଦର୍ଯ୍ୟକରଣ ଓ ଟ୍ରାଫିକ ସିଗନାଲ ପରିଚାଳନାକୁ ଛାଡ଼ିଲେ ଆଉ ଅନ୍ୟ କାମ ନାହିଁ । ଏଥିପାଇଁ ଗତ କିଛି ଦିନ ତଳେ ବିଏସସିଏଲକୁ ବନ୍ଦ କରି ବିଏମସିରେ ମିଶାଇ ଦେବାକୁ ଯୋଜନା ଚାଲିଥିଲା । ଏହି ପ୍ରସ୍ତାବ ଏବେ ବିଚାରଧୀନ ଅଛି । କିନ୍ତୁ ଏସବୁ ସତ୍ତ୍ୱେ କେଉଁ ଉଦ୍ଦେଶ୍ୟରେ ଜିଏମ-୨ ଥିବା ଶ୍ରୀ ନନ୍ଦ ବିଏସସିଏଲ୍ ମୋହ ଛାଡୁନାହାନ୍ତି, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ଛିଡ଼ା ହୋଇଛି ।

ବାର୍‌ରେ...

କମିଶନରେଟ୍ ପୋଲିସ ନିରବ କାହିଁକି ସେଥିନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରେଭ୍ ପାର୍ଟି ଯୋଗୁ ବିଭିନ୍ନ ସମୟରେ ଗଣ୍ଡଗୋଳ ଓ ବିଭିନ୍ନ ଅଭିଯୋଗ ହେଉଛି । ପୋଲିସ ଯଦି ସେହିସବୁ ବାର୍ ଗୁଡିକ ଉପରେ ନଜର ରଖନ୍ତା ତେବେ ଅଭାବନୀୟ ଘଟଣା ଘଟନ୍ତା ନାହିଁ ବୋଲି ମତପ୍ରକାଶ ପାଇଛି ।

ଦିଲ୍ଲୀରେ...

ମୁଖ୍ୟ ବିଷୟ ହେବ । ସୋମବାର ନୂଆଦିଲ୍ଲୀରେ ମୋଦୀ ଓ ବାଲେନ୍ ଶାହଙ୍କ ମଧ୍ୟରେ ପ୍ରତିନିଧିସ୍ତରୀୟ ଆଲୋଚନା ହେବ । ଏଥିସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ସାକ୍ଷାତ କରିବା ସହ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ମଧ୍ୟ ଆଲୋଚନା କରିବେ । ଶାହଙ୍କ ସହ ୩୪ ଜଣିଆ ସରକାରୀ ପ୍ରତିନିଧି ଦଳ ଭାରତ ଆସିଛନ୍ତି । ଏଥିରେ ଅର୍ଥମନ୍ତ୍ରୀ ସ୍ୱର୍ଣ୍ଣିମ ୱାଗ୍ଲେ ଓ ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ସାମିଲ ଅଛନ୍ତି । ଏକ ୫୨ ଜଣିଆ ବ୍ୟବସାୟୀ ପ୍ରତିନିଧି ଦଳ ମଧ୍ୟ ଏହି ଗସ୍ତରେ ଆସିଛି । ଜଳବିଦ୍ୟୁତ୍ ପ୍ରକଳ୍ପ, ରେଳପଥ, ବିମାନ ଚଳାଚଳ ଓ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ଉପରେ ଦୁଇ ଦେଶ ଗୁରୁତ୍ୱ ଦେବେ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର ହେବା ଆଶା କରାଯାଉଛି । ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଐତିହାସିକ, ସାଂସ୍କୃତିକ ଓ ଆର୍ଥିକ ସମ୍ପର୍କକୁ ନୂଆ ଦିଗ ଦେବାରେ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି ।

ନବନିର୍ବାଚିତ ନେପାଳୀ ପ୍ରଧାନମନ୍ତ୍ରୀମାନେ ସେମାନଙ୍କର ପ୍ରଥମ ସରକାରୀ ଦ୍ୱିପାକ୍ଷିକ ବିଦେଶ ଗସ୍ତ ପାଇଁ ଭାରତକୁ ବାଛିବା ଏକ ଦୀର୍ଘକାଳୀନ କୂଟନୈତିକ ଅଭ୍ୟାସ ହୋଇଆସିଛି, ଯାହା ଦକ୍ଷିଣ ପଡ଼ୋଶୀ ସହିତ ସମ୍ପର୍କର ଗୁରୁତ୍ୱକୁ ପ୍ରତିଫଳିତ କରେ। ତେବେ କେପି ଶର୍ମା ଓଲି ୨୦୨୪ରେ ମସିହାରେ ତାଙ୍କର ପ୍ରଥମ ବିଦେଶ ଗସ୍ତ ପାଇଁ ଚୀନକୁ ବାଛି ପରମ୍ପରାରୁ ଓହରି ଯାଇଥିଲେ। ଶାହ ସୋମବାର ନେପାଳ ଫେରିବାର କାର୍ଯ୍ୟକ୍ରମ ରହିଛି ।

ଟ୍ରେଲରର...

ନିଆଯାଇଥିଲେ ମଧ୍ୟ ସେମାନଙ୍କର ମୃତ୍ୟୁ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି ଓ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ନିକଟତମ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି । ମୃତକମାନେ ହେଲେ ସୌରଭ ସିଂହ ନେଗୀ (୩୦), ତାଙ୍କ ପତ୍ନୀ ସବିତା (୩୧) ଓ ତିନି ମାସର ଝିଅ ସିବିକା । ସେହିପରି ରାଜେଶ ସିଂହ ରାୱତ (୩୫) ଓ ତାଙ୍କ ୭ ବର୍ଷର ଝିଅ ରକ୍ଷିତା, ରିଙ୍କି ଗୋସାଇଁ (୩୦) ଓ ତାଙ୍କ ୪ ବର୍ଷର ଝିଅ ବାମିକା ମଧ୍ୟ ଏହି ଦୁର୍ଘଟଣାରେ ଆଖି ବୁଜିଛନ୍ତି । ସୌରଭ ଓ ରାଜେଶ ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ । ଉଭୟ ଭୁଜଠାରେ ନିଯୋଜିତ ଥିଲେ । ଦୁଇଟି ପରିବାର ରାନ୍ ପରିଦର୍ଶନ କରିବାକୁ କଚ୍ଛ ଯାଇଥିଲେ ଓ ଫେରିବା ସମୟରେ ଦୁର୍ଘଟଣା ଘଟିଥିଲା । ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରୁଛି ।

ନିଟ୍ ପିଜି...

ଦର୍ଶାଉଛି ଯେ, ଏମଡି ଜେନେରାଲ ମେଡିସିନରେ ସର୍ବାଧିକ ୧,୦୨୬ ଟି ବ୍ଲକ୍ ସିଟ୍ ଅଛି । ଏହା ପରେ ଏମଏସ ପ୍ରସୂତି ଏବଂ ସ୍ତ୍ରୀ ରୋଗ ୮୬୧ ଏବଂ ଏମଏସ ଜେନେରାଲ ସର୍ଜରୀ ୭୮୬ ସିଟ୍ ରହିଛି । ଚିକିତ୍ସା-ସାମାଜିକ କର୍ମୀ ଡାକ୍ତର ନଚିକେତ ଭାଟିଆ ମଧ୍ୟ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ପ୍ରସଙ୍ଗ ଉଠାଇଛନ୍ତି ।ଫ୍ଲୋଟ୍ ବୈଶିଷ୍ଟ୍ୟ ପ୍ରାର୍ଥୀମାନଙ୍କୁ ଅପଗ୍ରେଡ୍ ଖୋଜିବା ସମୟରେ ସେମାନଙ୍କର ଆବଣ୍ଟିତ ଆସନ ବଜାୟ ରଖିବାକୁ ଅନୁମତି ଦିଏ, ତାହା ସିଟ୍ଗୁଡ଼ିକୁ ଦୁଇଥର ଅବରୋଧ କରିପାରେ। କାରଣ ସର୍ବଭାରତୀୟ ଏବଂ ରାଜ୍ୟସ୍ତରୀୟ ପରାମର୍ଶ ଏକକାଳୀନ ଭିନ୍ନ ଭିନ୍ନ ପ୍ଲାଟଫର୍ମରେ କରାଯାଇଥାଏ। ଜଣେ ପ୍ରାର୍ଥୀ ଉଭୟ ପ୍ରକ୍ରିୟାରେ ଫ୍ଲୋଟ୍ ଚୟନ କରିପାରିବେ ଏବଂ ଏହିପରି ଦୁଇଟି ଆସନକୁ ଅବରୋଧ କରିପାରିବେ। ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ପ୍ରଚଳିତ ଏହି ବ୍ୟବସ୍ଥା ଅନୁଯାୟୀ, ପ୍ରାର୍ଥୀମାନେ ଅପଗ୍ରେଡ୍ ଚାହୁଁଥିବା ସମୟରେ ସେମାନଙ୍କର ସିଟ୍ ସଂରକ୍ଷଣ କରିପାରିବେ, ଯେତେବେଳେ ତୃତୀୟ ପର୍ଯ୍ୟାୟରେ ଶାରୀରିକ ଯୋଗଦାନ ବାଧ୍ୟତାମୂଳକ। ଅଧିକାରୀ କହିଛନ୍ତି ଯେ, ଭବିଷ୍ୟତର ପରାମର୍ଶ ପ୍ରକ୍ରିୟାରେ, ସରକାର ସିଟ୍ ଅପଗ୍ରେଡ୍ କରିବାର ବିକଳ୍ପ ଭାବେ ଫ୍ଲୋଟ୍ କେବଳ ପ୍ରଥମ ପର୍ଯ୍ୟାୟରେ ସୀମିତ ରଖିବା ଏବଂ ଦ୍ୱିତୀୟ ପର୍ଯ୍ୟାୟରୁ ଶାରୀରିକ ଯୋଗଦାନକୁ ବାଧ୍ୟତାମୂଳକ କରିବା ଉପରେ ବିଚାର କରିପାରନ୍ତି ।

ଇଫିରେ...

ବରଂ ସ୍ୱପ୍ନ ଦେଖିବା, ପୁରୁଣା ପ୍ରଥା ଓ ପରମ୍ପରା ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ନିଜର ରୁଚି ପୂରଣ କରିବାର ସ୍ୱାଧୀନତା ହାସଲ କରିବା ଉପରେ ଆଧାରିତ ।

ସତ୍ୟ ଘଟଣା ଉପରେ ଆଧାରିତ 'ବାଘୁଣୀ' (ଡାନ୍ସ ଲାଇକ୍ ଏ ଟାଇଗର)ର ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ପୁରସ୍କାର ବିଜୟୀ ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର। ଚଳଚ୍ଚିତ୍ରରେ ଏମିତି ଜଣେ ଛୋଟ ଝିଅର କାହାଣୀ ବର୍ଣ୍ଣିତ ହୋଇଛି ଯିଏ ସମାଜରେ ଗଭୀର ଭାବେ ରହିଥିବା ଲିଙ୍ଗଗତ ଭେଦଭାବ ବିରୋଧରେ ସ୍ୱର ଉତ୍ତୋଳନ କରିବା ଲାଗି ଦୃଢ଼ ସଂକଳ୍ପ ନେଇଛି । ଓଡ଼ିଶାର ଜୀବନ୍ତ ଲୋକ ପରମ୍ପରା ପୃଷ୍ଠଭୂମି ଉପରେ ନିର୍ମିତ ଏହି ଚଳଚ୍ଚିତ୍ର ଲିଙ୍ଗଗତ ବାଛବିଚାର, ସାମାଜିକ ହୀନମନ୍ୟତା, ସାଂସ୍କୃତିକ ପରିଚୟ ଏବଂ ଚିରାଚରିତ ନୀତିନିୟମ ଉପରେ ପ୍ରଶ୍ନ ଉଠାଇବାର ସାହସକୁ ଦର୍ଶାଇଥାଏ ।

ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର 'ବାଘୁଣୀ'କୁ ଏକ ଗଭୀର ବ୍ୟକ୍ତିଗତ ଉପଲବ୍ଧି ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରାୟ ଦୁଇ ଦଶନ୍ଧି ଧରି ଚଳଚ୍ଚିତ୍ର ଶିଳ୍ପରେ ରହିବା ପରେ ଏହି ଚଳଚ୍ଚିତ୍ର ଜରିଆରେ ସେ ପ୍ରଥମ ଥର ନିର୍ଦ୍ଦେଶନା ଦୁନିଆରେ ପାଦ ଥାପିଛନ୍ତି । ଇଫି, ଏନଏଫଡିସି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ସହଯୋଗ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି, ବାଘ ନାଚର ସାଂସ୍କୃତିକ ପୃଷ୍ଠଭୂମି ସହିତ କାହାଣୀରେ ଲିଙ୍ଗଗତ ସମାନତା, ସାହସ ଏବଂ ମାନବିକ ଭାବନା ପ୍ରଦର୍ଶିତ ହୋଇଛି । ଝିଅମାନଙ୍କୁ ସମାନ ସୁଯୋଗ ଦିଆଗଲେ, ସେମାନେ ଆଶାଠାରୁ ଅଧିକ ସଫଳତା ହାସଲ କରିପାରିବେ। ବ୍ରହ୍ମପୁରରେ ବ୍ୟାପକ ଗବେଷଣା ପରେ ସେ ଏହି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଅଡିସନ ନେବା ପରେ ସେ ଏହି ଚଳଚ୍ଚିତ୍ର ପାଇଁ ସ୍ଥାନୀୟ ଛୋଟ ପିଲାଙ୍କୁ କଳାକାର ଭାବେ ଚୟନ କରିଛନ୍ତି । ଏଥିରେ ସୁନାମଧନ୍ୟ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ । ସବ୍ୟସାଚୀ ମିଶ୍ର 'ବାଘୁଣୀ'କୁ ଏକ ଚିତ୍ତାକର୍ଷକ କାହାଣୀ ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ନୂତନ ଓ ସତେଜ ପ୍ରସ୍ତୁତି ରୂପେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ପାରମ୍ପରିକ 'ବାଘ ନାଚ' ଏବଂ 'ବାଘୁଣୀ' ମଧ୍ୟରେ ଥିବା ପାର୍ଥକ୍ୟ ଏହି ଚଳଚ୍ଚିତ୍ରର କାହାଣୀରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି, ଯାହା କାହାଣୀକୁ ଅଧିକ ଗଭୀର ଓ କୌତୁହଳପୂର୍ଣ୍ଣ କରିଛି । ଏଥିରେ ଜଣେ ପାରମ୍ପରିକ ବାଘ ନାଚ କଳାକାର ଭାବରେ ଅଭିନୟ କରିବାକୁ ନେଇ ନିଜର ଅଭିଜ୍ଞତା ସମ୍ପର୍କରେ ସବ୍ୟସାଚୀ କହିଛନ୍ତି, ଏହି ଚଳଚ୍ଚିତ୍ର ପାଇଁ ସେ ୩୦ କିଲୋଗ୍ରାମ ଓଜନ କମାଇଛନ୍ତି । ଭୂମିକାକୁ ଅଧିକ ଜୀବନ୍ତ କରିବା ଲାଗି ସେ କଠିନ ଶାରୀରିକ ପରିଶ୍ରମ ଏବଂ ଆଧ୍ୟାତ୍ମିକ ପ୍ରସ୍ତୁତି କରିଛନ୍ତି । ସବ୍ୟସାଚୀ ଏହି ଲୋକକଳା ସହ ଜଡିତ ରୀତିନୀତି ଏବଂ ଘଣ୍ଟା ଘଣ୍ଟା ଲାଗୁଥିବା ଜଟିଳ ଶରୀର ଚିତ୍ରକଳା ବିଷୟରେ ମଧ୍ୟ କହିଥିଲେ । ସେ କହିଥିଲେ, କଳାକାରଙ୍କୁ ଦେବୀ ମା' ଭଗବତୀ ବୁଢ଼ୀ ଠାକୁରାଣୀଙ୍କ ପ୍ରତିମୂର୍ତ୍ତି ଭାବରେ ପୂଜା କରାଯାଏ। ଚଳଚ୍ଚିତ୍ରଟି ବିଶ୍ୱସ୍ତରରେ ଦର୍ଶକଙ୍କୁ ଆକୃଷ୍ଟ କରିବା ସହିତ ଓଡ଼ିଆ ସିନେମା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ । ଏହାର ବାର୍ତ୍ତା ବିଶ୍ୱବ୍ୟାପୀ ଦର୍ଶକଙ୍କ ନିକଟରେ ପହଞ୍ଚାଇବାକୁ ସେ ଗଣମାଧ୍ୟମକୁ ଅନୁରୋଧ କରିଥିଲେ। ଚଳଚ୍ଚିତ୍ରର ପ୍ରଯୋଜକ ପାର୍ଥ ପଣ୍ଡା 'ବାଘୁଣୀ'କୁ ଏକ ଭବ୍ୟ ପ୍ରିମିୟର ମାଧ୍ୟମରେ ସମ୍ମାନିତ କରିବା ଏବଂ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ଅନ୍ତର୍ଜାତୀୟ ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ଯୋଗାଇ ଦେଇଥିବାରୁ ଇଫି, ଏନଏଫଡିସି ଏବଂ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ । ମିନିର ଯାତ୍ରାରେ ମାଧ୍ୟମରେ 'ବାଘୁଣୀ' ଚଳଚ୍ଚିତ୍ର ଏକ ଗଭୀର ସ୍ଥାନୀୟ ପରମ୍ପରା ବିରୋଧରେ ସ୍ୱର ଉତ୍ତୋଳନ କରିବାର ସାହସ, ପରିଚୟ ଏବଂ ସ୍ୱାଧୀନତାର ବାର୍ତ୍ତା ଦେଇଛି । ଏହା ବିଶ୍ୱସ୍ତରରେ ଲିଙ୍ଗଗତ ଭେଦଭାବ ବିରୋଧରେ ବିତର୍କକୁ ଇନ୍ଧନ ଯୋଗାଇବାର କାମ କରିଛି । ଏହା ମଧ୍ୟ ଇଫି ୨୦୨୬ର ବାର୍ତ୍ତା 'ଷ୍ଟୋରୀଜ୍ ୱିଦାଉଟ୍ ବର୍ଡର୍ସ' ବା 'ସୀମାହୀନ କାହାଣୀ'ର ଅନୁରୂପ । ଚଳଚ୍ଚିତ୍ର କିଭଳି ଭାବେ ସ୍ଥାନୀୟ ସ୍ୱରକୁ ବିଶ୍ୱ ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିବ ଏବଂ ଦୁନିଆର ଗୋଟିଏ କୋଣର କାହାଣୀକୁ ଅନ୍ୟ କୋଣରେ ପହଞ୍ଚାଇପାରିବ ତାହା 'ଇଫି' ମଞ୍ଚ ମାଧ୍ୟମରେ 'ବାଘୁଣୀ'ର ପ୍ରିମିୟରରୁ ପ୍ରମାଣିତ ହୋଇଛି ।

୨୯ରେ ନୂଆଁଖାଇ ଭେଟଘାଟ, ପ୍ରସ୍ତୁତି ଚୂଡ଼ାନ୍ତ

ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ଭାଇଚାରାର ମହାମିଳନ ହେବ ମୁଖ୍ୟ ଆକର୍ଷଣ



ଭୁବନେଶ୍ୱର,(ସବ୍ୟୁ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇର ମହାନ ପରମ୍ପରା, ସାଂସ୍କୃତିକ ଐତିହ୍ୟ, ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତାକୁ ବ୍ୟାପକ ଭାବେ ପ୍ରସାର କରିବା ଉଦ୍ଦେଶ୍ୟରେ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ, ଭୁବନେଶ୍ୱର ପକ୍ଷରୁ ଆସନ୍ତା ୨୯ ନଭେମ୍ବର ୨୦୨୬, ରବିବାର ଦିନଯୁନିଟ୧ ଆଦିବାସୀ ପଡ଼ିଆଠାରେ "ନୂଆଁଖାଇ ଭେଟଘାଟ ୨୦୨୬' ଆୟୋଜିତ ହେବ । ଏହି ଉତ୍ସବର ସଫଳ ଆୟୋଜନ ନେଇ ରବିବାର ପ୍ରାଚୀ ହୋଟେଲଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଠାରେ ସଂଗଠନର କର୍ମକର୍ତ୍ତାମାନେ ଆଗାମୀ ଉତ୍ସବର ଉଦ୍ଦେଶ୍ୟ, ପ୍ରସ୍ତୁତି ଓ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଥିଲେ । ପଶ୍ଚିମ ଓଡ଼ିଶାର ଏହି ମହାନ ପରମ୍ପରାକୁ ରାଜଧାନୀ ଭୁବନେଶ୍ୱରରେ ଏକ ବ୍ୟାପକ ମଞ୍ଚ ମାଧ୍ୟମରେ ଉପସ୍ଥାପନ କରିବା ସହ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକଙ୍କୁ ଏକ ସୂତ୍ରରେ ବାନ୍ଧିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । ସଂଗଠନ ପକ୍ଷରୁ ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ଲୋକଜୀବନକୁ ନେଇ ଏକ ସ୍ମରଣିକା ମଧ୍ୟ ପ୍ରକାଶ କରାଯିବ । ଏହା ମାଧ୍ୟମରେ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପରିଚୟ ଓ ସାହିତ୍ୟିକ ସମ୍ପଦକୁ ଅଧିକ ବ୍ୟାପକ ଭାବେ ଲୋକଲୋଚନକୁ ଆଣିବାର ଉଦ୍ୟମ କରାଯିବ । ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର ଜନସାଧାରଣ, ବୁଦ୍ଧିଜୀବୀ, ସାହିତ୍ୟିକ, କଳାକାର, ସାଂସ୍କୃତିକ ଅନୁଷ୍ଠାନ ଓ ରାଜଧାନୀରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାବାସୀଙ୍କୁ ଏହି ଉତ୍ସବରେ ସାମିଲ ହେବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ସମ୍ମିଳନୀରେ ସଭାପତି ସଞ୍ଜୀବ ମିଶ୍ର, ମହାସଚିବ ଦୁଃଖୀଶ୍ୟାମ ଭଞ୍ଜ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ହୋତା ଏବଂ ଉପଦେଷ୍ଟା ଡ଼. ପ୍ରଭାସ କୁମାର ସିଂହ, ସୁରେଶ ମହାପାତ୍ର ଏବଂ ଅମୀୟ ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

ବିଶିଷ୍ଟ ଚିକିତ୍ସକ ଡ଼: ସିଦ୍ଧାର୍ଥ ଦାସଙ୍କୁ ମହତାବ ସମ୍ମାନ



ଭୁବନେଶ୍ୱର,୨୨।୧୧,(ସବ୍ୟୁ):କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ ଓ ଡାକ୍ତର ଖାନାର ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ ଚିକିତ୍ସକ ଡକଫର ସିଦ୍ଧାର୍ଥ ଦାସଙ୍କୁ ଚଳିତ ବର୍ଷ ଡକଫର ହରେକୃଷ୍ଣ ମହତାବ ସମ୍ମାନରେ ସମ୍ମାନିତ କରାଯାଇଛ । ଡକଫର ଦାସ ସମ୍ବର୍ଦ୍ଧନାର ଉତ୍ତର ଦେଇ କହିଲେ ମୁଁ ସଂଗ୍ରାମୀ ପରିବାରରୁ ଆସିଛି । ମୋତେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡକଫର ହରେକୃଷ୍ଣ ମହତାବଙ୍କ ନାମରେ ସମ୍ମାନିତ କରିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଭାରତର ଗଣତନ୍ତ୍ର ବ୍ୟବସ୍ଥାରେ ବାଚସ୍ପତି ପଦକୁ ନିରପେକ୍ଷତା କରି ଡକଫର ମହତାବ ଏକ ନୂତନ ଯୁଗ ସୃଷ୍ଟି କରି ଯାଇଛନ୍ତି । ମହତାବ ଜୟନ୍ତୀ କମିଟି ପକ୍ଷରୁ ଶନିବାର ଦିନ ସାରଳା ଭବନ ଠାରେ ନବ ଉତ୍କଳର ନିର୍ମାତା ଡକଫର ହରେକୃଷ୍ଣ ମହତାବ ଙ୍କ ୧୨୭ ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜୟନ୍ତୀ କମିଟି ର ଅଧକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କର ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଶିଷ୍ଟ ଗବେଷକ ତଥା ପିସିସି ର ପ୍ରାକ୍ତନ ସଭାପତି ପ୍ରକାଶ ହରିଚନ୍ଦନ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଜେପି ନେତା ନୟନ କିଶୋର ମହାନ୍ତି, ସନ୍ତାୟନ୍ ମିଶ୍ର, ବିଜେଡିର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ଡକଫର ରବିରଞ୍ଜନ ସାହୁ ଅତିଥି ଭାବରେ ଯୋଗଦେଇ ଡକଫର ମହତାବଙ୍କର ସ୍ମୃତିଚାରଣ କରି କହିଲେ ଡକଫର ମହତାବ ହେଉଛନ୍ତି ନବ ଉତ୍କଳର ନିର୍ମାତା । ସେ ଏକାଧାରରେ ଜଣେ ସଂଗ୍ରାମୀ,ରାଜନୀତିଜ୍ଞ, ସାହିତ୍ୟିକ ଏବଂ ଅସାଧାରଣ ବ୍ୟକ୍ତିତ୍ୱ । ମହତାବ ଙ୍କ ର ଘଟଣା ବହୁଳ ସଂଗ୍ରାମମୟ ଜୀବନ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ରାଜନୈତିକ, ଅର୍ଥନୈତିକ,ସାମାଜିକ ବିକାଶର ମୂଳମନ୍ତ୍ର ଇତିହାସ । ପ୍ରାରମ୍ଭରେ ବିଧାୟକ ଶାରଦା ପ୍ରଧାନ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଡକଫର ମହତାବଙ୍କ ପୁତ୍ର ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଫସଲ ସୁରକ୍ଷା ପାଇଁ ନୂତନ କୀଟନାଶକ"ପିଓକ୍ସାଜୋନ୍'

ଭୁବନେଶ୍ୱର, (ସବ୍ୟୁ) : ଦୀର୍ଘ ଦ

୯୦ ବର୍ଷର ଆଧ୍ୟାତ୍ମିକ ଯାତ୍ରା

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନବଦଶକୋତ୍ସବ ପାଳିତ

କଟକ, (ସ୍ୱ.ପ୍ର): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୯୦ତମ ପ୍ରତିଷ୍ଠା ଦିବସ (ନବଦଶକୋତ୍ସବ) ରବିବାର ଶିଖରପୁରସ୍ଥିତ ତଥାସ୍ତୁ କନଭେନସନ ଗୋଟେଲରେ



ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। କଲେଜଛକ ଓ ବିନାୟକନଗରସ୍ଥିତ ବ୍ରହ୍ମାକୁମାରୀ କେନ୍ଦ୍ର ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିରକ୍ଷା ଲେଖା ଓ ହିସାବ ସେବାର ଅବସରପ୍ରାପ୍ତ କଣ୍ଟ୍ରୋଲର ଜେନେରାଲ ଦେବିକା ରଘୁବଂଶୀ ମୁଖ୍ୟ ଅତିଥି ଏବଂ ଓଆରସିର ନିର୍ଦ୍ଦେଶିକା ରାଜଯୋଗିନୀ ବି.କେ. ଆଶା ଦିଦିଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ଦିଲ୍ଲୀପ ସ୍ୱାଇଁ, ବି.କେ. ଗୀତା, ବି.କେ. କବିତା ଓ ବି.କେ. ଅଶ୍ୱିନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜଛକ ଓ ବିନାୟକନଗର କେନ୍ଦ୍ରର ମୁଖ୍ୟ ସଂଯୋଜିକା ବ୍ରହ୍ମାକୁମାରୀ ବି.କେ. କୁଲଦୀପ ଅତିଥିମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଏଥିରେ ଏମ୍‌ଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ଗାଲେଖ କାନୁନଗୋ, ଶିଖରପୁର ପୂଜା କମିଟି ସଭାପତି ଜୟନ୍ତ ପ୍ରଧାନ, କୋଷାଧ୍ୟକ୍ଷ ନଗେଶ ସ୍ୱାଇଁ, ରବି ଶତପଥୀ, ୪୬ ନମ୍ବର କର୍ପୋରେଟର ପ୍ରଳୟ ବେଉରା, ୪୭ ନମ୍ବର କର୍ପୋରେଟର ଇଂ. ସୁବ୍ରତ ଘଡ଼ାଇ, ଇଂ. ଗୋପାଳକୃଷ୍ଣ ବେହେରା, ବିଶ୍ୱଜିତ ସ୍ୱାଇଁ ଓ ପ୍ରତିମା ଶତପଥୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଓ ଅତିଥି ଉପସ୍ଥିତ ଥିବା ବେଳେ ତଥାସ୍ତୁ କନଭେନସନ୍ ହୋଟେଲର ମାଲିକ ବିଷ୍ଣୁଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ପିଏମ୍ ସ୍ୱନିଧି ସମ୍ମାନ ପୁରସ୍କାର-୨୦୨୬

ଜାତୀୟ ସ୍ତରରେ ଓଡ଼ିଶାର ଗୌରବ ବଢ଼ାଇଲେ ରାସ୍ତାକଡ଼ ବ୍ୟବସାୟୀ : ଡ. ତପନ ଚାନ୍ଦ

ଭୁବନେଶ୍ୱର, (ସବୁ୍ୟ): ପିଏମ୍ ସ୍ୱନିଧି ସମ୍ମାନ ପୁରସ୍କାର-୨୦୨୬ର 'ଶ୍ରେଷ୍ଠ ପ୍ରଦର୍ଶନକାରୀ – ଦ୍ରୁତତମ ଅଗ୍ରଗାମୀ' ବର୍ଗରେ ଓଡ଼ିଶା ତୃତୀୟ ସ୍ଥାନ ହାସଲ କରି ଜାତୀୟ ସ୍ତରରେ ରାଜ୍ୟ ପାଇଁ ଗୌରବ ଆଣିଛି। ଏହି ସଫଳତା ତୃଣମୂଳ ସ୍ତରର ଉଦ୍ୟୋଗୀମାନଙ୍କ ସଶକ୍ତିକରଣକୁ ମଧ୍ୟ ପ୍ରତିଫଳିତ କରୁଛି ବୋଲି ରାଜ୍ୟ ମୁଖପାତ୍ର ଡ.ତପନ ଚାନ୍ଦ କହିଛନ୍ତି। ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର ନିଧି ବା ପିଏମ୍ ସ୍ୱନିଧି ଯୋଜନା ହେଉଛି ଭାରତ ସରକାରଙ୍କ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏକ ପ୍ରମୁଖ ଯୋଜନା। ଏହି ଯୋଜନା କେବଳ ଆର୍ଥିକ ସହାୟତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ରାସ୍ତାକଡ଼ ବିକ୍ରେତାମାନଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେଉଛି। ଉଠାଦୋକାନୀ ଏବଂ ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ବିନା କୌଣସି ବନ୍ଧକରେ ଋଣ ଯୋଗାଇ ଦେଇ ସେମାନଙ୍କ ଜୀବିକାକୁ ସୁଦୃଢ଼ ଏବଂ ଆତ୍ମନିର୍ଭରଶୀଳ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ବୋଲି ଡ.ଚାନ୍ଦ କହିଛନ୍ତି। ରାସ୍ତାକଡ଼ ବ୍ୟବସାୟୀମାନେ ସ୍ଥାନୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନେ ସୁଲଭ ମୂଲ୍ୟରେ ସାମଗ୍ରୀ ଓ ଅତ୍ୟାବଶ୍ୟକ ସେବା ଯୋଗାଇବା ସହ ହଜାର ହଜାର ପରିବାର ପାଇଁ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରୁଛନ୍ତି। ଜାତୀୟ ସ୍ତରରେ ସେମାନଙ୍କର ଏହି ସଫଳତା ପ୍ରମାଣ କରୁଛି ଯେ, ଉଦ୍ୟୋଗୀ ହେବା କେବଳ ବୃହତ୍ ଶିଳ୍ପ କିମ୍ବା ପ୍ରତିଷ୍ଠିତ ବ୍ୟବସାୟ ପାଇଁ ସୀମିତ ନୁହେଁ; ଦୃଢ଼ ଇଚ୍ଛାଶକ୍ତି, ନୂତନ ଚିନ୍ତାଧାରା ଓ କଠିନ ପରିଶ୍ରମ ଦ୍ୱାରା ତୃଣମୂଳ ସ୍ତରରେ ମଧ୍ୟ ସଫଳ ଉଦ୍ୟୋଗ ସୃଷ୍ଟି ହୋଇପାରେ। ଏଭଳି ସଫଳତା ଓଡ଼ିଶାରେ ପରିବର୍ତ୍ତିତ ବ୍ୟବସାୟିକ ପରିବେଶର ପ୍ରତିଫଳନ। ବ୍ୟବସାୟିକ ସହଜତା ବୃଦ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଏବଂ ଜୀବିକାର ସୁଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନିଆଯାଉଥିବା ପଦକ୍ଷେପ ବିଭିନ୍ନ ଆର୍ଥିକ ବର୍ଗର ଲୋକଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରୁଛି ବୋଲି ଡ. ଚାନ୍ଦ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶାରେ ବିଜେପି ସରକାରଙ୍କ ନେତୃତ୍ୱରେ ପିଏମ୍ ସ୍ୱନିଧି ଯୋଜନାର କାର୍ଯ୍ୟକାରିତାକୁ 'ଗ୍ରାଉଣ୍ଡ ଜିରୋ'ରେ ତ୍ୱରାନ୍ୱିତ କରିବା,



ଉଠାଦୋକାନୀମାନଙ୍କୁ ଆନୁଷ୍ଠାନିକ ଋଣ ବ୍ୟବସ୍ଥା ସହ ଯୋଡ଼ିବା ଏବଂ ସେମାନଙ୍କ ପରିବାରକୁ ସାମାଜିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ଛୋଟ ବ୍ୟବସାୟୀ, ଉଠାଦୋକାନୀ, ପରିବା ବିକ୍ରେତା, ରାସ୍ତାକଡ଼ରେ ଖାଦ୍ୟ ବିକ୍ରେତା, ଚା' ଦୋକାନୀ ତଥା ସହରାଞ୍ଚଳର ଗରିବ ଓ ଅନ୍ୟାନ୍ୟ କ୍ଷୁଦ୍ର ବ୍ୟବସାୟୀମାନଙ୍କ ରାଜ୍ୟର ଅର୍ଥନୀତି ଓ ସାମାଜିକ ବିକାଶ ପ୍ରତି ଅବଦାନକୁ ପ୍ରଶଂସା କରି ଡ. ଚାନ୍ଦ କହିଛନ୍ତି ଯେ, ରାସ୍ତାକଡ଼ ବ୍ୟବସାୟୀଙ୍କ ଏହି ଜାତୀୟ ସଫଳତା ଓଡ଼ିଶାରେ ବ୍ୟବସାୟ କରିବାର ସହଜତା ଏବଂ ଅନୁକୂଳ ବ୍ୟବସାୟିକ ପରିବେଶର ବିକାଶକୁ ପ୍ରମାଣିତ କରୁଛି। ୨୦୨୫ ସେପ୍ଟେମ୍ବର ୧ରୁ ୨୦୨୬ ଅଗଷ୍ଟ ୩୧ ମଧ୍ୟରେ ରାଜ୍ୟର ପ୍ରଦର୍ଶନକୁ ଆଧାର କରି ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ବିଶେଷକରି ବିନା ବନ୍ଧକରେ ଋଣ ପ୍ରଦାନ, ଡିଜିଟାଲ୍ କାରବାରକୁ ପ୍ରୋତ୍ସାହନ ଏବଂ ରାସ୍ତାକଡ଼ ବ୍ୟବସାୟୀ ଓ ସେମାନଙ୍କ ପରିବାରକୁ ପିଏମ୍ ଜୀବନ ଜ୍ୟୋତି ବୀମା ଯୋଜନା, ପିଏମ୍ ସୁରକ୍ଷା ବୀମା ଯୋଜନା, ପିଏମ୍ ଜନଧନ ଯୋଜନା ଭଳି ଆଠଟି ସାମାଜିକ ସୁରକ୍ଷା ଯୋଜନା ସହ ଯୋଡ଼ିବା ଏହାର ପ୍ରମୁଖ ଲକ୍ଷ୍ୟ । ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ତିନୋଟି ପର୍ଯ୍ୟାୟରେ ମୋଟ ୯୦,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ମିଳୁଛି। ଏହା ସହିତ ୭% ସୁଧ ସବସିଡି ମଧ୍ୟ ପ୍ରଦାନ କରାଯାଉଛି। ଏହି ଯୋଜନା ରାସ୍ତାକଡ଼ ବ୍ୟବସାୟୀଙ୍କୁ ଔପଚାରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ଯୋଡ଼ିବା ସହ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରୁଛି। ଏହି ଯୋଜନାର ସଫଳତା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ତରଫରୁ ଡ.ଚାନ୍ଦ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

ନୂତନ ମନ୍ଦିର ପ୍ରତିଷ୍ଠା

ସାକ୍ଷୀଗୋପାଳ ,(ସବୁ୍ୟ): ମା କଳିଙ୍ଗେଶରୀ ଯୁବକ ସଂଘ, ପୁରୁଣା କୋରଙ୍ଗା ଆୟୋଜନରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଗ୍ରାମର ଆରାଧ୍ୟା ଦେବୀ ମା କଳିଙ୍ଗେଶରୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ବୈଦିକ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା ସହିତ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ଭଜନ ସମାରୋହ ଗ୍ରାମବାସୀମାନଙ୍କୁ ଅତ୍ୟନ୍ତ ଭାବ ଓ ଭକ୍ତି ସହିତ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଭରିଦେଇଥିଲା । ଏହି ଉତ୍ସବ ୫ଦିନ ଧରି ଅନୁଷ୍ଠିତ ହୋଇଥିଲା ।ଗ୍ରାମର ସଭାପତି,ସୁକାନ୍ତ ମହାରଣା,ସମ୍ପାଦକ,ପ୍ରମୋଦ ମହାରଣା ଓ ବିଜୟ କୁମାର ମହାରଣାଙ୍କ ସମେତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର(ସବୁ୍ୟ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରବିବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଆୟୋଜିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢ଼ାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଶହୀଦ ଲକ୍ଷ୍ମଣ ନାୟକ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଇଂରେଜ ଶାସନ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ଆଦିବାସୀମାନଙ୍କ ଅଧିକାର ପାଇଁ ଲଢ଼େଇ କରିବା ସହ ସ୍ୱାଧୀନତାର ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାରେ ମଧ୍ୟ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଶହୀଦ ଲକ୍ଷ୍ମଣ ନାୟକଙ୍କ ଅଦମ୍ୟ ସାହସ ଓ ନେତୃତ୍ୱ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜିର



ଯୁବପିଢ଼ି ସଶକ୍ତ ରାଷ୍ଟ୍ର ନିର୍ମାଣ ଦିଗରେ ନିଜର ଯୋଗଦାନ ଦିଅନ୍ତୁ ବୋଲି ଶ୍ରୀ ଢ଼ାଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଓ ଗବେଷକ ପ୍ରଫେସର ଚିତ୍ତରଞ୍ଜନ ଭୋଇ, ବିଶିଷ୍ଟ ସାହିତ୍ୟିକ ଡକଫର ଚିତ୍ରସେନ ପ୍ରସାୟତ, ସବରା ସଂସ୍କୃତି ପରିଷଦର ଉପ ସଭାପତି ଗୋଦାବରୀଶ ମହାପାତ୍ର, ସମ୍ପାଦକ ନୀଳମାଧବ ଦାଶ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ସଚିବ ଅନୁପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ହୃଦ୍‌ଘାତରେ ହବିଷ୍ୟାଳୀଙ୍କ ମୃତ୍ୟୁ

ରେଡକ୍ରସ୍ ରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କଲେ ଜିଲ୍ଲାପାଳ

ପୁରୀ (ସବୁ୍ୟ): ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ହବିଷ୍ୟାଳୀ କେନ୍ଦ୍ର ରେ ରହୁଥିବା ବାଲେଶ୍ୱର ଜିଲ୍ଲା ସିମୁଳିଆ ବାଙ୍ଗର ଖଡିଗାଡିଆ ର ୬୬ ବର୍ଷିୟା ରଙ୍ଗଲତା ଭଞ୍ଜ ଙ୍କ ର ହୃଦଘାତରେ ମୃତ୍ୟୁ ଘଟିଛି। ଶନିବାର ପବିତ୍ର ଏକାଦଶୀ ତିଥିରେ ସ୍ୱର୍ଗତ ଭଞ୍ଜ ହବିଷ୍ୟାଳୀ କେନ୍ଦ୍ର ରେ ପ୍ରାୟ ରାତି ୧୧ ଟାରେ ଅସୁସ୍ଥ ଅନୁଭବ କରିଥିଲେ। ହବିଷ୍ୟାଳୀ କେନ୍ଦ୍ର ସ୍ୱାସ୍ଥ୍ୟ ଶିବିର ରେ ତାଙ୍କ ପ୍ରଥମିକକ ସ୍ୱାସ୍ଥ୍ୟ ପରୀକ୍ଷା ରୁ ଜଣାଯାଇଥିଲା ରକ୍ତଚାପ କମ ଅଛି ଓ ଅସୁସ୍ଥ ହେବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ନିରୀକ୍ଷା ପରେ ଜଣା ଯାଇଥିଲା ଛୋଟ ହୃଦଘାତର ଶିକାର ହେଇଛନ୍ତି । ହୃଦରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଯାଇ ସ୍ୱାସ୍ଥ୍ୟ ସହାୟକଙ୍କ ସହଯୋଗରେ ଭୁବନେଶ୍ୱର କ୍ୟାପିଟାଲ କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଉନ୍ନତ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ପୁତ୍ର ଓ ସମ୍ପର୍କୀୟ ମାନେ ହସ୍ପିଟାଲରେ ପହଞ୍ଚିବା ପରେ ପୋଷ୍ଟ ମର୍ଟମ କରାଯାଇଥିଲା ।ପରିବାରର ନିଷ୍ପତ୍ତି ଅନୁସାରେ ପୁରୀ ସ୍ୱର୍ଗଦ୍ୱାରରେ ସ୍ୱର୍ଗତ ଭଞ୍ଜ ଙ୍କ ର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ପୁତ୍ର ହୃଷୀକେଶ ଭଞ୍ଜ ମୁଖାଗ୍ନୀ ଦେଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଙ୍କ ପରାମର୍ଶ ଅନୁସାରେ ପୁରୀ ଜିଲ୍ଲା ପ୍ରଶାସନ ରେଡକ୍ରସ ଶାଖା ପକ୍ଷରୁ ସ୍ୱର୍ଗତା ଭଞ୍ଜ ଙ୍କ ଶେଷକୃତ୍ୟ ଓ ସଂସ୍କାର ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶେଷକୃତ୍ୟ ରେ ସଦର ତହସିଲଦାର ଅଭିଷେକ ଦାଶ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହି ସହଯୋଗ କରିଥିଲେ।

ଆମ ଐତିହ୍ୟ, ଆମ ଗୌରବର ସୁରକ୍ଷା ଦାୟିତ୍ୱ ବି ଆମର

ଭୁବନେଶ୍ୱର(ସବୁ୍ୟ): କଟକ ମାନସିଂହ ପାଟଶାସ୍ଥିତ ମୋଗଲ



ଶାସନ କାଳୀନ ଷୋଡ଼ଶ ଶତାବ୍ଦୀର ପ୍ରାଚୀନ ଲକ୍ଷ୍ମୀନାରାୟଣ ମନ୍ଦିର ବା ମସ୍ତରାମ ମଠ ପରିସରରେ ଥିବା ପ୍ରାଚୀନ ବାଙ୍ଗି, ଯାହାକି ବହୁଦିନ ଧରି ଅଳିଆ ଆବର୍ଜନାରେ ଅପରିଷ୍କାର ହୋଇ ପଡ଼ିଥିଲା । ପବିତ୍ର କାର୍ତ୍ତିକ ମାସ ପଞ୍ଚୁକ ଅବସରରେ ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ ଉତ୍ସାହୀ ଯୁବକ ତଥା କଟକ ହେରିଟେଜ ଓ୍ୱାକ୍ସ ବା କଟକ ଐତିହ୍ୟ ପଦଯାତ୍ରା ପକ୍ଷରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଫେଇ କାର୍ଯ୍ୟରେ କଟକ ମ୍ୟୁନିସିପାଲ କର୍ପୋରେସନ୍'ର କର୍ମଚାରୀମାନେ ମଧ୍ୟ ସହଯୋଗ କରିଥିଲେ । ଏହି ପ୍ରାଚୀନ ବାଙ୍ଗିଟି କିପରି ସଦା ସର୍ବଦା ଆବର୍ଜନା ମୁକ୍ତ ହୋଇ ରହିବ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସମୂହ ଆଲୋଚନା ହୋଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ କଟକ ମ୍ୟୁନିସିପାଲ କର୍ପୋରେସନ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ଏହି କାର୍ଯ୍ୟରେ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ପ୍ରକାଶ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ବେହେରା, ସ୍ଥାନୀୟ ଯୁବକ ନିରଞ୍ଜନ ଜେଠୀ, ତ୍ରିନାଥ ପରିଡ଼ା ତଥା କଟକ ହେରିଟେଜ ଓ୍ୱାକ୍ସ ପକ୍ଷରୁ ଜୀବାନନ୍ଦ ମିଶ୍ର, ଜୟନ୍ତ ସିଂହ, ଅରୁଣିତା ପାଢ଼ୀ, ଦିଲ୍ଲୀପ ପରିଡ଼ା, ପ୍ରକାଶ ସିଂହ, ଅମର ପ୍ରାସାଦ ପାତ୍ର ଏବଂ ଶ୍ରୀକାନ୍ତ ସିଂହ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଜିଏସ୍‌ଜିର ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ ପ୍ରୋଗ୍ରାମ

ଭୁବନେଶ୍ୱର, (ସବୁ୍ୟ): ଅଗ୍ରଣୀ ଶିକ୍ଷା ନେଟୱାର୍କ ଗ୍ଲୋବାଲ୍ ସ୍କୁଲ୍ ଗ୍ରୁପ୍ (ଜିଏସ୍‌ଜି) ଏହାର ଫ୍ଲାଗସିପ୍ ଗ୍ଲୋବାଲ୍ ସିଟିଜେନ୍ ସ୍କଲାରସିପ୍ (ଜିଏସ୍‌ଜି) ପ୍ରୋଗ୍ରାମର ୨୦୨୬ ସଂସ୍କରଣ ପାଇଁ ଆବେଦନ ଖୋଲିବାକୁ ଘୋଷଣା କରିଛି । ଏହା ଏକ ବାର୍ଷିକ ପଦକ୍ଷେପ ଯାହା ଛାତ୍ରମାନଙ୍କୁ ସିଙ୍ଗାପୁରରେ ଥିବା ଏହାର ଫ୍ଲାଗସିପ୍ କ୍ୟାମ୍ପସରେ ସେମାନଙ୍କର ସିନିୟର ମାଧ୍ୟମିକ ବିଦ୍ୟାଳୟ ବର୍ଷ ସମାପ୍ତ କରିବା ପାଇଁ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଛାତ୍ରବୃତ୍ତି ପ୍ରଦାନ କରିଥାଏ। ଏହି ଛାତ୍ରବୃତ୍ତି ହେଉଛି ପ୍ରତିଭାବାନ ଛାତ୍ରମାନଙ୍କ ପାଇଁ ଆନ୍ତର୍ଜାତୀୟ ଶିକ୍ଷା ପାଇବା ଏବଂ ଆତ୍ମବିଶ୍ୱାସୀ, ଦକ୍ଷ ଏବଂ ସୃଜନଶୀଳ ମାନସିକତା ଥିବା ବିଶ୍ୱ ନାଗରିକ ଭାବରେ ବିକଶିତ ହେବାର ସୁଯୋଗ ସୃଷ୍ଟି କରିବାର ଜିଏସ୍‌ଜି ର ଏକ ଉପାୟ । ଜିସିଏସ୍ ସମଗ୍ର ଭାରତରୁ ଏକାଡେମିକ୍ ପ୍ରତିଭାଶାଳୀ ଏବଂ ଯୋଗ୍ୟ ଛାତ୍ରମାନଙ୍କୁ ଚିହ୍ନଟ କରେ, ସେମାନଙ୍କୁ ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସ୍ ସିଙ୍ଗାପୁରରେ ଗ୍ରେଡ୍ ୧୧ ଏବଂ ୧୨ ଅଧ୍ୟୟନ କରିବାର ସୁଯୋଗ ପ୍ରଦାନ କରେ ଏବଂ ଦୁଇ ବର୍ଷ ଅବଧି ପାଇଁ ୧୦୦% ଟ୍ୟୁସନ ଫି, ଖାଦ୍ୟ ଏବଂ ରହିବା ଖର୍ଚ୍ଚ ବହନ କରେ । ଜିଆଇଆଇଏସ୍ ସ୍ମାର୍ଟ କ୍ୟାମ୍ପସରେ, ଛାତ୍ରମାନେ ସିବିଏସଇ ଏବଂ ଆନ୍ତର୍ଜାତୀୟ ବ୍ୟାକାଲୋରେଟ୍ ଡିପ୍ଲୋମା ପ୍ରୋଗ୍ରାମ (ଆଇବିଡିପି) ପାଠ୍ୟକ୍ରମ ମଧ୍ୟରେ ବାଛିପାରିବେ, ଆଧୁନିକ ଭିତ୍ତିଭୂମି ଏବଂ ଅଭିଜ୍ଞ ଶିକ୍ଷାବିତ୍ ମାନଙ୍କ ଦ୍ୱାରା ସମର୍ଥିତ ଏକ ବିଶ୍ୱସ୍ତରୀୟ ଶିକ୍ଷଣ ପରିବେଶରେ ପ୍ରବେଶ କରିପାରିବେ । ବିଦ୍ୟାନମାନେ ଆବାସ, ଭୋଜନ ଏବଂ ଷ୍ଟାଇପେଣ୍ଡ ମଧ୍ୟ ପାଇଥାନ୍ତି, ଯାହା ସେମାନଙ୍କୁ ଆର୍ଥିକ ପ୍ରତିବନ୍ଧକ ବିନା ସେମାନଙ୍କର ଏକାଡେମିକ୍ ଏବଂ ବ୍ୟକ୍ତିଗତ ବିକାଶ ଉପରେ ଧ୍ୟାନ ଦେବାକୁ ସକ୍ଷମ କରିଥାଏ । ଏହି ପଦକ୍ଷେପ ପଛରେ ଥିବା ଏକାଡେମିକ୍ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଗ୍ଲୋବାଲ୍ ସ୍କୁଲ୍ ଗ୍ରୁପ୍ ର ଏକାଡେମିକ୍ ନିର୍ଦ୍ଦେଶକ ଶ୍ରୀ ପ୍ରମୋଦ ତ୍ରିପାଠୀ କହିଛନ୍ତି । ଏହି ପଦକ୍ଷେପ ମାଧ୍ୟମରେ, ଆମେ ଯୋଗ୍ୟ ଛାତ୍ରମାନଙ୍କୁ ବିଶ୍ୱ ସ୍ତରୀୟ ଶିକ୍ଷାଗତ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ସେମାନଙ୍କର ଦୃଷ୍ଟିକୋଣକୁ ବ୍ୟାପକ କରିବ ।

୨୬ ନଭେମ୍ବରର ମହାରାଲି ପଞ୍ଚାୟତ, ପୌର ନିର୍ବାଚନ ପାଇଁ ବିଗୁଲ ସଦୃଶ ହେବ : ଭକ୍ତ

ଭୁବନେଶ୍ୱର,(ସବୁ୍ୟ): ନିଜ ସରକାରର ବିଫଳତାରୁ ଧ୍ୟାନ ହଟାଇବାକୁ ହିଁ ମୁଖ୍ୟମନ୍ତ୍ରୀ କ୍ଷମତାକୁ ଆସିବାର ୨୯ ମାସ ପରେ ପୂର୍ବ ସରକାରର ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତର ତଦନ୍ତ ଆଦେଶ ଦେଇଛନ୍ତି । "ବିଜେଡି ପ୍ରତି ସେମାନେ କୋହଳ ହେଉଛନ୍ତି ଓ ଉଭୟ

୮ ବର୍ଷ, ୧୦ ବିଲିୟନ୍ କିମି ଯାତ୍ରା... ବୁଧ କକ୍ଷପଥରେ ମହାକାଶଯାନ

ନୂଆଦିଲ୍ଲୀ : ମହାକାଶ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି ମଣିଷ । ଦୀର୍ଘ ୮ ବର୍ଷ ଅପେକ୍ଷାର ଅନ୍ତ ଘଟିଛି । ମହାକାଶରେ ପ୍ରାୟ ୧୦ ବିଲିୟନ କିଲୋମିଟର ଯାତ୍ରା କରି ଶେଷରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିଛି ବେପି କଲମ୍ବୋ । ଜାପାନ ଓ ୟୁରୋପର ମିଳିତ ମହାକାଶଯାନ 'ବେପିକଲମ୍ବୋ' ସଫଳତାର ସହ ବୁଧ ଗ୍ରହର କକ୍ଷପଥରେ ପ୍ରବେଶ କରିଛି । ୟୁରୋପୀୟ ମହାକାଶ ଏଜେନ୍ସି (ESA) ରବିବାର ଏହି ଐତିହାସିକ ସଫଳତା ବିଷୟରେ ସୂଚନା ଦିଆଯାଇଛି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ସଂସ୍ଥା କହିଛି ଯେ, ଅଧ ଘଣ୍ଟାରୁ ଅଧିକ ସମୟ ଧରି ଏହାର ଥ୍ରଷ୍ଟରଗୁଡ଼ିକୁ ଚାଲୁ ରଖିବା ପରେ ମହାକାଶଯାନଟି ବୁଧର ମାଧ୍ୟାକର୍ଷଣ ବଳୟ ମଧ୍ୟରେ ସ୍ଥାପିତ ହୋଇପାରିଛି । ଆଗାମୀ ପଦକ୍ଷେପଗୁଡ଼ିକ ବିଷୟରେ ଆସନ୍ତା ସପ୍ତାହରେ ସୂଚନା ଦିଆଯିବ ବୋଲି ଏଜେନ୍ସି ସ୍ପଷ୍ଟ କରିଛି । ୨୦୧୮ ମସିହାରେ ପୃଥିବୀରୁ ଉତକ୍ଷେପଣ କରାଯାଇଥିବା ଏହି ଚାରି ଟନ୍ ଓଜନ ବିଶିଷ୍ଟ ମହାକାଶଯାନଟି ସୂର୍ଯ୍ୟର ସବୁଠାରୁ ନିକଟତମ ଗ୍ରହ ବୁଧ ନିକଟରେ ପହଞ୍ଚିବା ପାଇଁ ଏକ ଜଟିଳ ଯାତ୍ରା ଶେଷ କରିଛି ।



ଜଣାପଡ଼ିବ 'ବୁଧ'ର ଅଜଣା କଥା !

ସାଣ୍ଟା ମାର୍ଟିନେଜ୍ ଗଣମାଧ୍ୟମକୁ କହିଥିଲେ ଯେ, ଏହି ଅଭିଯାନ ମାନବଜାତିକୁ ବୁଧ ଗ୍ରହ ସଂପର୍କରେ ଅନେକ ଅଜଣା ତଥ୍ୟ ଦେବ । ଏପରି କିଛି ଅଦେଖା ଦୃଶ୍ୟ ଦେଖାଇବ, ଯାହା ପୂର୍ବରୁ କେବେ ଦେଖାଯାଇ ନ ଥିଲା । ଏହା ସୌରଜଗତର ରହସ୍ୟକୁ ବୁଝିବାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ମିଶନର ଯୋଜନା ଅନୁଯାୟୀ, ଆସନ୍ତା ଡିସେମ୍ବର ୯ ଏବଂ ୧୦ ତାରିଖରେ ଏହି ମହାକାଶଯାନରେ ଥିବା ୟୁରୋପୀୟ ଏବଂ ଜାପାନୀ ଅଂଶ ଦୁଇଟି ପରସ୍ପରଠାରୁ ଅଲଗା ହୋଇ ନିଜ ନିଜର ନିର୍ଦ୍ଦିଷ୍ଟ କକ୍ଷପଥକୁ ଚାଲିଯିବେ ।

ବୁଧ ଗ୍ରହର ପରିବେଶ ଅତ୍ୟନ୍ତ ଜଟିଳ

ଏହା ପରେ ୟୁରୋପୀୟ ଅର୍ବିଟରଟି ବୁଧ ପୃଷ୍ଠରୁ ମାତ୍ର ୪୮୦ କିଲୋମିଟର ଉଚ୍ଚତାରେ ରହି ଗ୍ରହର ଭୂପୃଷ୍ଠ ଓ ଗଠନ ବିଷୟରେ ଅନୁଧ୍ୟାନ କରିବ । ଅନ୍ୟପକ୍ଷରେ, ଜାପାନ ଅର୍ବିଟର ଏକ ଅଣ୍ଡାକାର କକ୍ଷପଥରେ ଗ୍ରହଠାରୁ ୧୧,୦୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଯାଇ ବୁଧ ଗ୍ରହର ଚୁମ୍ବକୀୟ କ୍ଷେତ୍ର ଉପରେ ଗବେଷଣା କରିବ । ସୂର୍ଯ୍ୟର ଅତି ନିକଟରେ ଥିବାରୁ ବୁଧ ଗ୍ରହର ପରିବେଶ ଅତ୍ୟନ୍ତ ପ୍ରତିକୂଳ ଓ ରହସ୍ୟମୟ । ଏଠାରେ ତାପମାତ୍ରା ରାତିରେ ମାଇନସ୍ ୧୮୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଚାଲିଯାଏ । ସେହିଭଳି ଦିନରେ ବୁଧ ଗ୍ରହରେ ତାପମାତ୍ରା ୪୫୦ ଡିଗ୍ରୀ ସେଲସିୟସ ପାର୍ କରିଯାଏ । ଏହା ପୂର୍ବରୁ ୧୯୭୪ ମସିହାରେ ନାସାର 'ମାରିନର ୧୦' ପ୍ରଥମ ମହାକାଶଯାନ ଭାବରେ ବୁଧ ଗ୍ରହ ନିକଟ ଦେଇ ଅତିକ୍ରମ କରିଥିଲା ।

ସରକାର ଗଠନ ପାଇଁ ନେତାନ୍ୟାହୁଙ୍କ ଦଳକୁ ନିମନ୍ତ୍ରଣ

ଜେରୁଜେଲମ୍: ଇସ୍ରାଏଲ୍ରେ ନୂଆ ସରକାର ଗଠନ ପାଇଁ ରାଜନୈତିକ ଅଙ୍କକଷା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ସରକାର ଗଠନ ଦାୟିତ୍ୱ ପାଇଥିବା ଗାଦି ଆଇଜେନକୋଟ୍ ରବିବାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଲିକୁଡ୍ ଦଳକୁ ମେଣ୍ଟ ଗଠନ ନେଇ ଆଲୋଚନା ପାଇଁ ନିମନ୍ତ୍ରଣ କରିଛନ୍ତି । ଆଇଜେନକୋଟ୍ଙ୍କ ମଧ୍ୟମପନ୍ଥୀ ୟାଶର୍ ପାର୍ଟି ଏକ ବ୍ୟାପକ ଜାତୀୟ ସରକାର ଗଠନ ପାଇଁ ସମସ୍ତ ସମ୍ଭାବନା ଅନୁଧ୍ୟାନ କରୁଥିବା କହିଛି । ଅକ୍ଟୋବର ୨୬ରେ ଅନୁଷ୍ଠିତ ନିର୍ବାଚନରେ କୌଣସି ଦଳ କିମ୍ବା ମେଣ୍ଟ ସଂସଦରେ ସ୍ପଷ୍ଟ ବହୁମତ ପାଇନଥିଲେ । ଫଳରେ ନୂଆ ସରକାର ଗଠନ ନେଇ ଅନିଶ୍ଚିତତା ଦେଖାଦେଇଛି । ଇସ୍ରାଏଲ୍ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ନଭେମ୍ବର ୮ରେ ଆଇଜେନକୋଟ୍ଙ୍କୁ ସରକାର ଗଠନ ପାଇଁ ୨୮ ଦିନ ସମୟ ଦେଇଥିଲେ । ଆବଶ୍ୟକ ହେଲେ ଏହି ସମୟକୁ ଆଉ ୧୪ ଦିନ ବଢ଼ାଯାଇପାରିବ । ୟାଶର୍ ପାର୍ଟିର ବିବୃତି ଅନୁଯାୟୀ, ଦଳର ଆଲୋଚନାକାରୀ ଟିମ୍ଟୁ ଲିକୁଡ୍ ପ୍ରତିନିଧିଙ୍କ ସହ ଦୀର୍ଘ ଆଲୋଚନା କରିବାକୁ କୁହାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି, ସରକାର ଗଠନ ପାଇଁ ସମସ୍ତ ବିକଳ୍ପକୁ ପରୀକ୍ଷା କରିବା ଏବଂ ଏକ ବ୍ୟାପକ ମେଣ୍ଟ ଗଠନର ରାସ୍ତା ଖୋଜିବା । ତେବେ ଏହି ଉଦ୍ୟମ ସହଜ ହେବାର ସମ୍ଭାବନା କମ୍ । ଲିକୁଡ୍ ଦଳ ଏକତା ସରକାର ଗଠନ ପାଇଁ କେତେକ ସର୍ତ୍ତ ରଖିଛି । ଏଥିରେ ନେତାନ୍ୟାହୁ ଓ ତାଙ୍କ ସରକାର ବିରୋଧରେ ରାଜନୈତିକ ଓ ବ୍ୟକ୍ତିଗତ ଟାର୍ଗେଟ୍ ବନ୍ଦ କରିବା ସହ ଆରବ ଦଳଗୁଡ଼ିକୁ ମେଣ୍ଟରେ ସାମିଲ ନ କରିବା ଆଦି ସର୍ତ୍ତ ରହିଛି । ଇସ୍ରାଏଲ୍ର ଇହୁଦୀ ଜନସମୁଦାୟର ରାଷ୍ଟ୍ର ଭାବେ ସ୍ୱୀକାର, ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନକୁ ବିରୋଧ ଏବଂ ସିରିଆ, ଲେବାନନ୍ ଓ ଗାଜାରେ ଇସ୍ରାଏଲ୍ର ସୁରକ୍ଷା ଅଞ୍ଚଳ ବଜାୟ ରଖିବା ଭଳି ପ୍ରସଙ୍ଗ ମଧ୍ୟ ଏହି ସର୍ତ୍ତରେ ରହିଛି । ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ନାଫ୍ତାଲି ବେନେଟ୍ ଆଇଜେନକୋଟ୍ଙ୍କ ନେତୃତ୍ୱରେ ଏକ ଜାତୀୟ ଏକତା ସରକାର ଗଠନକୁ ସମର୍ଥନ କରିଛନ୍ତି । ତାଙ୍କ ଦଳ ନେତାନ୍ୟାହୁ କିମ୍ବା ତାଙ୍କ ମେଣ୍ଟରେ ଯୋଗ ଦେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆଇଜେନକୋଟ୍ ମଧ୍ୟ ନେତାନ୍ୟାହୁଙ୍କ ନେତୃତ୍ୱରେ ସରକାରରେ ଯୋଗ ଦେବାକୁ ଅସ୍ୱୀକାର କରିଛନ୍ତି । ଲିକୁଡ୍ର କିଛି ସଦସ୍ୟଙ୍କୁ ନେଇ ତାଙ୍କ ନେତୃତ୍ୱରେ ସରକାର ଗଠନ ସମ୍ଭବ କି ନାହିଁ, ତାହା ଆଲୋଚନାରେ ସ୍ପଷ୍ଟ ହେବ ।

ଟ୍ରମ୍ପଙ୍କ ସହିତ କଥା ହେଲେନି କିମ୍

ୱାଶିଂଟନ: ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ ଉନ୍ ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ଝଟକା ଦେଇଛନ୍ତି । ଅନ୍ତର୍ଜାତୀୟ କୂଟନୀତିରେ ଏହାକୁ ଅପମାନ କୁହାଯାଇଥାଏ । କିମ୍ ଜୋଙ୍ଗ ଉନ୍ ଆମେରିକାର ରାଷ୍ଟ୍ରପତିଙ୍କ ସହ ପରମାଣୁ ଅସ୍ତ୍ର ବିଷୟରେ କଥା ହେବାକୁ ସିଧାସଳଖ ମନା କରିଦେଇଛନ୍ତି । ଆମେରିକୀୟ ଖବରକାଗଜ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଏହି ସୂଚନା ପ୍ରକାଶ କରିଛି । ଏଥିରେ ରିପୋର୍ଟ ହୋଇଛି ଯେ, ଟ୍ରମ୍ପ ପରମାଣୁ ଅସ୍ତ୍ର ବିଷୟରେ ଉତ୍ତର କୋରିଆ ସହିତ କଥା ହେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏଥିରୁ କିଛି ଠୋସ୍ ଫଳାଫଳ ମିଳି ପାରିଲା ନାହିଁ।ରିପୋର୍ଟରେ କୁହାଯାଇଛି, ଟ୍ରମ୍ପ ଗତ ଏକ ବର୍ଷ ଧରି କିମ୍ ଜୋଙ୍ଗ ଉନ୍ ସହିତ ଯୋଗାଯୋଗ କରିବାକୁ ଅନେକ ଚେଷ୍ଟା କରିଛନ୍ତି, କିନ୍ତୁ କିମ୍ ଥରେ ବି ଆମେରିକାର ରାଷ୍ଟ୍ରପତିଙ୍କ ସହ କଥା ହୋଇନାହାନ୍ତି। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଉତ୍ତର କୋରିଆ ସହିତ ଯୋଗାଯୋଗ କରିବାକୁ ଅନେକ ଚେଷ୍ଟା କରିଛନ୍ତି, ଟେଲିଫୋନ୍ କଲ୍ ଠାରୁ ଆରମ୍ଭ କରି ଉତ୍ତର କୋରିଆ ମିଶନ ମାଧ୍ୟମରେ ଜାତିସଂଘକୁ ବ୍ୟକ୍ତିଗତ ଚିଠି ପଠାଇବା ପର୍ଯ୍ୟନ୍ତ କରିଛନ୍ତି। ତେବେ ଟ୍ରମ୍ପ ଉତ୍ତର କୋରିଆ ନେତାଙ୍କ ସହ କଥା ହେବାରେ ଅସମର୍ଥ ହୋଇଛନ୍ତି।ଗତ ସପ୍ତାହରେ ଏସିଆ ଗସ୍ତ ସମୟରେ, ଆମେରିକା ରାଷ୍ଟ୍ରପତି ଫିଲିପାଇନ୍ସରେ କ୍ୱାଡ୍ ଶିଖର ସମ୍ମିଳନୀରେ ଯୋଗ ଦେବା ପରେ ଆମେରିକୀୟ ଅଧିକାରୀମାନେ କିମ୍ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଏକ ମୁହାଁମୁହିଁ ବୈଠକ ଆୟୋଜନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଉତ୍ତର କୋରିଆ ନେତା ମନା କରିଦେଇଥିଲେ। ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କୁ ଭେଟିବା ପାଇଁ ଉତ୍ତର କୋରିଆ କିଛି ସର୍ତ୍ତ ରଖିଥିଲା ଯାହାକୁ ଆମେରିକା ଗ୍ରହଣ କରିବାକୁ ରାଜି ନଥିଲା।ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ କରିଛି, ଯେତେବେଳେ ଟ୍ରମ୍ପ ଟେଲିଫୋନ ଭଳି ପାରମ୍ପରିକ ଉପାୟରେ କିମଙ୍କ ସହ ଯୋଗାଯୋଗ କରିପାରି ନଥିଲେ, ସେ ନ୍ୟୁୟର୍କରେ ଥିବା ଉତ୍ତର କୋରିଆ ମିଶନ ମାଧ୍ୟମରେ କିମ୍ ଜଙ୍ଗ ଉନଙ୍କୁ ଏକ ବ୍ୟକ୍ତିଗତ ଚିଠି ପଠାଇଥିଲେ। ଏହି ସମୟ ମଧ୍ୟରେ,



ଆମେରିକୀୟ ଅଧିକାରୀମାନେ ପୁଣି ଥରେ କୂଟନୈତିକ ଆଲୋଚନା ପାଇଁ ପଥ ଖୋଲିବା ପାଇଁ ଉତ୍ତର କୋରିଆକୁ କିଛି ନୂତନ ପ୍ରସ୍ତାବ ମଧ୍ୟ ପଠାଇଥିଲେ। ତେବେ ଉତ୍ତର କୋରିଆ ଅଟଳ ରହିଥିଲା।ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଏବଂ କିମ୍ ଜଙ୍ଗ ଉନ୍ ୨୦୧୮ରେ ସିଙ୍ଗାପୁରରେ ଏବଂ ୨୦୧୯ରେ ହାନୋଇରେ ସାକ୍ଷାତ କରିଥିଲେ। ପରମାଣୁ ନିରସ୍ତ୍ରୀକରଣ ସମ୍ପର୍କରେ ଆମେରିକାର ସର୍ତ୍ତାବଳୀ ଉଲ୍ଲେଖ କରି ଫେବ୍ରୁଆରି ୨୦୧୯ରେ ହାନୋଇ ଆଲୋଚନା ବିନା କୌଣସି ଚୁକ୍ତିନାମାରେ ଭାଙ୍ଗି ଯାଇଥିଲା। ହାନୋଇ ଶିଖର ସମ୍ମିଳନୀରେ ଉତ୍ତର କୋରିଆ ଏହାର ମୁଖ୍ୟ ୟୋଙ୍ଗବ୍ୟନ୍ ପରମାଣୁ ପ୍ରତିଷ୍ଠାନ ଭାଙ୍ଗିବା ବଦଳରେ ପ୍ରାୟ ସମସ୍ତ ପ୍ରମୁଖ ଆମେରିକା ଏବଂ ଜାତିସଂଘର ଅର୍ଥନୈତିକ କଟକଣା ପ୍ରତ୍ୟାହାର କରିବାକୁ ଦାବି କରିଥିଲା ।

ଇଟାନଗରରେ ଏନଡିଆରଏଫ୍ ୧୨ତମ ବାଟାଲିୟନ୍ କ୍ୟାମ୍ପସ୍ ଉଦ୍‌ଘାଟିତ

ଇଟାନଗର : ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନ୍ଡିଆର୍ଏଫ୍)ର ୧୨ତମ ବାଟାଲିୟନ୍ କ୍ୟାମ୍ପସକୁ ଉଦ୍‌ଘାଟନ କରିଛନ୍ତି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ । ଏହି କେନ୍ଦ୍ର କେବଳ ଅରୁଣାଚଳ ପ୍ରଦେଶ ଓ ଉତ୍ତର-ପୂର୍ବାଞ୍ଚଳ ନୁହେଁ, ବରଂ ଏହାର ପଡ଼ୋଶୀ ଅଞ୍ଚଳଗୁଡ଼ିକରେ ମଧ୍ୟ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସହାୟକ ହେବ । ଏଠାରେ ଉତ୍ତର-ପୂର୍ବାଞ୍ଚଳର ସମସ୍ତ ୮ଟି ରାଜ୍ୟର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏସ୍ଡିଆର୍ଏଫ୍)ର ଯବାନମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ, ପମୁଖ୍ୟମନ୍ତ୍ରୀ ଚୌନା ମେନ୍, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ଡ. ମହେଶ ଦୀକ୍ଷିତ ଏବଂ ଏନ୍ଡିଆର୍ଏଫ୍ ମହାନିର୍ଦ୍ଦେଶକ ପୀୟୂଷ ଆନନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଅମିତ ଶାହ କହିଥିଲେ ଯେ ଅରୁଣାଚଳ ପ୍ରଦେଶ ସମେତ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ। ଏହାକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍ ସମସ୍ତ କୋଠାକୁ ଭୂମିକମ୍ପ ନିରୋଧୀ ମାନଦଣ୍ଡ ଅନୁଯାୟୀ ନିର୍ମାଣ କରାଯାଇଛି। ଏହି କେନ୍ଦ୍ର ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ପ୍ରମୁଖ ଭିତ୍ତିଭୂମି ଭାବେ କାର୍ଯ୍ୟ କରିବ। ଏଠାରେ ଯବାନଙ୍କ ପ୍ରଶିକ୍ଷଣ ପାଇଁ ଅଲିମ୍ପିକ୍ ମାନର ସନ୍ତରଣାଗାର ଓ ଡାଇଭିଂ ଟ୍ୟାଙ୍କ ମଧ୍ୟ ନିର୍ମାଣ କରାଯାଇଛି। ଇଟାନଗର ଓ ଅରୁଣାଚଳ ପ୍ରଦେଶର ସନ୍ତରଣକାରୀମାନେ



ଏହି ସନ୍ତରଣାଗାରକୁ ମାଗଣାରେ ବ୍ୟବହାର କରିପାରିବେ। ୨୦୩୬ ଅଲିମ୍ପିକ୍ସରେ ଉତ୍ତର-ପୂର୍ବାଞ୍ଚଳର କୌଣସି ସନ୍ତରଣକାରୀ ପଦକ ଜିତିଲେ, ତାଙ୍କ ସଫଳତାର ଯାତ୍ରା ଏହି ସନ୍ତରଣାଗାରରୁ ଆରମ୍ଭ ହୋଇପାରେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାରେ ଗତ କିଛି ବର୍ଷ ମଧ୍ୟରେ ବଡ଼ ପରିବର୍ତ୍ତନ ଆସିଥିବା ଶାହ କହିଥିଲେ। ପୂର୍ବରୁ ବିପର୍ଯ୍ୟୟ ଘଟିବା ପରେ ଉଦ୍ଧାର, ରିଲିଫ୍ ଓ ପୁନର୍ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବେ ଆଗୁଆ ସତର୍କ ସୂଚନା, ପ୍ରତିରୋଧ, ବିପର୍ଯ୍ୟୟର ପ୍ରଭାବ ହ୍ରାସ, ପ୍ରସ୍ତୁତି ଏବଂ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟକୁ ଗୁରୁତ୍ୱ ଦିଆଯାଉଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଫଳରେ ଏବେ ବାତ୍ୟା ସମ୍ପର୍କରେ ସାତ ଦିନ ପୂର୍ବରୁ ସତର୍କ ସୂଚନା ମିଳିପାରୁଛି। ପୂର୍ବରୁ ଏହି ସୂଚନା ମାତ୍ର ୨୪ରୁ ୪୮ ଘଣ୍ଟା ପୂର୍ବରୁ ମିଳୁଥିଲା। ଆଗୁଆ ସତର୍କ ସୂଚନା ମିଳିବା ମାତ୍ରେ ଏନ୍ଡିଆର୍ଏଫ୍ ଓ ଏସ୍ଡିଆର୍ଏଫ୍ ଯବାନମାନେ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଆବଶ୍ୟକସ୍ଥଳେ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଉଛି। ନିକଟ ଅତୀତରେ ଅନେକ ବାତ୍ୟାରେ ଜଣେ ମଧ୍ୟ ମୃତ୍ୟୁବରଣ ନକରିବା ଆଗୁଆ ପ୍ରସ୍ତୁତି ଓ ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନାର ଫଳ ବୋଲି ସେ କହିଥିଲେ। ୨୦୧୪ରୁ ୨୦୨୬ ମଧ୍ୟରେ ଏନ୍ଡିଆର୍ଏଫ୍, ଏସ୍ଡିଆର୍ଏଫ୍ ଓ ରାଜ୍ୟ ସରକାରମାନଙ୍କ ସମନ୍ୱିତ ପ୍ରୟାସରେ ଲକ୍ଷାଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିଛି। ଏହି ବ୍ୟବସ୍ଥାରେ ଗାଁ ସ୍ତରର କର୍ମଚାରୀଙ୍କଠାରୁ ଆରମ୍ଭ କରି ଏନ୍ଡିସି କ୍ୟାଡେଟ୍, ସ୍କାଉଟ୍ ଏବଂ ଆପଦା ମିତ୍ରମାନଙ୍କୁ ମଧ୍ୟ ସାମିଲ କରାଯାଇଛି। ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରତିଷ୍ଠାନଗତ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍ଡିଏମ୍ଏ), ଏନ୍ଡିଆର୍ଏଫ୍, ଏସ୍ଡିଆର୍ଏଫ୍ ଓ ରାଜ୍ୟ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖି ଏକ ସୁଦୃଢ଼ ବ୍ୟବସ୍ଥା ଗଢ଼ାଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ବର୍ତ୍ତମାନ ଦେଶର ୭୦ରୁ ଅଧିକ ସ୍ଥାନରେ ଏନ୍ଡିଆର୍ଏଫ୍ ମୁତୟନ ରହିଛି। ବନ୍ୟାପ୍ରବଣ ଅଞ୍ଚଳରେ ବନ୍ୟା ଆସିବା ପୂର୍ବରୁ ହିଁ ଏହାର ଦଳ ପହଞ୍ଚି ଆବଶ୍ୟକ ପ୍ରସ୍ତୁତି କରୁଛନ୍ତି। ଏନ୍ଡିଆର୍ଏଫ୍ ଏପର୍ଯ୍ୟନ୍ତ ୧୧ ହଜାରରୁ ଅଧିକ ଉଦ୍ଧାର ଓ ରିଲିଫ୍ ଅଭିଯାନ କରି ୧ ଲକ୍ଷ ୬୧ ହଜାରରୁ ଅଧିକ ଲୋକଙ୍କ ଜୀବନ ରକ୍ଷା କରିଛି। ଜାପାନ, ନେପାଳ, ତୁର୍କିୟେ ଓ ଶ୍ରୀଲଙ୍କା ଭଳି ଦେଶରେ ମଧ୍ୟ ଏହି ବାହିନୀ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ କରି ଭାରତର ଗୌରବ ବଢ଼ାଇଛି। ଏକଦା ଭାରତରେ ବିପର୍ଯ୍ୟୟ ଘଟିଲେ ବିଦେଶୀ ଉଦ୍ଧାରକାରୀ ଦଳ ସହାୟତା ପାଇଁ ଆସୁଥିଲେ। ଏବେ ବିଶ୍ୱର ଅନ୍ୟ ଦେଶରେ ବିପର୍ଯ୍ୟୟ ଘଟିଲେ ଭାରତର ଏନ୍ଡିଆର୍ଏଫ୍ ସହାୟତା ପାଇଁ ପହଞ୍ଚୁଛି ବୋଲି ଶାହ କହିଥିଲେ।

ନେପାଳ ଆକାଶମାର୍ଗରେ ଏୟାରକ୍ରାଫ୍ଟ ଉଡ଼ାଣ ଖବରକୁ ଖଣ୍ଡନ କଲା ଭାରତ

ନୂଆଦିଲ୍ଲୀ: ସାମରିକ ବିମାନ ଉଡ଼ାଣ ଲାଗି ଭାରତ ସରକାର, ନେପାଳ ଆକାଶମାର୍ଗ ବ୍ୟବହାର କରିବାକୁ ଅନୁମତି ମାଗିଥିଲେ । ଏଭଳି ଖବରକୁ ଖଣ୍ଡନ କରିଛନ୍ତି ଭାରତ ସରକାର । ବାଗଡୋଗ୍ରା ପ୍ରବେଶ ପଥ ଦେଇ ସାମରିକ ବିମାନ ଚଳାଚଳ ପାଇଁ ଭାରତ ନେପାଳର ଆକାଶମାର୍ଗ ବ୍ୟବହାର କରିବାକୁ ଅନୁମତି ମାଗିଥିବା ନେଇ ନେପାଳୀ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା । କିନ୍ତୁ ଏହି ଦାବିକୁ ଭାରତ ସରକାର ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ରବିବାର ସରକାର ସ୍ପଷ୍ଟ କରିଛନ୍ତି ଯେ, ଏଭଳି କୌଣସି ପ୍ରସ୍ତାବ ଉପରେ ଆଲୋଚନା ହେଉନାହିଁ । ନୂଆଦିଲ୍ଲୀ ପକ୍ଷରୁ କାଠମାଣ୍ଡୁ ନିକଟରେ ଏପରି କୌଣସି ଦାବି ରଖାଯାଇ ନାହିଁ। ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ । ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ଦୁଇ ଦିନିଆ ଭାରତ ଗସ୍ତର ଠିକ୍ ପୂର୍ବରୁ ଏଭଳି ରିପୋର୍ଟ ସାମ୍ନାକୁ ଆସିଥିଲା । ଏଥିରେ ଦାବି ହୋଇଥିଲା ଯେ, ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ବିମାନ ଯୋଗାଯୋଗ ପ୍ରସଙ୍ଗରେ ଆଲୋଚନା ହେବାର ସମ୍ଭାବନା ରହିଛି । ତେବେ ବେସାମରିକ ଏବଂ ସାମରିକ ବିମାନ ଚଳାଚଳ ମଧ୍ୟରେ ଥିବା ପାର୍ଥକ୍ୟକୁ ସରକାରୀ ସୂତ୍ରରୁ ସ୍ପଷ୍ଟ କରାଯାଇଛି। କିଛି ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଥିଲା ଯେ, ପଶ୍ଚିମବଙ୍ଗର ବାଗଡୋଗ୍ରା ବିମାନବନ୍ଦରକୁ ଯିବାଆସିବା କରୁଥିବା ବେସାମରିକ ବିମାନଗୁଡ଼ିକ ପାଇଁ ଭାରତ ନେପାଳର ଆକାଶମାର୍ଗ ବ୍ୟବହାର କରିବାକୁ ଚାହୁଁଛି । ଯାହା ପାରସ୍ପରିକ ବିମାନ ଯୋଗାଯୋଗ ଆଲୋଚନା ସହ ଜଡ଼ିତ। କିନ୍ତୁ ସାମରିକ ବିମାନ ପାଇଁ କୌଣସି ଅନୁରୋଧ କରାଯାଇ ନ ଥିବା ଭାରତ ପକ୍ଷରୁ ରୋକଠୋକ୍ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ନଭ



ବିଜୟଠୁ ୮ ୱିକେଟ ଦୂରରେ ଭାରତ

ପ୍ରତିଟି ବଲ ଉପରେ ଧ୍ୟାନ ଦେବାକୁ ହେବ : ରଚିନ ରବିନ୍ଦ୍ର

ଚତୁର୍ଥ ଦିନର ଖେଳ ସରିବା ପରେ ରଚିନ ରବିନ୍ଦ୍ର ସାମ୍ବାଦିକଙ୍କୁ କହିଛନ୍ତି ଯେ ଆମେ ଏବେ ମ୍ୟାଚରେ ବହୁତ ପଛରେ ଅଛୁ। ଭାରତର ସ୍ଥିତି ଭଲ ରହିଛି। ଆମ ପାଇଁ ଯେତେ ସମ୍ଭବ ସେତେ ଅଧିକ ସମୟ ପଡିଆରେ ବିତାଇବାକୁ ପଡିବ। ମ୍ୟାଚ ଡ୍ର କରାଇବା ପାଇଁ ନ୍ୟୁଜିଲାଣ୍ଡକୁ ଶେଷ ଦିନରେ ୯୦ ଓଭର ବ୍ୟାଟିଂ କରିବାକୁ ପଡିବ। ନ୍ୟୁଜିଲାଣ୍ଡକୁ ଆଗକୁ ମ୍ୟାଚରେ କ'ଣ ହେବ ସେ କଥା ଚିନ୍ତା ନକରି ପ୍ରତିଟି ବଲ ଉପରେ ଧ୍ୟାନ ଦେବାକୁ ପଡିବ। ମ୍ୟାଚ ବଞ୍ଚାଇବା ଏବେ ବହୁ ଦୂରରେ ରହିଛି। ଏଥିପାଇଁ ଆମେ ପ୍ରତି ବଲ ଉପରେ ଧ୍ୟାନ ଦେବୁ। ଶେଷ ଦିନ ଯଥା ସମ୍ଭବ ୯୦ ଓଭର ଖେଳିବାକୁ ଚେଷ୍ଟା କରିବୁ।

ୱେଲିଂଟନ୍ ୨୨।୧୧(ଏଜେନ୍ସି) : ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ଦମଦାର ସ୍ଥିତିରେ ରହିଛି। ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୨ ୱିକେଟ ହରାଇ ୧୧୯ ରନ କରିଛି। ଦେବନ କନୱେ ୫୯ ଏବଂ ରଚିନ ରବିନ୍ଦ୍ର ୨୬ ରନ କରି ଅପରାଜିତ ଅଛନ୍ତି। ତଥାପି ଦଳ ଭାରତର ପ୍ରଥମ ଇନିଂସ ଠାରୁ ୨୩୩ ରନ ପଛରେ ରହିଛି। ଏହା ସହ ପରାଜୟ ଏଡାଇବାକୁ ଘରୋଇ ନ୍ୟୁଜିଲାଣ୍ଡ ସଂଘର୍ଷ ଜାରି ରଖିଛି। ଭାରତକୁ ବିଜୟ ପାଇଁ ୮ ୱିକେଟ୍ ଆବଶ୍ୟକ। ଟିମ୍ ଇଣ୍ଡିଆ ପ୍ରଥମ ଇନିଂସରେ ୬୨୦/୯ ରନର ବିଶାଳ ସ୍କୋର କରିଥିଲା। ପ୍ରଥମ ପାଳି ଆଧାରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୩୫୨ ରନ ରେ ଆଗୁଆ ରହିଥିଲା। ମ୍ୟାଚରେ ଶୁଭମନ୍ ଗିଲ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ଯାହା ଦଳ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୬୮ ରନ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡର ଆରମ୍ଭ ଖରାପ ହୋଇଛି। ଯଶପ୍ରୀତ ବୁମରା ଇନିଂସର ଦ୍ୱିତୀୟ ବଲରେ ଟମ୍ ଲାଥମଙ୍କୁ ଆଉଟ୍ କରିଥିଲେ। ଏହାପରେ ଦେବନ କନୱେ ଏବଂ ହେନରି ନିକୋଲାସ ସ୍ଥିତି ସମ୍ଭାଳି ୬୦ ରନର ପାର୍ଟନରସିପ୍ କରିଥିଲେ। ଏହାପରେ ହେନରିଙ୍କୁ ୩୧ ରନରେ ପ୍ରସିଦ୍ଧ କ୍ରୀଷ୍ଣା ଆଉଟ୍ କରିଥିଲେ। ତେବେ ରଚିନ ଓ କନୱେ ଆଉ ୱିକେଟ ଝଡିବାକୁ ଦେଇନଥିଲେ। ଦୁହେଁ ଷ୍ଟମ୍ପ ଅପସାରଣ ପର୍ଯ୍ୟନ୍ତ ଅପରାଜିତ ରହି ୪୫ ଓଭରରେ ଦଳୀୟ ସ୍କୋରକୁ ୧୧୯/୨ରେ ପହଞ୍ଚାଇଥିଲେ। ମ୍ୟାଚର ଆଉ ଗୋଟିଏ ଦିନ ଖେଳ ବାକି ଥିବାରୁ ନ୍ୟୁଜିଲାଣ୍ଡ ପାଇଁ ମ୍ୟାଚ ବଞ୍ଚାଇବା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ହେବ।

ଭାରତ ଦ୍ୱିତୀୟ ଦିନର ଅସମାପ୍ତ ଖେଳ ୧୫୯/୧ ରୁ ତୃତୀୟ ଦିନ ବ୍ୟାଟିଂ ଆରମ୍ଭ କରିଥିଲା। ଲୋକେଶ ରାହୁଲ ୫୨ ରନ ଓ ଦେବଦତ୍ତ ପଡିକାଲ ୧୬ ରନ କରି ଅପରାଜିତ ଥିଲେ। ଉଭୟ ବ୍ୟାଟର ତୃତୀୟ ଦିନ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଏହି କ୍ରମରେ ପଡିକାଲ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଦୁଇ ବ୍ୟାଟର ଦମଦାର ବ୍ୟାଟିଂ କରି ଦ୍ୱିତୀୟ ୱିକେଟ ପାଇଁ ୧୬୫ ରନ ଯୋଡିଥିଲେ। ଦଳୀୟ ସ୍କୋର ୨୯୫ ରନ ବେଳେ ପଡିକାଲ ୮୦ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଇନିଂସକୁ ଆଗକୁ ବଢାଇଥିଲେ ଲୋକେଶ ରାହୁଲ ଓ ଅଧିନାୟକ ଶୁଭମନ୍ ଗିଲ। ରାହୁଲ ନିଜ ଟେଷ୍ଟ କ୍ୟାରିୟରରେ ୧୩ତମ ଶତକ ହାସଲ କରିଥିଲେ। ଉଭୟ ତୃତୀୟ ୱିକେଟ ଭାଗିଦାରୀରେ ୯୧ ରନ ଯୋଡିଥିଲେ। ରାହୁଲ ୯ ଚୌକା ଓ ୨ ଛକାସହାୟତାରେ ୧୩୬ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଗିଲ୍ ଓ ରିଷଭ ପନ୍ତ ଦ୍ରୁତ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ୧୦୦ ରନ ଯୋଡିବା ସହ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଦିନର ଶେଷ ଓଭରରେ ଗିଲ୍ ଆଉଟ୍ ହେବା ଭାରତକୁ ଝଟ୍କା ଦେଇଥିଲା। ଗିଲ୍ ୯୮ ରନ କରି ଅଳ୍ପକେ ଶତକର ବଞ୍ଚିତ ହୋଇଥିଲେ। ଏହିପରି ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ୪ ୱିକେଟ୍ ହରାଇ ୪୮୬ ରନ କରିଥିଲା। ପନ୍ତ ଦିନିକିଆ ଶୈଳୀରେ ବ୍ୟାଟିଂ କରି ୬୨ ବଲରୁ ୫ ଚୌକା ଓ ୨ ଛକା ସହାୟତାରେ ୫୫ ରନ କରି ଅପରାଜିତ ରହିଥିଲେ। ଚତୁର୍ଥ ଦିନରେ ପନ୍ତ ଶତକ ହାସଲ କରିଥିଲେ। ତାଙ୍କ ସହ ଧ୍ରୁବ ଜୁରେଲ ମଧ୍ୟ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଫଳରେ ଦଳ ୯ ୱିକେଟ୍ ହରାଇ ୬୨୦ ରନର ବିଶାଳ ସ୍କୋର କରିଥିଲା।

ଜାତୀୟ ଖୋ-ଖୋ ଚାମ୍ପିଅନସିପ ଖେଳିବେ
ବଲାଙ୍ଗିର ଝିଅ ଚାନ୍ଦିନୀ

ବଲାଙ୍ଗିର, ୨୨।୧୧(ସବ୍ୟୁ) : କ୍ରୀଡ଼ା କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲା ପାଇଁ ଆସିଛି ଗର୍ବ ଓ ଗୌରବର ଖବର। ଜିଲ୍ଲାର ଲୋଇଙ୍ଗିହା ବ୍ଲକ ଅନ୍ତର୍ଗତ ଉପରବାହାଲ ଗ୍ରାମର ଝିଅ ଚାନ୍ଦିନୀ ଜାଲ ଓଡ଼ିଶା ଜୁନିୟର ବାଳିକା ଖୋ-ଖୋ ଦଳରେ ସ୍ଥାନ ପାଇଛନ୍ତି। ସେ ୪୫ତମ ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିଅନସିପରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଗୁଜରାଟର ଭଡୋଦରାଠାରେ ନଭେମ୍ବର ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଏହି ଜାତୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ଦେଶର ବିଭିନ୍ନ ରାଜ୍ୟର ଦଳ ଏଥିରେ ଅଂଶଗ୍ରହଣ କରୁଥିବାବେଳେ ଓଡ଼ିଶା ଦଳରେ ସ୍ଥାନ ପାଇ ଚାନ୍ଦିନୀ ନିଜ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନର ସୁଯୋଗ ପାଇଛନ୍ତି। ଚାନ୍ଦିନୀଙ୍କ ଏହି ସଫଳତା ତାଙ୍କ ପରିବାର ସହିତ ଉପରବାହାଲ ଗ୍ରାମ ଓ ସମଗ୍ର ବଲାଙ୍ଗିର ଜିଲ୍ଲା ପାଇଁ ଆନନ୍ଦର ବିଷୟ ପାଲଟିଛି।



ଜାତୀୟ ସ୍ତରରେ ଓଡ଼ିଶାର ଜର୍ସି ପିନ୍ଧି ଖେଳିବାର ସୁଯୋଗ ତାଙ୍କ ନିଷ୍ଠା, ପରିଶ୍ରମ ଓ ଖେଳ ପ୍ରତି ସମର୍ପଣର ପରିଚୟ ଦେଉଛି। ଗ୍ରାମାଞ୍ଚଳରୁ ଆସି ଜାତୀୟ ସ୍ତରରେ ପହଞ୍ଚିଥିବା ଚାନ୍ଦିନୀଙ୍କ ଏହି କ୍ରୀଡ଼ା ଯାତ୍ରା ଜିଲ୍ଲାର ଅନ୍ୟ ଯୁବ କ୍ରୀଡ଼ାବିତ୍ଙ୍କ ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇଛି। ବିଶେଷକରି ଗ୍ରାମାଞ୍ଚଳର ଝିଅମାନେ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ଓ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏହା ଏକ ଉତ୍ସାହଜନକ ଉଦାହରଣ। ଚାନ୍ଦିନୀଙ୍କ ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ, ବଲାଙ୍ଗିର ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। ଜାତୀୟ ପ୍ରତିଯୋଗିତାରେ ସେ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶା ତଥା ବଲାଙ୍ଗିର ଜିଲ୍ଲାର ଗୌରବ ବୃଦ୍ଧି କରନ୍ତୁ ବୋଲି ସଂସଦ ପକ୍ଷରୁ କାମନା କରାଯାଇଛି। ଚାନ୍ଦିନୀଙ୍କ ଏହି ସଫଳତା ବଲାଙ୍ଗିରର ଗର୍ବ ଓ ଓଡ଼ିଶାର ଗୌରବ।

ଗ୍ରାଣ୍ଡ ମିନିସିଟି ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ ଚେସ୍ ଆର୍ଯ୍ୟନ୍ ଚାମ୍ପିଅନ୍

ଭୁବନେଶ୍ୱର, ୨୨।୧୧(ସବ୍ୟୁ) : ଯାଜପୁର ସେଣ୍ଟ ମେରୀ ସ୍କୁଲର ଛାତ୍ର ଆର୍ଯ୍ୟନ୍ ବେହେରା ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ଗ୍ରାଣ୍ଡ ମିନିସିଟି ରାଜ୍ୟସ୍ତରୀୟ ଅନ୍ତଃବିଦ୍ୟାଳୟ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଛନ୍ତି। ୮ ରାଉଣ୍ଡରୁ ଅପରାଜିତ ରହି ସାଢ଼େ ୭ ପଏଣ୍ଟ ହାସଲ କରି ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏସ୍ଆର୍ ଚେସ୍ ସେଣ୍ଟରର ଆନୁକୂଲ୍ୟରେ ଏବଂ ଗ୍ରାଣ୍ଡ ମିନିସିଟିର ସହଯୋଗରେ ଗ୍ରାଣ୍ଡ ବଜାରଠାରେ ଆୟୋଜିତ ଏହି ପ୍ରତିଯୋଗିତା ଉଦ୍ଘାପିତ ହୋଇଛି। ବ୍ୟକ୍ତିଗତ ବିଭାଗରେ କଟକ ସିଡିଏ ଡିଏଭିର ପୂର୍ବତନ ଜାତୀୟ ସ୍କୁଲ ଚେସ୍ ଚାମ୍ପିଅନ୍ ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ ମଧ୍ୟ ସାଢ଼େ ୭ ପଏଣ୍ଟ ହାସଲ କରିଥିଲେ। ତେବେ ଟାଇବ୍ରେକର୍ ବୁକ୍ହୋଲ୍ଜ୍ ନିୟମ ଆଧାରରେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୭ ପଏଣ୍ଟ ସହ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଆଦର୍ଶ କୁମାର ବରିହା ତୃତୀୟ ସ୍ଥାନ ହାସଲ କରିଥିଲେ। ଦଳଗତ ବିଭାଗରେ କଟକ ସିଡିଏ ଡିଏଭି ବିଦ୍ୟାଳୟ ୧୮.୫ ପଏଣ୍ଟ ସହ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରେ ପ୍ରାୟ ୯୦ଟି ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରେ ୫୨ ଜଣ ବାଳିକା ଏବଂ ୭୦ରୁ ଅଧିକ ଅନ୍ତର୍ଜାତୀୟ ଫିଡେ ରେଟେଡ୍ ଖେଳାଳି ରହିଥିଲେ। ଏହା ପ୍ରତିଯୋଗିତାର ଉଚ୍ଚ ମାନ ଓ ବ୍ୟାପକ ଅଂଶଗ୍ରହଣକୁ ପ୍ରତିଫଳିତ କରିଥିଲା। ସାର୍ଥକ ମହାନ୍ତି, ମନୀଷ ରଞ୍ଜନ ଦାସ, ନୈନିକା ସାହୁ, ଆଭିକ ଭୂଷଣ, ଓମ୍ ସ୍ୱରୂପ ପାଢ଼ୀ, ସାୟାଂଶ ଦାସ ଓ ପ୍ରାତିକା ପ୍ରଧାନ ଚତୁର୍ଥରୁ ଦଶମ ସ୍ଥାନ ମଧ୍ୟରେ ରହି ପୁରସ୍କାର ରାଶି ସହ ଟ୍ରଫି ହାସଲ କରିଥିଲେ। ଏସ୍ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଦ୍ଘାପନୀ ଉତ୍ସବ ଆୟୋଜିତ ହୋଇଥିଲା। ଗ୍ରାଣ୍ଡ ବଜାର ଓ ଗ୍ରାଣ୍ଡ ମିନିସିଟିର ପରିଚାଳନା ନିର୍ଦ୍ଦେଶକ ଆଶିଷ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିଅନ୍ ଆର୍ଯ୍ୟନ ବେହେରାଙ୍କୁ ୧୫ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନରେ ଥିବା ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକଙ୍କୁ ୧୦ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଆଦର୍ଶ କୁମାର ବରିହାଙ୍କୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମୋଟ ୫୦ ହଜାର ଟଙ୍କାର ପୁରସ୍କାର ରାଶି ସହିତ ଆକର୍ଷଣୀୟ ଚେସ୍ର ରାଜା, ରାଣୀ ଓ ରୁକ୍ ଆକୃତିର ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହୋଲ୍ଡର ହର୍ଷିତ ରଞ୍ଜନ ସାହୁଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ସ୍ୱତନ୍ତ୍ର ଏସ୍ଆର୍ ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ରାଜ୍ୟ ଚେସ୍ ସଂଘର କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତି ଓ 'ଦୂରଦର୍ଶୀ'ର ସମ୍ପାଦକ ତଥା କ୍ରୀଡ଼ାବିତ୍ ଦୁର୍ଗା ପ୍ରସାଦ ସାମନ୍ତରାୟ ଉପସ୍ଥିତ ଥିଲେ। ଏସ୍ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଜାତୀୟ ସିନିୟର ଆର୍ବିଟର ମାନସ ରଞ୍ଜନ, ମନୋଜ କୁମାର ରାୟ ପଟ୍ଟନାୟକ, ଚିତିକ୍ ସାହୁ, ଅବିନାଶ ଦାସ, ଚନ୍ଦ୍ରଶେଖର ମିଶ୍ର ଓ ଗ୍ରାଣ୍ଡ ବଜାର ମ୍ୟାନେଜର ସୌରଭ ରଥ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ
ଫୁଲବାଣୀ ଏଫଏ ଚାମ୍ପିଅନ

ଶରଣକୁଳ,(ସବ୍ୟୁ): ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଜିଲାର ସର୍ବପୁରାତନ ଲଡୁକେଶ ଆଥଲେଟିକ ଆସୋସିଏସନ, ଶରଣକୁଳ ଦ୍ୱାରା ଆୟୋଜିତ ୬୫ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ଖେଳରେ ଫୁଲବାଣୀ ଏଫ.ଏ. ୪-୨ ଗୋଲରେ ଡି.ଏ. ସୁନ୍ଦରଗଡ଼କୁ ହରାଇ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ୨୬ତମ ମିନିଟରେ ସୁନ୍ଦରଗଡ଼ ଦଳର ୧୧ନଂ ଖେଳାଳି ମହେଶ ପ୍ରଧାନଙ୍କ ଏକ ଗୋଲରେ ଦଳ ୧-୦ଆଗୁଆ ରହିଥିଲା । କିନ୍ତୁ ୩୧ତମ ମିନିଟରେ ଫୁଲବାଣୀ ଦଳର ଏକ ଅମ୍ଫାତି ଗୋଲରେ ଖେଳ ୧-୧ ସ୍ଥିତିକୁ ଆସିଥିଲା । ପରେ ଦ୍ୱିତୀୟାର୍ଦ୍ଧର ଚିତାକର୍ଷକ ଖେଳର ୨୪ତମ ମିନିଟରେ ଫୁଲବାଣୀର ୬ନଂ ଖେଳାଳି ଦୀନବନ୍ଧୁ, ୨୭ତମ ମିନିଟରେ ୧୦ନଂ ଖେଳାଳି ନୀତିଶ ଏବଂ ୩୧ତମ ମିନିଟରେ ୧୬ନଂ ଖେଳାଳି ଜୋସେଙ୍କ ୩ଟି ଗୋଲରେ ଦଳ ୪-୧ରେ ରହିଥିଲା । ପରେ ୩୭ତମ ମିନିଟରେ ସୁନ୍ଦରଗଡ଼ର ୧୧ନଂ ଖେଳାଳି ମହେଶ ପ୍ରଧାନଙ୍କ ଏକ ଗୋଲ କରି ଦଳ ୪-୨ରେ ରହିଥିଲା । ଶେଷରେ ଫୁଲବାଣୀ ୪-୨ ଗୋଲରେ ସୁନ୍ଦରଗଡ଼ ହରାଇ ବିଜୟ ଲାଭ କରିଥିଲା । ଆଜିର ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ବ୍ୟତୀତ ମୁଖ୍ୟଅତିଥି ଭାବେ ନୟାଗଡ ବିଧାୟକ ଡ଼ ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଭାବେ ରାଜ୍ୟ ସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ ଜିଲା ପରିଷଦ ଅଧକ୍ଷ ଙ୍କ ଦେବାଶିଷ ପଟ୍ଟନାୟକ, ବିଜେଡି ରାଜ୍ୟ କାର୍ଯ୍ୟକର୍ତ୍ତା କ୍ୟାପଟେନ ମନ୍ମଥ ରାଉତରାୟ, ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଗୋଡିପଡା ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଢିଆରୀ, ସାମାଜିକ କର୍ମୀ ମନସୁର ବକ୍ସ, ପ୍ରଫୁଲ କୁମାର ନାଏକ, ତ୍ରିନାଥ ବିଶ୍ୱାଳ, ପ୍ରସନ୍ନ କୁମାର ସାହୁ ଓ ପ୍ରଫୁଲ୍ଲ କୁମାର ସାହୁ ଆଦି ଯୋଗଦେଇ ବାବା ଲ ଫୋଟୋଚିତ୍ରରେ ପୁଷ୍ପ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମଧ୍ୟାନ୍ତରରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ପଡିଆରେ ଦୁଇଦଳର ଖେଳାଳୀ ଓ ରେଫେରୀଙ୍କ ସହ ପରିଚୟ ଆଦାନପ୍ରଦାନ ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ବିବରଣୀ ପାଠ କରିଥିଲେ । ଅତିଥିମାନେ ସମସ୍ତ ଖବରଦାତାମାନଙ୍କୁ ଉପଢୌକନ ସହ ପ୍ରଶଂସା ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଆତସବାଜି ପ୍ରଦର୍ଶନ ସହ ମୁଖ୍ୟଅତିଥି, ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଙ୍କ ଅଭିଭାଷଣ ପରେ ବିଜେତା ଫୁଲବାଣୀ ଦଳକୁ ଚମ୍ପିୟାନ ଟ୍ରଫି ସହ ତିରିଶ ହଜାର ଟଙ୍କା ଓ ଉପବିଜେତା ସୁନ୍ଦରଗଡ଼କୁ ଟ୍ରଫି ସହ ୨୦ହଜାର ଟଙ୍କା ଏବଂ ଆଜିର ଶ୍ରେଷ୍ଠ ଖେଳାଳି ଭାବେ ଫୁଲବାଣୀର ଖେଳାଳି ଜୋସେଫଙ୍କୁ ଟ୍ରଫି ସହ ଏକ ହଜାର ଟଙ୍କା। ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସୁନ୍ଦରଗଡ଼ର ମହେଶ ପ୍ରଧାନଙ୍କୁ ଟ୍ରଫି ସହ ଦୁଇ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ ।

ତୁଷାରକାନ୍ତ -ଅରକ୍ଷିତ ସ୍ମାରକୀ ଫୁଟବଲ
ସୁବର୍ଣ୍ଣପାଲି ଚାମ୍ପିଅନ



ପାଲଲହଡା, ୨୨।୧୧(ସବ୍ୟୁ) : ଗତ ୧୮ ତାରିଖଠାରୁ ଝିମିରିପାଲି ଫୁଟବଲ ଖେଳପଡିଆରେ ସୋହଳଗୋଟି ଦଳକୁ ନେଇ ଆୟୋଜିତ ହୋଇଆସୁଥିବା ତୁଷାରକାନ୍ତ ଓ ଅରକ୍ଷିତ ମେମୋରିଆଲ ଫୁଟବଲ ଚ୍ୟାଲେଞ୍ଜ କପ, ଝିମିରିପାଲି-୨୦୨୬ ଆଜି ଉଦଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚରେ ସୁବର୍ଣ୍ଣପାଲି ଫୁଟବଲ କ୍ଲବ ବାଲିପଶି ଫୁଟବଲ କ୍ଲବକୁ ପରାସ୍ତକରି ଚଳିତବର୍ଷର ତୁଷାରକାନ୍ତି ଓ ଅରକ୍ଷିତ ଚାମ୍ପିଅନ ଆଖ୍ୟା ଅର୍ଜନକରିବାସହିତ ନଗଦ ୧୫,୦୦୦ ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ବାଲିପଶି ଫୁଟବଲ କ୍ଲବ ନଗଦ ୧୨,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି । ତୁଷାରକାନ୍ତି ଓ ଅରକ୍ଷିତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୬ର ସଭାପତି ଧର୍ମେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ଏହି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ବାବଲୁ (ସୁବର୍ଣ୍ଣପାଲି), ବେଷ୍ଟ ସ୍କୋରରଭାବେ କୃଷ୍ଣ ଚନ୍ଦ୍ର ନାଏକ (ସୁବର୍ଣ୍ଣପାଲି), ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ରାମ ହେମ୍ବ୍ରମ (ସୁବର୍ଣ୍ଣପାଲି), ବେଷ୍ଟ ଗୋଲ କିପର୍ଭାବେ ତାପସ (ବାଲିପଶି)ଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି (ଡି.ପି.ସି.)ଅନୁଗୋଳ ଅଧକ୍ଷ ଅଶୋକ ମହାନ୍ତି,ସମ୍ମାନିତ ଅତିଥିରୂପେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଓ ଉପଖଣ୍ଡ ପୋଲିସ ଅଧିକାରୀ (ଏସ.ଡି.ପି.ଓ.) କୈଳାସ ଚନ୍ଦ୍ର ସେଠୀ, ମୁଖ୍ୟ ବକ୍ତା ଭାବରେ ମାଲ୍ୟଗିରି ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡଃ ପ୍ରଶାନ୍ତ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନୁୟ କୁମାର ସାହୁ ଏବଂ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ ।

ଡିସେମ୍ବର ପ୍ରଥମ ସପ୍ତାହରୁ ସିନିୟର ମେନ୍ କ୍ଲବ୍ କ୍ରିକେଟ୍

ବଲାଙ୍ଗିର, ୨୨।୧୧(ସବ୍ୟୁ) : ବଲାଙ୍ଗିର ଜିଲ୍ଲାର କ୍ରିକେଟ୍ ଖେଳାଳିଙ୍କ ପାଇ